EKAMAATRA

# ଏକମାତ୍ର

ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

Follow Us On @
www.ekamaatra.com
editor@ekamaatra.com
ekamaatra@gmail.com
advt@ekamaatra.com
ekamaatraodia
ekamaatranews



ପବିତ୍ର ସ୍ୱାଧୀନତା ଦିବସ ପାଳନ ଅବସରରେ 'ଏକମାତ୍ର'ର ଅଗଣିତ ପାଠକ/ପାଠିକା, ଶୁଭେଚ୍ଛୁ ତଥା ବିଜ୍ଞାପନଦାତାଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ।

ବର୍ଷ-୧ ସଂଖ୍ୟା-୩୧ ୧୪ ଅଗଷ୍ଟ - ୨୦ ଅଗଷ୍ଟ, ୨୦୧୭ ଭୁବନେଶ୍ୱର ● Monday Weekly ● VOL-1 ISSUE-31 14th August-20th August, 2017 BHUBANESWAR ₹ 5/- (8 Pages)



ହଜିଯାଉଥିବା ବାଇଚଢ଼େଇର ବସା... (ସୌଜନ୍ୟ : କୃପାସିନ୍ଧୁ ବିଶ୍ୱାଳ)

## ବାଟ ହୁଡ଼ିଛି କି ସ୍ୱାସ୍ଥ୍ୟସେବା !

# ଜନନୀ ଯନ୍ତ୍ରଣାର ଶେଷ ହେଉନି

**ଭୁବନେଶ୍ୱର :** ଦେଶରେ ୭୧ତମ ସ୍ୱାଧୀନତା ଦିବସ ପାଳନ ହେବାକୁ ଯାଉଛି। ହେଲେ ଆମ ରାଜ୍ୟରେ ସବୁ ଗାଁକୁ ସଡ଼କ ପଥରେ ଯିବା ପାଇଁ ରାସ୍ତାଟିଏ ନିର୍ମାଣ ନ ହେବା ଅତ୍ୟନ୍ତ ଲଜ୍ଜାଜନକ ଘଟଣା। ସବୁଦିନିଆ ରାସ୍ତା ନଥିବାରୁ ଗର୍ଭବତୀ ମହିଳାମାନେ ହସ୍ପିଟାଲକୁ ଠିକ୍ ସମୟରେ ପହଞ୍ଚି ପାରୁନଥିବା ଭଳି ଅଭାବନୀୟ ଘଟଣା ଦିନକୁ ଦିନ ଲୋକଲୋଚନକୁ ଆସୁଛି। କେବଳ ଆଦିବାସୀ ବହୁଳ ଜିଲ୍ଲା ନୁହେଁ ବରଂ ଉପକୂଳବର୍ତ୍ତୀ ଅଞ୍ଚଳ ମାନଙ୍କରେ ମଧ୍ୟ ଆମ୍ବୁଲାନ୍ସ ପହଞ୍ଚି ନପାରିବାରୁ ଗର୍ଭବତୀ ମହିଳା ଖଟିଆ କିମ୍ବା ଭାରରେ ବୁହା ହୋଇ ହସ୍ପିଟାଲ ପହଞ୍ଚୁଛନ୍ତି। କେଉଁଠି କେଉଁଠି ହସ୍ପିଟାଲ ପହଞ୍ଚିବା ବାଟରେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟୁଛି। ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ବ୍ଲକ ବାମ ଗ୍ରାମପଞ୍ଚାୟତ ଡୋଲିଆ ଗାଁର ଭୁଟୁଭୁଟି ସାହିରେ। ଗତ ଶୁକ୍ରବାର ଭୋରରୁ ଯଶୋବନ୍ତ ମହାନ୍ତଙ୍କ ପତ୍ନୀ ସଜନୀଙ୍କ ଗର୍ଭ ଯନ୍ତ୍ରଣା ଅସହ୍ୟ ହେବାରୁ ଆଶାକର୍ମୀ ହେମଲତା ମହାନ୍ତଙ୍କୁ ଖବର ଦିଆଯାଇଥିଲା। ଆଶାକର୍ମୀ ସଜନୀଙ୍କୁ ଡାକ୍ତରଖାନା ନେବାକୁ ୧୦୨ ଜନନୀ ଏକ୍ସପ୍ରେସ୍ ଗାଡିକୁ



ଯୋଗାଯୋଗ କରିଥିଲେ। ଗାଁ ନାଁ ଶୁଣି ଗାଡିର ଡ୍ରାଇଭର ଆସିବାକୁ ମନା କରିବାରୁ ଆଶାକର୍ମୀ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ଗାଁକୁ ସବୁଦିନିଆ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ଗର୍ଭବତୀଙ୍କ ଘର ପାଖରେ ପହଞ୍ଚିପାରି ନଥିଲା। ୨କିମି ଦୂରରେ ୧୦୮ ଆମ୍ବୁଲାନ୍ସ ରଖି ଫାର୍ମାସିଷ୍ଟ ଗର୍ଭବତୀଙ୍କ ଘର ପର୍ଯ୍ୟନ୍ତ ଚାଲିଚାଲି ଆସିଲା ବେଳକୁ ସଜନୀଙ୍କର ମୃତ୍ୟୁ ହୋଇସାରିଥିଲା। ଏହିଭଳି ଅନେକ ଘଟଣା ରାଜ୍ୟରେ ସ୍ୱାସ୍ଥ୍ୟସେବାର ବିଫଳତାକୁ ପଦାରେ ପକାଇ ଦେଇଛି। ➤ ପୃ-୭

## ଖଣି ଜରିମାନା ପ୍ରସଙ୍ଗ

# କିଏ କହୁଛି ସତ !



**ଭୁବନେଶ୍ୱର :** ସୁପ୍ରିମ୍‌କୋର୍ଟ ରାଜ୍ୟ ସରକାରଙ୍କୁ ବେଆଇନ ଖଣି ମାଲିକଙ୍କ ଠାରୁ ଶତ ପ୍ରତିଶତ ଜରିମାନା ଆଦାୟ ପାଇଁ ଦେଇଥିବା ନିର୍ଦ୍ଦେଶକୁ ନେଇ ରାଜନୀତି ବେଶ୍ ସରଗରମ। ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ, ଖଣି ନିଲାମଧାରୀଙ୍କ ନିକଟରୁ ଯେଉଁ ଜରିମାନା ଅର୍ଥ ଆଦାୟ କରାଯିବ ସେଥିରେ ଖଣି ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ କରାଯିବ। ଏହାକୁ ନେଇ ସରକାର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ସେଣ୍ଟ୍ରାଲ ଏମ୍ପାୱାର କମିଟି (ସିଇସି) ରିପୋର୍ଟ ଆଧାରରେ ପରିବେଶ ଆଇନ୍ ଉଲ୍ଲଙ୍ଘନ କରିଥିବା ଖଣି ଲିଜ୍‌ଧାରୀଙ୍କ ଠାରୁ ୧୭ ହଜାର ୫୭୯.୧୬ କୋଟି ଟଙ୍କା ଆଦାୟ କରିବାକୁ ନିଷ୍ପତ୍ତି ହୋଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ନିନ୍ଦା କରିଛି ରାଜ୍ୟ ବିଜେପି। ବିଜେପି ଅଭିଯୋଗ କରିଛି ଯେ, ସରକାର ପୂର୍ବ ନିଷ୍ପତ୍ତି ପାଳନ କରିବାରେ ବିଫଳ ହୋଇଛନ୍ତି। କଂଗ୍ରେସ ମଧ୍ୟ ସମାନ ଢଙ୍ଗରେ ଏକଥା କହିଛି। ହେଲେ ବିଜେପି କହୁଛି ଭାଜପା ରାଜ୍ୟବାସୀଙ୍କୁ ବିଭ୍ରାନ୍ତି କରିବା ଉଦ୍ୟମ କରୁଛି। ତେଣୁ ଏ ସମସ୍ତ ଅଭିଯୋଗ ଓ ବକ୍ତବ୍ୟରେ ସତ କେଉଁଠି ଅଛି ତାହା ଜାଣିବାକୁ ଅପେକ୍ଷା କରିଛନ୍ତି ରାଜ୍ୟବାସୀ। ସୂଚନାଯୋଗ୍ୟ ଯେ, ସୁପ୍ରିମ୍‌କୋର୍ଟ କହିଛନ୍ତି, ଖଣି ଲିଜ୍‌ଧାରୀ ଯେଉଁ ଜରିମାନା ଟଙ୍କା ପଇଠ କରିବେ ସେଥିରେ ଖଣି ଅଞ୍ଚଳର ବିକାଶ କରାଯିବ। ➤ ପୃ-୭

# 'ଦୁର୍ନୀତି ରୋକିବା ସମସ୍ତଙ୍କ ଦାୟିତ୍ୱ'



**ଭୁବନେଶ୍ୱର :** ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ସବୁ ସରକାରୀ ବିଭାଗରେ ଦୁର୍ନୀତି ନିବାରଣ ଶାଖା ଖୋଲିବ। ରାଜ୍ୟ ଭିଜିଲାନ୍ସର ୬୦ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହା କହିଛନ୍ତି। ଜିଲ୍ଲା ଓ ବ୍ଲକସ୍ତରରେ ଭିଜିଲାନ୍ସର କାର୍ଯ୍ୟକଳାପକୁ ସକ୍ରିୟ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ଜିରୋ ଟଲେରାନ୍ସ ନୀତି ଆପଣେଇବା ପାଇଁ ଅଧିକାରୀମାନଙ୍କୁ ନବୀନ ଆହ୍ୱାନ ଦେଇଛନ୍ତି। ରାଜ୍ୟ ଭିଜିଲାନ୍ସକୁ ୬୦ବର୍ଷ ପୂରଣ ଅବସରରେ ଭିଜିଲାନ୍ସ ପକ୍ଷରୁ ହୀରକ ଜୟନ୍ତୀ ଉତ୍ସବ ପାଳନ କରାଯାଇଛି। ଏ ନେଇ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଏକ ସ୍ୱତନ୍ତ୍ର ଉତ୍ସବ ଅୟୋଜନ କରାଯାଇଥିଲା। ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଦୁର୍ନୀତିର ପର୍ଦ୍ଦାଫାଶ କରିବା କ୍ଷେତ୍ରରେ ରାଜ୍ୟ ଭିଜିଲାନ୍ସର ଭୂମିକାକୁ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାରେ ବହୁ ଘୋଟାଲା ହେଉଥିବା ଅଭିଯୋଗ ଆସୁଛି। ତେଣୁ ଏହାକୁ ବ୍ଲକ୍ ଓ ଜିଲ୍ଲାସ୍ତରରେ ସଫଳ ରୂପେ କାର୍ଯ୍ୟରେ ପରିଣତ କରିବା ପାଇଁ ଭିଜିଲାନ୍ସ ସଜାଗ ରହିବା ଉଚିତ୍ ବୋଲି ନବୀନ କହିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ କ୍ରମାଗତ ଭାବେ ଜ୍ଞାନକୌଶଳ ଓ ଅତ୍ୟାଧୁନିକ ଯନ୍ତ୍ରପାତିର ବ୍ୟବହାର ଦ୍ୱାରା ଦୁର୍ନୀତିକୁ ଅନେକାଂଶରେ ରୋକି ପାରିବେ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଏହି ଅବସରରେ ନବୀନ ଥ୍ରୀ 'ଟି'ର କଥାକୁ ଦୋହରାଇଛନ୍ତି। ଟିମ୍ ୱାର୍କ, ଟ୍ରାନ୍ସଫରେନ୍ସି ଓ ଟେକ୍ନୋଲୋଜି ଉପରେ ଅଲୋକପାତ କରି ଭିଜିଲାନ୍ସ ଉତ୍ତମ ପ୍ରଶାସନ ଦ୍ୱାରା ଲୋକଙ୍କ ଅସ୍ଥାଭାଜନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ମୁଖ୍ୟ ଶାସନ ସଚିବ ଆଦିତ୍ୟପ୍ରସାଦ ପାଢ଼ୀ ଓ ଭିଜିଲାନ୍ସ ନିର୍ଦ୍ଦେଶକ ଆର୍‌ପି ଶର୍ମା ଯୋଗଦେଇ ଭିଜିଲାନ୍ସର କାର୍ଯ୍ୟଦକ୍ଷତା ଓ ଦୁର୍ନୀତି ରୋକିବା ଉପରେ ଅଧିକାରୀମାନଙ୍କ କାର୍ଯ୍ୟ ପ୍ରତି କୃତଜ୍ଞତା ଜଣାଇଥିଲେ। ➤ ପୃ-୭

# ଏକତାବଦ୍ଧ ହୋଇ କାମ କଲେ ସ୍ୱପ୍ନ ପୂରଣ ହେବ : ମୋଦି



**ନୂଆଦିଲ୍ଲୀ :** ଭାରତ ଛାଡ଼ ଆନ୍ଦୋଳନର ୭୫ତମ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକସଭାରେ ଉଦ୍‌ବୋଧନ ଦେଇ ଦୁର୍ନୀତିମୁକ୍ତ, ଆତଙ୍କବାଦ ଓ ଦାରିଦ୍ର୍ୟମୁକ୍ତ ନବ ଭାରତ ଗଠନ ପାଇଁ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ଆମେ ସମସ୍ତେ ମିଶି ଏଭଳି ଏକ ଭାରତ ଗଠନ କରିବା, ➤ ପୃ-୭

# ଅଧାରୁ ପାଠ ଛାଡ଼ିଲେ ୯ ଜିଲ୍ଲାର ୩ଲକ୍ଷ କିଶୋରୀ

**ଭୁବନେଶ୍ୱର :** ଶୈଶବ ଓ କିଶୋର ଅବସ୍ଥାରେ ପାଠଶାଳା ନଛାଡିବାକୁ କେନ୍ଦ୍ର ସରକାରଙ୍କ ଜରିଆରେ ରାଜ୍ୟରେ ଏକାଧିକ ଯୋଜନା ଚାଲୁରହିଥିଲେ ମଧ୍ୟ ତାହା ଫସର ଫାଟିଥିବା ଜଣାପଡିଛି। ଓଡ଼ିଶାର ୯ଟି ଜିଲ୍ଲାରେ ୧୧ବର୍ଷରୁ ୧୪ବର୍ଷ ଓ ୧୪ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ବାଳିକା ପାଠଛାଡିବା ଘଟଣା ଏବେ ସରକାରଙ୍କ ଚିନ୍ତାକୁ ବଢାଇ ଦେଇଛି । ବିଶେଷକରି ୯ଟି ଜିଲ୍ଲା ବରଗଡ଼, ଭଦ୍ରକ, କଟକ, ଗଜପତି, କଳାହାଣ୍ଡି, କୋରପୁଟ, ମୟୂରଭଞ୍ଜ, ପୁରୀ ଓ ସୁନ୍ଦରଗଡ଼ରୁ ଚଳିତ ବର୍ଷ ହାରାହାରି ୩୦ ହଜାର ବାଳିକା ଅଧାରୁ ପାଠଛାଡିବା ଘଟଣା ଅତ୍ୟନ୍ତ ଚିନ୍ତାଜନକ ହୋଇଛି। ➤ ପୃ-୭

# ବକେୟା ଆଦାୟ ପାଇଁ ବିଜୁଳି ବିଭାଗ ତତ୍ପର

**ଭୁବନେଶ୍ୱର :** ରାଜ୍ୟରେ ବିଭିନ୍ନ ସରକାରୀ ବିଭାଗ ଉପରେ ବର୍ଷ ବର୍ଷ ହେଲା ବାକି ପଡ଼ିଥିବା ବିଜୁଳି ଦେୟ ଆଦାୟ ଲାଗି ସରକାର ତତ୍ପରତା ଦେଖାଇଛନ୍ତି। ଖୁବ୍‌ଶୀଘ୍ର ବକେୟା ଦେୟର ଦାବି ବିଭିନ୍ନ ବିଭାଗକୁ ପଠାଇବାକୁ ବିଭାଗୀୟ ସଚିବଙ୍କୁ ସରକାର ନିର୍ଦ୍ଦେଶ ଦେଇଥିବା ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ। ସେହିପରି ବିଦ୍ୟୁତ୍ କ୍ଷତି ହ୍ରାସ ଏବଂ ଭିତ୍ତିଭୂମି ବିକାଶ ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ମଧ୍ୟ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ କହିଛନ୍ତି। ଗତ ୨୦ ବର୍ଷ ମଧ୍ୟରେ ରାଜ୍ୟରେ ଉପଭୋକ୍ତାଙ୍କ ସଂଖ୍ୟା ପ୍ରାୟ ୫ ଗୁହ ବୃଦ୍ଧି ପାଇଥିଲେ ହେଁ ଏ ସଂକ୍ରାନ୍ତରେ ଆବଶ୍ୟକ ଭିତ୍ତିଭୂମିର ବିକାଶ ହୋଇ ପାରିନାହିଁ । ➤ ପୃ-୭

## ଜିଆଇ ମାନ୍ୟତାରେ ବାଂଲାଦେଶ ଇଲିସି

# କ୍ଷତିଗ୍ରସ୍ତ ଭାରତ ଓ ମ୍ୟାଁମାର

**କୋଲକାତା :** ଓଡ଼ିଶା ଓ ପଶ୍ଚିମବଙ୍ଗ ଲୋକଙ୍କ ପ୍ରିୟ ପସନ୍ଦ ମାଛରାଣୀ ଇଲିସି (ହିଲ୍‌ସା)ର ଜିଆଇ ମାନ୍ୟତା ହାସଲ କରିଛି ବାଂଲାଦେଶ। ଏବେ ବିଶ୍ୱବଜାରରେ ବାଂଲାଦେଶୀ ଇଲିସିର ଚାହିଦା ଢେର ବଢ଼ିଯିବ। ମାନ୍ୟତା ପାଇବା ପରେ ହିଲ୍‌ସାର ଅନ୍ତର୍ଜାତୀୟ ଦର ମଧ୍ୟ ବୃଦ୍ଧି ଘଟିବ ଓ ଏହାର ଫାଇଦା ନେବ ବାଂଲାଦେଶ। ଏହି ଏକନମ୍ବର ମାଛ ଆମ ଲୋକଙ୍କ ପ୍ରିୟ ଖାଦ୍ୟ ହୋଇଥିଲେ ବି ଏହାର ମାନ୍ୟତାରୁ ବଞ୍ଚିତ ହୋଇଛି ଭାରତ। ଫଳରେ ବିଶ୍ୱ ଦରବାରରେ ଇଲିସିକୁ ନେଇ ବାଂଲାଦେଶ ଏକ ସ୍ୱତନ୍ତ୍ର ➤ ପୃ-୭



୭୧ତମ ସ୍ୱାଧୀନତା ଦିବସ ଉପଲକ୍ଷେ ସମଗ୍ର ରାୟଗଡାବାସୀଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା । ଆସନ୍ତୁ ସମସ୍ତେ ମିଳିମିଶି ରାୟଗଡା ଜିଲ୍ଲାକୁ ଭାରତବର୍ଷର ଏକନମ୍ବର ଜିଲ୍ଲା ରୂପେ ଗଢିତୋଳିବା ପାଇଁ ସଂକଳ୍ପ ନେବା ।



ଶ୍ରୀମତୀ ଗୁହା ପୁନମ ତାପଶ କୁମାର
ଭା.ପ୍ର.ସେ.
ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ, ରାୟଗଡା



ଶ୍ରୀ ରାହୁଲ.ପି. ଆର
ଆଇ.ପି.ଏସ୍.
ଆରକ୍ଷୀ ଅଧିକ୍ଷକ, ରାୟଗଡା



Biswanath Jena
Cell : 9437841167
9040931829
E-mail : recycleworld.bbsr@gmail.com
RECYLE WORLD
... The Cartridge Refilling Station



Infront of R.D. Womens College, Fancy Market, Sahid Nagar, Bhubaneswar-7



ସ୍ୱାଧୀନତା ଦିବସର ପବିତ୍ର ଅବସରରେ ୮ନଂ. ୱାର୍ଡବାସୀଙ୍କୁ ଆନ୍ତରିକ ଅଭିନନ୍ଦନ ଓ ହାର୍ଦ୍ଦିକ ଶୁଭେଚ୍ଛା।
ମୋନାଲିସା ସାହୁ
କର୍ପୋରେଟର
ଭୁବନେଶ୍ୱର ମହାନଗର ନିଗମ



ସ୍ୱାଧୀନତା ଦିବସର ପବିତ୍ର ଅବସରରେ କେନ୍ଦୁଝର ଜିଲ୍ଲା, ରାଜ୍ୟ ଓ ଦେଶବାସୀଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। କଲ୍ୟାଣମୟୀ ମା' ଜଗତ୍ ଜନନୀ ସବୁରି ମନରେ ସୁଖ ଓ ଶାନ୍ତ ଭରିଦିଅନ୍ତୁ। ମା' ଜଗତ୍ ଜନନୀଙ୍କ ନିକଟରେ ମୋର ପ୍ରାର୍ଥନା।



ସନାତନ ମହାକୁଡ଼
ମ୍ୟାନେଜିଂ ପାର୍ଟନର
ଜଗତ୍ ଜନନୀ ସର୍ଭିସେସ୍
ନମ୍ପିରା,ବାମେବାରୀ,କେନ୍ଦୁଝର



## କେମିତି କଟିବ ଏ ସପ୍ତାହ

ସୋମବାରରୁ ବୁଧବାର ଅତ୍ୟନ୍ତ ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ସପ୍ତାହର ଶୁକ୍ରବାର ଏବଂ ଶନିବାର ଯଥେଷ୍ଟ ଶୁଭଫଳ ପ୍ରାପ୍ତିର ଯୋଗ ରହିଛି। ରବିବାର ଦିନଟି ଅଶୁଭ ଓ ଘାତଚନ୍ଦ୍ର ଯୋଗ ରହିଛି। ତେଣୁ ଜଗିରଖି ଚଳିବାକୁ ପଡିବ।

ସପ୍ତାହର ଆରମ୍ଭରୁ ଗୁରୁବାର ପର୍ଯ୍ୟନ୍ତ ଅତ୍ୟନ୍ତ ଅଶୁଭଯୋଗ, ହତାଶାଭାବ ଏବଂ ଦ୍ରବ୍ୟ ହାନୀର ଆଶଙ୍କା ରହିଛି। ଶୁକ୍ରବାରଠାରୁ ରବିବାର ପର୍ଯ୍ୟନ୍ତ ପ୍ରେମ ସମ୍ପର୍କ ବୃଦ୍ଧି ଏବଂ ଦାମ୍ପତ୍ୟ ଜୀବନ ସୁଖମୟ ହେବାର ଜଣାପଡେ। ଗୃହରେ ଶାନ୍ତି ଫେରିଆସିବ।

ସୋମବାର ଯଶପ୍ରାପ୍ତି ଓ ସମ୍ମାନିତ ହେବାର ଯୋଗ ରହିଛି। ଏହାବ୍ୟତୀତ ଏ ସପ୍ତାହର ସମସ୍ତ ବାର ଅଶୁଭ ଫଳ ପ୍ରଦାନ କରିବାର ଜଣାପଡେ। ତେଣୁ ଜଗିରଖି ଚଳିବାକୁ ହେବ।

ସପ୍ତାହର ଆରମ୍ଭରୁ ପରିବାରରେ ହସଖୁସି ଲାଗି ରହିବ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ସଫଳତା ଲାଭ କରିବେ। ମାନସମ୍ମାନ ବୃଦ୍ଧି ସହ ଦ୍ରବ୍ୟଲାଭ, ଅର୍ଥଲାଭ ଏବଂ ସମସ୍ତ ପ୍ରାପ୍ତିର ସୁବର୍ଣ୍ଣଯୋଗ ରହିଛି।

ସପ୍ତାହଟି ଆପଣଙ୍କ ପାଇଁ ଅତ୍ୟନ୍ତ ଅଶୁଭକାରକ। ହତାସା ଓ ନୈରାଶ୍ୟରେ ସପ୍ତାହସାରା ଗତି କରିବାକୁ ପଡିବ। ତେଣୁ ଜଗିରଖି ବାଟ ନ ଚାଲିଲେ ବିପଦ ପଡିବାର ଆଶଙ୍କା ରହିଛି।

ସୋମବାର, ମଙ୍ଗଳବାର ସମସ୍ତ ପ୍ରକାର ଶୁଭଫଳ ପ୍ରାପ୍ତିଯୋଗ ରହିଛି। ବୁଧବାର, ଗୁରୁବାର ଓ ଶନିବାର ଅଶୁଭ ଫଳ ପ୍ରଦାନ କରିବ। କିନ୍ତୁ ଶୁକ୍ରବାର ଦିନ ଧନପ୍ରାପ୍ତିର ଯୋଗ ରହିଅଛି।

ସୋମବାରରୁ ବୁଧବାର ପର୍ଯ୍ୟନ୍ତ ସମସ୍ତ ଶୁଭଫଳ ପ୍ରାପ୍ତ ସହ ଭଲ ଯୋଗ ରହିଛି। ଗୁରୁବାରରୁ ଶନିବାର ମଧ୍ୟରେ ମିଶ୍ରିତ ଫଳ ପାଇବାର ଆଶା ଦେଖାଯାଏ। ମୋଟାମୋଟି ସପ୍ତାହଟି ଭଲରେ କଟିବ।

ସାପ୍ତାହିକ ଗଣନା ଅନୁଯାୟୀ ଏ ସପ୍ତାହରେ ଆପଣ ସମସ୍ତ ପ୍ରକାର ଶୁଭଫଳ ଲାଭ କରିବେ। କିନ୍ତୁ ଶନିବାର ବନ୍ଧନ ଭୟ ଯୋଗ ରହିଥିବାରୁ ଏଥିପାଇଁ ସତର୍କତା ଅବଲମ୍ବନ ଜରୁରୀ।

ଏ ସପ୍ତାହରୁ ଆପଣଙ୍କର ଭାଗ୍ୟ ଉଦୟ ଆରମ୍ଭ ହେବ। ଉନ୍ନତି ପାଇଁ ପଥ ପରିଷ୍କାର ହେବା ସହିତ ଶତ୍ରୁମାନେ ଦୂରେଇ ଯିବେ। ପ୍ରତ୍ୟେକ କ୍ଷେତ୍ରରେ ଆପଣ ଲାଭାବନ ହେବା ସହିତ ଆଗକୁ ଗତିକରିବା ଆଶା ଦେଖାଦିଏ।

ଏ ସପ୍ତାହ ଆପଣଙ୍କ ପାଇଁ ଆଦୌ ଶୁଭପ୍ରଦ ନୁହେଁ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ହେବ। ଶୁଭଫଳ ଅପେକ୍ଷା ସପ୍ତାହ ସାରା ବିଶେଷ ଅଶୁଭ ଫଳ ପ୍ରଦାନ କରିବ।

ସପ୍ତାହର ପ୍ରଥମ ଦିନରୁ ଶୁଭଫଳ ପ୍ରଦାନ କରିବା ଆରମ୍ଭ ହେବ। ପରିବାରରେ ଶାନ୍ତି ବିରାଜମାନ କରିବା ସହିତ ସର୍ବସମ୍ପଦ ଲାଭ ଯୋଗ ଦେଖାଦିଏ। ପରିବାରରେ ଶାନ୍ତି ବଜାୟ ରହିବ। ଏଣୁ ଏ ସପ୍ତାହ ଭଲରେ ବିତିବ।

ସୋମବାର ପ୍ରଚୁର ଧନଲାଭ ହେବ। ମଙ୍ଗଳବାର ଚୋରି ଭୟ ରହିଛି। ବୁଧବାର ଦିନ ଯଶପ୍ରାପ୍ତି ହେବ। ଗୁରୁବାର ହାନୀକାରକ ଏବଂ ଶୁକ୍ରବାର ସାହାଯ୍ୟକାରୀ ଶନି ଅଶୁଭରେ ଥିବା ଜଣାଯାଏ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

## ୩୭୦ ଧାରା ଉଚ୍ଛେଦ ମାମଲା

# ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ

**ନୂଆଦିଲ୍ଲୀ :** ସମ୍ବିଧାନର ୩୭୦ ଧାରା ବୈଧତାକୁ ଚାଲେଞ୍ଜ କରି ଆଗତ ଏକ ଆବେଦନକୁ ସୁପ୍ରିମ୍‌କୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏହି ଧାରାରେ ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ମିଳିଛି। ଆବେଦନକାରୀ ଦର୍ଶାଇଛନ୍ତି ଯେ, ୩୭୦ ଧାରା ରଦ୍ଦ ହୋଇସାରିଛି। ସେ ଦୃଷ୍ଟିରୁ ଜାମ୍ମୁ-କାଶ୍ମୀର ପାଇଁ ଗଠିତ ସ୍ୱତନ୍ତ୍ର ସମ୍ବିଧାନକୁ ବେଆଇନ ଘୋଷଣା କରାଯାଉ। ତେବେ ଏହାକୁ ସୁପ୍ରିମ୍‌କୋର୍ଟ ଗ୍ରହଣ କରିବା ସହ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ୪ ସପ୍ତାହ ଭିତରେ ନୋଟିସର ଜବାବ ଦେବାକୁ ପ୍ରଧାନ ବିଚାରପତି ଜେ.ଏସ୍. ଖେହରଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ମଧ୍ୟ ଏ ସଂକ୍ରାନ୍ତରେ ୩ଟି ପୃଥକ ପୃଥକ ମାମଲା ମଧ୍ୟ ସୁପ୍ରିମ୍‌କୋର୍ଟରେ ବିଚାରାଧୀନ ରହିଛି। ସମ୍ବିଧାନର ୩୫-କ ଧାରାକୁ ନେଇ ବିବାଦ ଲାଗି ରହିଥିବା ସମୟରେ ୩୭୦ ଧାରା ଉଚ୍ଛେଦ ମାମଲା ସୁପ୍ରିମ୍‌କୋର୍ଟକୁ ଆସିଛି। ୩୫-କ ଧାରାରେ ରାଜ୍ୟର ସ୍ଥାୟୀ ନାଗରିକ ନିର୍ଦ୍ଧାରଣ କରିବାର କ୍ଷମତା ଜାମ୍ମୁ-କାଶ୍ମୀର ବିଧାନସଭାକୁ ମିଳିଛି। ଏହି ଧାରାକୁ ମଧ୍ୟ ଉଠାଇ ଦେବା ଲାଗି ରାଜ୍ୟର ଶାସକ ବିଜେପି ମେଣ୍ଟ ଚାହୁଁଛି। ମାତ୍ର ତାକୁ ମେଣ୍ଟ ସହଯୋଗୀ ପିଡିପି ବିରୋଧ କରିଛି। ଇତିମଧ୍ୟରେ ନ୍ୟାସନାଲ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲା କହିଛନ୍ତି ଯେ, ୩୫-କ ଧାରା ଉଚ୍ଛେଦ ହେଲେ ରାଜ୍ୟବ୍ୟାପୀ ବିଦ୍ରୋହ ଦେଖାଦେବ। ଲୋକେ ସ୍ୱତଃପ୍ରବୃତ୍ତ ଭାବେ ଆନ୍ଦୋଳନକୁ ଓହ୍ଲାଇବେ। ଯାହାକି ୨୦୦୮ରେ ଅମରନାଥ ଜମି ବିବାଦ ବେଳେ ଦେଖାଦେଇଥିଲା। ସେତେବେଳେ ଲୋକେ ରାତାରାତି ଆନ୍ଦୋଳନକୁ ଓହ୍ଲାଇଥିଲେ। ତେଣୁ ଏହି



ଧାରା ଉଚ୍ଛେଦରୁ ନିବୃତ୍ତ ରହିବା ଲାଗି ସେ କେନ୍ଦ୍ର ସରକାର ଓ ବିଜେପିକୁ ପରାମର୍ଶ ଦେଇଛନ୍ତି। ପ୍ରକୃତରେ ୩୫-କ ଧାରା ୧୯୫୪ ମେ' ୧୪ରେ ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଆଦେଶରେ ସମ୍ବିଧାନରେ ସାମିଲ କରାଯାଇଥିଲା। କିନ୍ତୁ ଏଥିପାଇଁ ସଂସଦରେ କୌଣସି ବିଲ୍ ଅଣାଯାଇ ନଥିଲା କିମ୍ବା ସମ୍ବିଧାନ ସଂଶୋଧନ ମଧ୍ୟ କରାଯାଇ ନଥିଲା। ବିଜେପି ଓ ଆର୍‌ଏସ୍‌ଏସ୍ ଜାମ୍ମୁ-କାଶ୍ମୀର ପାଇଁ ଲାଗୁ ହୋଇଥିବା ୩୭୦ ଧାରାକୁ ଉଠାଇ ଦେବା ଲାଗି ଚାହୁଁଛନ୍ତି। ମାତ୍ର ତାକୁ ଉଠାଇବାକୁ ହେଲେ ବିଧାନସଭାରେ ପ୍ରସ୍ତାବ ପାରିତ କରିବା ସହ ସମ୍ବିଧାନ ସଂଶୋଧନ କରିବାକୁ ପଡିବ। ହୁଏତ ବିଜେପି ଏହାର ସଂଖ୍ୟାଗରିଷ୍ଠତା ଦୃଷ୍ଟିରୁ ସଂସଦରେ ସାମ୍ବିଧାନିକ ପ୍ରସ୍ତାବ ଗୃହୀତ କରିପାରେ। ମାତ୍ର ରାଜ୍ୟ ବିଧାନସଭାରେ ଏହା ଗୃହୀତ ହେବା ସମ୍ଭବ ନୁହେଁ। ସେହିଭଳି ୩୭୦ ଧାରା ପଛରେ ଶକ୍ତି ଭଳି ଲାଗି ରହିଛି ଧାରା ୩୫-କ। ଏହି ଧାରା ଅନୁସାରେ ଜଣେ ବହିରାଗତ ବ୍ୟକ୍ତି ଜାମ୍ମୁ-କାଶ୍ମୀରରେ ସମ୍ପତ୍ତି କିଣିପାରିବ ନାହିଁ କିମ୍ବା ରହିପାରିବ ନାହିଁ। ସେ ଭୋଟ୍ ଦେଇପାରିବେ ନାହିଁ କିମ୍ବା ବିଧାନସଭା ନିର୍ବାଚନରେ ଅଂଶଗ୍ରହଣ କରିପାରିବେନାହିଁ। ଏପରିକି ସେ ଜାମ୍ମୁ-କାଶ୍ମୀର ସରକାରଙ୍କ ଅଧୀନରେ ଚାକିରି କରିପାରିବେ ନାହିଁ। ୨୦୧୫ ଡିସେମ୍ବରରେ ଆର୍‌ଏସ୍‌ଏସ୍ ସହ ସଂଶ୍ଳିଷ୍ଟ ଏକ ସଂଗଠନ 'ୱି ଦି ସିଟିଜନ' ପକ୍ଷରୁ ୩୫-କ ଧାରା ଉଚ୍ଛେଦ ଦାବିରେ ସୁପ୍ରିମ୍‌କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। କେନ୍ଦ୍ର ସରକାର ଏହାର ଜବାବରେ ଦର୍ଶାଇଥିଲେ ଯେ, ଯେହେତୁ ଏହା ଜଟିଳ ସାମ୍ବିଧାନିକ ପ୍ରସଙ୍ଗ, ତେଣୁ ସୁପ୍ରିମ୍‌କୋର୍ଟ ଏହା ଉପରେ ଯଥାର୍ଥ ନିଷ୍ପତ୍ତି ନେଇପାରିବ। ଅପରପକ୍ଷରେ ୩୫-କ ଧାରା ଉଚ୍ଛେଦକୁ କଂଗ୍ରେସ, ସିପିଏମ୍ ଓ ଏନ୍‌ସି ସମେତ ଅନ୍ୟ କେତେକ ଦଳ ବିରୋଧ କରିଛନ୍ତି।

# ନିଲାମ ହେବ ପ୍ରିନ୍ସ ଡାଏନାଙ୍କ ଚିଠି

**ବୋଷ୍ଟନ୍ :** ପ୍ରିନ୍ସ ଡାଏନାଙ୍କ ହସ୍ତଲିଖିତ ୩୩ଟି ଚିଠି ୧,୨୫,୦୦୦ ଆମେରିକୀୟ ଡଲାରରୁ ଅଧିକ ମୂଲ୍ୟରେ ନିଲାମ ହେବା ଆଶା କରାଯାଉଛି। ଏହିସବୁ ଚିଠିରେ ତାଙ୍କର ବିଡମ୍ବିତ ବିବାହ ଏବଂ ବ୍ୟକ୍ତିଗତ ନିରାପତ୍ତା ପ୍ରତି ବିପଦ ଥିବା ବିଷୟ ଉଲ୍ଲେଖ ରହିଛି। ୧୯୭୮ରୁ ୧୯୯୭ ମଧ୍ୟରେ ଉକ୍ତ ଚିଠିଗୁଡ଼ିକ ତାଙ୍କର ଅନ୍ତରଙ୍ଗ ବାନ୍ଧବୀ କାରୋଲିନ୍ ପ୍ରାଇଡ୍ ବାର୍ଥେଲୋମିଉଙ୍କୁ ସମ୍ବୋଧନ କରି ଲେଖାଯାଇଛି। କାରୋଲିନ୍ ହେଉଛନ୍ତି ଡାଏନାଙ୍କର ଅନ୍ତରଙ୍ଗ ବାନ୍ଧବୀ। ସେମାନେ ୧୨ ବର୍ଷ ବୟସ ବେଳେ ୱେଷ୍ଟ ହିଥ୍ ସ୍କୁଲରେ ପରସ୍ପରକୁ ଭେଟିଥିଲେ। ଜାନୁଆରୀ ୧୯୮୦ରୁ ୧୯୮୨ ମଧ୍ୟରେ ଡାଏନାଙ୍କ ଜୀବନର କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣାବଳି ଏହି ଐତିହାସିକ ଦଲିଲ୍‌ରେ ଲିପିବଦ୍ଧ ହୋଇ ରହିଛି। ଏହି ସମୟ ମଧ୍ୟରେ ପ୍ରିନ୍ସ ଚାର୍ଲସଙ୍କ ସହିତ ଡାଏନାଙ୍କ ବିବାହ, ଦୀର୍ଘ ୩ମାସ ବ୍ୟାପୀ ମଧୁଚନ୍ଦ୍ରିକା, ଡାଏନାଙ୍କ ପ୍ରଥମ ଗର୍ଭଧାରଣ ଏବଂ ବିବାହର ପ୍ରାରମ୍ଭିକ ବର୍ଷର କେତେକ ଗୁରୁତ୍ୱପୂର୍ଣ୍ଣ ଘଟଣା ଏଥିରେ ଉଲ୍ଲେଖ ରହିଛି ବୋଲି ଆମେରିକାର ଆରଆର ଅକ୍ସନ୍ ହାଉସ୍ ପକ୍ଷରୁ କୁହାଯାଇଛି। ଚାର୍ଲସଙ୍କୁ ବିବାହ ପରେ ତାଙ୍କର ପ୍ରେମିକା କାମିଲା ପାର୍କରଙ୍କ ପ୍ରତି ଡାଏନାଙ୍କ ସନ୍ଦେହ ଘନୀଭୂତ ହୋଇଥିଲା। ପରବର୍ତ୍ତୀ ପରିସ୍ଥିତିରେ ତାଙ୍କ ସନ୍ଦେହ



ସତ୍ୟରେ ପରିଣତ ହୋଇଛି ଏବଂ ବର୍ତ୍ତମାନ କାମିଲା ହେଉଛନ୍ତି ପ୍ରିନ୍ସ ଚାର୍ଲସଙ୍କ ପତ୍ନୀ। ସେ ମଧ୍ୟ କେତେକ ଚିଠିରେ ନିଜ ନିରାପତ୍ତା ପ୍ରତି ବିପଦ ଥିବା, ସବୁବେଳେ ଚାପରେ ରହୁଥିବା ଏବଂ ଗଣମାଧ୍ୟମ ତାଙ୍କୁ ସବୁବେଳେ ଅନୁସରଣ କରୁଥିବା ନେଇ ସେ ନିରାଶ ହେଉଥିବା ବିଷୟ ଉଲ୍ଲେଖ କରିଛନ୍ତି। ଡାଏନାଙ୍କର ମୋଟ ୩୩ଟି ହସ୍ତଲିଖିତ ଚିଠି ମିଳିଛି। ତନ୍ମଧ୍ୟରୁ ୨୮ଟି ଚିଠି ସେ ହାତରେ ଲେଖିଥିବା ବେଳେ ଏଥିରେ ସ୍ୱାକ୍ଷର କରିଛନ୍ତି। ୬୦ ଫର୍ଦ୍ଦ ବିଶିଷ୍ଟ ଚିଠିରେ ୧୦୯ ପୃଷ୍ଠା ଲେଖାଯାଇଛି।

# ଡିସେମ୍ବର ୫ରୁ ଅଯୋଧ୍ୟା ମାମଲାର ପରବର୍ତ୍ତୀ ଶୁଣାଣି

**ନୂଆଦିଲ୍ଲୀ :** ବହୁ ଚର୍ଚ୍ଚିତ ଅଯୋଧ୍ୟାର ଶ୍ରୀରାମ ଜନ୍ମଭୂମି-ବାବ୍ରି ମସ୍‌ଜିଦ୍ ବିବାଦର ପରବର୍ତ୍ତୀ ଶୁଣାଣି ଆଗାମୀ ଡିସେମ୍ବର ୫ ତାରିଖରେ ହେବ। ଦୀର୍ଘ ୭ ବର୍ଷ ପରେ ସୁପ୍ରିମ୍ କୋର୍ଟରେ ଏହି ମାମଲାର ଶୁଣାଣି ଆରମ୍ଭ ହୋଇଥିଲା। ବିଚାରପତି ଦିପକ ମିଶ୍ର, ଅଶୋକ ଭୂଷଣ ଓ ଅବଦୁଲ ନଜିରଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଅପରାହ୍ନ ୨ଟାରେ ମାମଲାର ଶୁଣାଣୀ ଆରମ୍ଭ କରିଥିଲେ। ଏହି ଅବସରରେ ଖଣ୍ଡପୀଠ ସୁନି ୱାକଫ୍ ବୋର୍ଡ ପକ୍ଷରୁ ସର୍ବୋଚ୍ଚ ଅଦାଲତ ନିକଟରେ ଦାଖଲ ହୋଇଥିବା ଦସ୍ତାବିଜ୍‌କୁ ଇଂରାଜୀରେ ଅନୁବାଦ କରିବା ପାଇଁ କୁହାଯାଇଛି। ଏଥିପାଇଁ ଖଣ୍ଡପୀଠ ୱାକଫ୍ ବୋର୍ଡକୁ ୧୨ ସପ୍ତାହ ବା ୩ ମାସ ସମୟ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ବିବାଦରେ ଆଲ୍‌ହାବାଦ୍ ହାଇକୋର୍ଟଙ୍କ ରାୟ ବିରୋଦ୍ଧରେ ଏକାଧିକ ଆବେଦନର ସୁପ୍ରିମ୍ କୋର୍ଟ ଶୁଣାଣି କରୁଛନ୍ତି। ଖଣ୍ଡପୀଠ ସମ୍ପୃକ୍ତ ପକ୍ଷଙ୍କୁ ଉପସ୍ଥାପନ କରାଯାଇଥିବା ଦସ୍ତାବିଜ୍‌ର ଇଂରାଜୀ ଅନୁବାଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତରପ୍ରଦେଶ ସରକାରଙ୍କୁ ରେକର୍ଡ ହୋଇଥିବା ପ୍ରମାଣପତ୍ରର ୧୦ ସପ୍ତାହ ମଧ୍ୟରେ ଇଂରାଜୀ ଅନୁବାଦ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଡିସେମ୍ବର ୫ରୁ ଶୁଣାଣି ନିରବଚ୍ଛିନ୍ନ ଭାବେ ଚାଲିବ ଏବଂ ଆଦୌ ଶୁଣାଣି ବନ୍ଦ ହେବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଦେଇଛନ୍ତି। ରାମଲାଲାଙ୍କ ପକ୍ଷରୁ ବରିଷ୍ଠ ଓକିଲ ସିଏସ୍ ବୈଦ୍ୟନାଥନ୍, ଅତିରିକ୍ତ ସଲିସିଟର ଜେନେରାଲ୍ ତୁଷାର ମେହେଟା ମାମଲା ଶୀଘ୍ର ଶୁଣାଣି ପାଇଁ ଦାବି ଜଣାଇଥିଲେ।

## ତିନିବର୍ଷରେ ୩୧୦ ଯବାନଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ :** ୨୦୧୪ ମସିହାଠାରୁ ଆଜି ପର୍ଯ୍ୟନ୍ତ ୩୧୦ ସୁରକ୍ଷାକର୍ମୀ ଆତ୍ମହତ୍ୟା କରିଛନ୍ତି ବୋଲି କେନ୍ଦ୍ର ସରକାର ରାଜ୍ୟସଭାରେ ପ୍ରକାଶ କରିଛନ୍ତି। ଆତ୍ମହତ୍ୟା କରିଥିବା ଯବାନଙ୍କ ମଧ୍ୟରେ ୯ ଅଧିକାରୀ ଓ ୧୯ ଜଣ କନିଷ୍ଠ ଅଧିକାରୀ ଅନ୍ତର୍ଭୁକ୍ତ ବୋଲି ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସୁଭାଷ ଭାମରେ ପ୍ରକାଶ କରିଛନ୍ତି। ସେନାରେ ଆତ୍ମହତ୍ୟା ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଯେ ସହାୟକ ନିଯୁକ୍ତି ବ୍ୟବସ୍ଥାରେ ସୁଧାର ଆଣିବା ଲାଗି



ସରକାର ଏକାଧିକ ପଦକ୍ଷେପ ନେବାର ଯୋଜନା କରୁଛନ୍ତି। ଏହାବ୍ୟତୀତ ଭଲ ପୋଷାକ, ସୁଷମ ଖାଦ୍ୟ, ଜାତାୟତର ସୁବିଧା ଓ ଯବାନଙ୍କ ମନୋରଞ୍ଜନ ଲାଗି ବିଭିନ୍ନ ପଦକ୍ଷେପ ନେବା ପାଇଁ ଯୋଜନା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ୨୦୧୪ରେ ୮୪ ସୁରକ୍ଷାକର୍ମୀ ଆତ୍ମହତ୍ୟା କରିଥିଲା ବେଳେ ୨୦୧୫ ଓ ୨୦୧୬ରେ ଯଥାକ୍ରମେ ୭୮ ଏବଂ ୧୧୪ ସୁରକ୍ଷାକର୍ମୀ ଆତ୍ମହତ୍ୟା କରିଥିଲେ ବୋଲି ସେ ସୂଚନା ଦେଇଛନ୍ତି। ଚଳିତ ବର୍ଷ ଜୁଲାଇ ୩୧ ସୁଦ୍ଧା ୪୪ ଯବାନ ଆତ୍ମହତ୍ୟା କରିଥିବା ବେଳେ ୨୦୧୪ରୁ ଏପର୍ଯ୍ୟନ୍ତ ଯବାନଙ୍କ ମଧ୍ୟରେ ହିଂସାର ୧୧ ମାମଲା ଘଟିଛି ବୋଲି ସେ ପ୍ରକାଶ କରିଥିଲେ।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କ୍‌ର କ୍ଷତି ଖାତାକୁ ଗଲା ଅନାଦେୟ ଋଣ

**ନୂଆଦିଲ୍ଲୀ :** ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୨୦୧୬-୧୭ ଆର୍ଥିକ ବର୍ଷରେ ରେକର୍ଡ ପରିମାଣ ୮୧,୬୮୩ କୋଟି ଟଙ୍କାର ଅନାଦାୟ ଋଣକୁ କ୍ଷତି ଖାତାରେ ପକାଇଛନ୍ତି। ଅର୍ଥାତ୍ ଋଣ ନେଇଥିବା କମ୍ପାନୀ, ସଂସ୍ଥା ବା ବ୍ୟକ୍ତିବିଶେଷ ବ୍ୟାଙ୍କଗୁଡ଼ିକର ସେହି ଋଣ ଆଉ ପରିଶୋଧ କରିବେନି; ତାହା ସମୂଳସୁଦ୍ଧ ବୁଡି ଯାଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହି ଋଣଛାଡ଼ ୪୧ ପ୍ରତିଶତ ଅଧିକ। ୨୦୧୫-୧୬ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମୋଟ ୫୭,୫୮୬ କୋଟି ଟଙ୍କାର ଋଣ ଅନାଦାୟ ହେବା ଆଶଙ୍କାରେ ଛାଡ଼ କରିଦେଇଥିଲେ। ଗତ ୫ବର୍ଷ ଧରି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଲାଭାର୍ଜନ କମୁଥିବା ବେଳେ ନନ୍-ପରଫର୍ମିଂ ଆସେଟ୍‌ସ ବା ଏନ୍‌ପିଏ ବଢ଼ିଚାଲିଛି। ୨୦୧୨-୧୩ ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମୋଟ ୨୭,୨୩୧ କୋଟି ଟଙ୍କାର ଋଣକୁ କ୍ଷତି ହିସାବ କରି ଛାଡ଼ ବା ରାଇଟ୍-ଅଫ୍ କରିଥିଲେ। କିନ୍ତୁ ସେହି ଆର୍ଥିକ ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ମୋଟ ଲାଭାର୍ଜନ ପରିମାଣ ଥିଲା ୪୫,୮୪୯ କୋଟି ଟଙ୍କା। ୨୦୧୬-୧୭ ଆର୍ଥିକ ବର୍ଷରେ ମୋଟ ରାଇଟ୍-ଅଫ୍ ପରିମାଣ ୮୧,୬୮୩ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ମୋଟ ୪୭୪ କୋଟି ଟଙ୍କା ଲାଭାର୍ଜନ କରିଛନ୍ତି। ଅର୍ଥ ମନ୍ତ୍ରଣାଳୟର ଡାଟା ଅନୁଯାୟୀ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଗତ ୫ବର୍ଷରେ ମୋଟ ୨ଲକ୍ଷ ୪୬ ହଜାର କୋଟି ଟଙ୍କର ଋଣ ମାଫ୍ କରିଛନ୍ତି। ଗତ ୨ବର୍ଷରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକୁ ସରକାର ୪୭,୯୧୫ କୋଟି ଟଙ୍କା ଯୋଗାଇଥିବା ସତ୍ତ୍ୱେ ସେମାନେ ମୋଟ ୧୯,୫୨୯ କୋଟି ଟଙ୍କା କ୍ଷତି କରିଛନ୍ତି। ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ୨୦୧୬ ସେପ୍ଟେମ୍ବର ସୁଦ୍ଧା ମୋଟ ଋଣର ୯.୨ ପ୍ରତିଶତ ଥିବାବେଳେ ତାହା ୨୦୧୭ ମାର୍ଚ୍ଚ ବେଳକୁ ବଢ଼ି ୯.୭ ପ୍ରତିଶତରେ ପହଞ୍ଚିଥିଲା। ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ହ୍ରାସ ପାଇଁ ସରକାର ଇତିମଧ୍ୟରେ କେତେକ ପଦକ୍ଷେପ ନେଇଛନ୍ତି। ସରକାରୀ ପୁଞ୍ଜି ପାଇବା ପାଇଁ ବ୍ୟାଙ୍କଗୁଡ଼ିକୁ ଅପରେଟିଂ ପରଫରମାନ୍ସ ନର୍ମ ମାନିବାକୁ କୁହାଯାଇଛି ଓ ଋଣ ଆଦାୟ ଆଇନରେ ସଂଶୋଧନ ଅଣାଯାଇଛି। ପୁଣି ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ସହଯୋଗୀ ବ୍ୟାଙ୍କଗୁଡ଼ିକୁ ମୂଳ ବ୍ୟାଙ୍କରେ ମିଶାଇ ଦିଆଯାଇଛି। ଗତବର୍ଷ ସରକାର ଇନ୍‌ସଲ୍‌ଭେନ୍ସି ଆଣ୍ଡ୍ ବ୍ୟାଙ୍କରପ୍‌ସୀ କୋଡ୍ ବା ଆଇବିସି ପ୍ରଣୟନ କରିଛନ୍ତି। ଋଣ ଖିଲାପୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେବାକୁ ରିଜର୍ଭ ବ୍ୟାଙ୍କକୁ କ୍ଷମତା ଦିଆଯାଇଛି। ମୋଟ ୨ଲକ୍ଷ ୫୦ ହଜାର କୋଟି ଟଙ୍କାର ୧୨ଟି ବଡ଼ ଏନ୍‌ପିଏ କେସ୍‌କୁ ଆଇବିସି ଅନୁଯାୟୀ ତୁଟାଇବାକୁ କାର୍ଯ୍ୟାରମ୍ଭ ହୋଇଛି। ଯେଉଁ କ୍ଷେତ୍ରରେ ୬ମାସରେ ଋଣ ଆଦାୟ ହୋଇପାରିବା ସମ୍ଭବ ଲାଗୁନି ସେହି କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଆଇବିସି ଆଧାରରେ ଇନ୍‌ସଲ୍‌ଭେନ୍ସି ପ୍ରୋସିଡିଂ ଆରମ୍ଭ କରିବାକୁ ରିଜର୍ଭ ବ୍ୟାଙ୍କ ନିର୍ଦ୍ଦେଶ ଦେଇଛି। ରେଟିଂ ଏଜେନ୍ସି କ୍ରାଇଜାଲ୍ ଆକଳନ କରିଛି ଯେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ୫୦ଟି ଭିନ୍ନ ଭିନ୍ନ ଋଣଗ୍ରହୀତାଙ୍କ ଠାରୁ ପ୍ରାୟ ୪ଲକ୍ଷ କୋଟି ଟଙ୍କା ଆଦାୟ କରିବା କ୍ଷେତ୍ରରେ ଅତିକମ୍‌ରେ ପ୍ରାୟ ୨ଲକ୍ଷ ୪୦ ହଜାର କୋଟି ଟଙ୍କା ହରାଇବେ।

# 'ରେରା'ରେ ପ୍ରକଳ୍ପ ପଞ୍ଜୀକରଣ ନ ଥିଲେ, ବିଲ୍ଡରଙ୍କୁ ମିଳିବନି ଋଣ



**ନୂଆଦିଲ୍ଲୀ :** ରିଅଲ ଇଷ୍ଟେଟ୍ (ନିୟାମକ ଏବଂ ବିକାଶ) ଆଇନରୁ ନିଜକୁ ଦୂରେଇ ରରଖିବାକୁ ଚାହୁଁଥିବା ବିଲ୍ଡର ଏଭଳି ଅପଚେଷ୍ଟାରେ ସଫଳ ହୋଇ ନ ପାରନ୍ତି। ଆଗକୁ ଯେଉଁ ବିଲ୍ଡରମାନେ ସେମାନଙ୍କର ପ୍ରକଳ୍ପକୁ ରେରା ଆଇନରେ ପଞ୍ଜିକରଣ କରି ନ ଥିବେ ସେମାନଙ୍କୁ ଋଣ ମିଳିବନାହିଁ। ରେରା ଆଇନରେ କି ପଦକ୍ଷେପ ଗ୍ରହଣ କରାଯିବ ସେ ସମ୍ପର୍କରେ ବ୍ୟାଙ୍କଗୁଡିକ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସହ ଆଲୋଚନା କରିଛନ୍ତି। ଏହି ଅନୁଯାୟୀ, ବିଲ୍ଡରମାନଙ୍କର ଯେଉଁ ସବୁ ପ୍ରକଳ୍ପ ରେରା ଆଇନରେ ପଞ୍ଜିକରଣ କରାଯାଇ ନ ଥିବା ସେଗୁଡିକୁ ଋଣ ପ୍ରଦାନ ନ କରିବାକୁ ବ୍ୟାଙ୍କଗୁଡିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହା ଫଳରେ ବିଲ୍ଡରମାନେ ସେମାନଙ୍କର ସବୁ ପ୍ରକଳ୍ପକୁ ରେରାରେ ପଞ୍ଜିକରଣ କରିବାକୁ ବାଧ୍ୟ ହେବେ। ଗ୍ରାହକଙ୍କଠାରୁ ପ୍ରକଳ୍ପ ବାବଦରେ ଟଙ୍କା ନେଇ ରାତାରାତି ଫେରାର୍ ହୋଇଯାଉଥିବା ବିଲ୍ଡରମାନଙ୍କୁ ସାବାଡ୍ କରିବାକୁ ଲାଗି ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ନୂଆ ରିଅଲ ଇଷ୍ଟେଟ୍ (ନିୟାମକ ଏବଂ ବିକାଶ) ଆଇନ ୨୦୧୬ ଅନୁଯାୟୀ ରେରାରେ ବିଲ୍ଡରଙ୍କୁ ତାଙ୍କର କୌଣସି ପ୍ରକଳ୍ପ ନିମନ୍ତ ଗ୍ରାହକଙ୍କଠାରୁ ନିଆଯାଇଥିବା ଅର୍ଥର ୭୦% ଅର୍ଥ ଅନ୍ୟ ଏକ ବ୍ୟାଙ୍କ ଖାତାରେ ରଖିବାକୁ ହେବ। ଏଥିରେ ବିଲ୍ଡର କେବଳ ଅନ୍ୟ କାମ ଲାଗି ୩୦% ଅର୍ଥକୁ ନିଜ ପାଖରେ ରଖିପାରିବେ। ରେରା ଆଇନ ଅନୁଯାୟୀ ବିଲ୍ଡର ନିୟମର ଅନୁପାଳନ କରୁ ନ ଥିଲେ ତାଙ୍କ ବିରୋଧରେ ଜରିମାନା ଲାଗୁ ବ୍ୟବସ୍ଥା କରାଯାଇଛି।

## ସେୟାର ଟ୍ରେଡିଂ କଟକଣା ଲାଗିଲା

# ୩୩୧ ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ

**ନୂଆଦିଲ୍ଲୀ :** ତାଲିକାଭୁକ୍ତ ଭୂତ କମ୍ପାନୀମାନଙ୍କ ବିରୋଧରେ ସେବି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଦେଶର ୩୩୧ଟି ସଂସ୍ଥା ଏହି ତାଲିକାରେ ଥିବା ବେଳେ ଓଡ଼ିଶାର ତିନି ସଂସ୍ଥା ଏଥିରେ ସାମିଲ ଅଛନ୍ତି। ଗତ ମଙ୍ଗଳବାରଠାରୁ ଏମାନଙ୍କ ଉପରେ ସେୟାର ଟ୍ରେଡିଂ କଟକଣା ଲାଗୁ କରାଯାଇଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଏବଂ ନ୍ୟାସନାଲ ଷ୍ଟକ ଏକ୍ସଚେଞ୍ଜରେ ଏମାନଙ୍କର କାରବାରକୁ ଠପ୍ କରାଯାଇଛି। ସେବି (ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ) ଏହି ସଂସ୍ଥା ଗୁଡିକୁ ସେଲ୍ କମ୍ପାନୀ ଭାବେ ଚିହ୍ନଟ କରିଛି। ଏଥିପାଇଁ ଷ୍ଟକ୍ ଏକ୍ସଚେଞ୍ଜ ଗୁଡିକୁ ସେବି ନିର୍ଦ୍ଦେଶ ଦେଇଛି ଯେ, ଏହି ସେଲ୍ କମ୍ପାନୀ ଗୁଡ଼ିକରେ ଆଉ କାରବାର କରାଯିବନାହିଁ।

ଏହି ତାଲିକାଭୁକ୍ତ ସଂସ୍ଥା ଗୁଡିକରେ ଟ୍ରେଡିଂକୁ ଗ୍ରେଡେଡ୍ ସର୍ଭେଲାନ୍ସ ମେଜର (ଜିଏସ୍‌ଏମ୍)ର ଷ୍ଟେଜ୍-୬ରେ ସ୍ଥାନିତ କରାଯିବ। ତାଲିକା ମଧ୍ୟରୁ କୌଣସି ସଂସ୍ଥା ପୂର୍ବରୁ ଜିଏସ୍‌ଏମ୍‌ର କୌଣସି ଷ୍ଟେଜ୍ ଅଧୀନରେ ଚିହ୍ନଟ ହୋଇଥିଲେ, ଏଗୁଡିକୁ ସିଧାସଳଖ ଷ୍ଟେଜ୍-୬କୁ ହଟାଯିବ ବୋଲି ସେବି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ସେବି କଟକଣାର ଶିକାର ହୋଇଥିବା ୩୩୧ କମ୍ପାନୀ ମଧ୍ୟରେ ଓଡ଼ିଶାର ୩ଟି ରହିଥିବା ଜାଣିବାକୁ ମିଳିଛି। ଏହି କମ୍ପାନୀଗୁଡିକ ମଧ୍ୟରେ ପ୍ରାଇମ୍ କ୍ୟାପିଟାଲ୍ ମାର୍କେଟ ଲିମିଟେଡ୍, ଏଆରଏସ୍‌ଏସ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରୋଜେକ୍ଟସ ଲିମିଟେଡ୍ ଏବଂ ଓଡ଼ିଶା ସ୍ପଞ୍ଜ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ ରହିଛି। ସେବି ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବିସ୍ତୃତ ତାଲିକାରେ ଏହି କମ୍ପାନୀଗୁଡିକର ସ୍ଥିତି ଉଲ୍ଲେଖ କରାଯାଇଛି। ଓଡ଼ିଶାର ଏହି ୩ଟି କମ୍ପାନୀର ଷ୍ଟାଟସ ସକ୍ରିୟ ବୋଲି ଦର୍ଶାଯାଇଥିବା ବେଳେ ପାନ୍ ବି ଉଲ୍ଲେଖ କରାଯାଇଛି। ସେଲ୍ କମ୍ପାନୀ ଭାବେ ସନ୍ଦେହଘେରକୁ ଆସିଥିବା ଏହି କମ୍ପାନୀଗୁଡିକର ଅଡିଟ୍ ପାଇଁ ସ୍ୱାଧୀନ ସମୀକ୍ଷକ ନିଯୁକ୍ତ କରିବାକୁ ଏକ୍ସଚେଞ୍ଜଗୁଡିକୁ ନିର୍ଦ୍ଦେଶ ଦିଆଯାଇଛି। ଏମିତି କି ଆବଶ୍ୟକ ସ୍ଥଳେ କମ୍ପାନୀଗୁଡିକର ଫୋରେନ୍‌ସିକ୍ ଅଡିଟ୍ କରିବାକୁ ବି କୁହାଯାଇଛି। ବଜାର ବିଶ୍ଲେଷକଙ୍କ କହିବାନୁଯାୟୀ ବେଆଇନ୍ ଭାବେ ବିଦେଶକୁ ଅର୍ଥ ଚାଲାଣ ଏବଂ ଟିକସ ଫାଙ୍କି ସମ୍ପର୍କିତ ଘଟଣାକୁ ଆଧାର କରି ସେବି ଅଚାନକ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ସୋମବାର ବିଳମ୍ବିତ ରାତିରେ ସେବି ଏଭଳି ଘୋଷଣା କରିଥିବା ବେଳେ କମ୍ପାନୀମାନେ କେଉଁ ପ୍ରକାର ବେଆଇନ୍ କାର୍ଯ୍ୟକଳାପରେ ଲିପ୍ତ ଥିଲେ ସେ ନେଇ କିଛି ନିର୍ଦ୍ଦିଷ୍ଟ ଭାବେ ଦର୍ଶାଯାଇନାହିଁ।

### ଓଡ଼ିଶାର ୩ ସଂସ୍ଥା

ସେବି ଘୋଷଣା ମୁତାବକ ଏହି କମ୍ପାନୀଗୁଡିକରେ ଟ୍ରେଡିଂକୁ ସୀମିତ କରିଦିଆଯାଇଛି। ମାସକୁ ଥରେ ଟ୍ରେଡିଂ ହେବାକୁ ଥିବା ବେଳେ କମ୍ପାନୀରେ ପ୍ରମୋଟର ଏବଂ ନିର୍ଦ୍ଦେଶକମାନେ ଧାରଣ କରିଥିବା ସେୟାରର ଟ୍ରେଡିଂ ଉପରେ ଅଙ୍କୁଶ ଲଗାଯାଇଛି। ଉଲ୍ଲେଖଥାଉ କି ବିଦେଶକୁ ବେଆଇନ ଭାବେ ଅର୍ଥ ସ୍ଥାନାନ୍ତରଣ କରୁଥିବା କମ୍ପାନୀଗୁଡିକ ବିରୋଧରେ ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। କଳାଧନ ଚାଲାଣ ଏବଂ ଟିକସ ଫାଙ୍କି ଘଟଣା ଉପରେ ବି ତୀକ୍ଷ୍ଣ ନଜର ରଖାଯାଇଛି। ଏନେଇ ଇନ୍‌ଷ୍ଟିଚ୍ୟୁସନାଲ ଇନ୍‌ଭେଷ୍ଟର ଆଡଭାଇଜରି ସର୍ଭିସେସ୍‌ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଅମିତ ଟଣ୍ଡନଙ୍କ କହିବାନୁଯାୟୀ ଯଦି ଏହି କମ୍ପାନୀମାନେ ପ୍ରକୃତରେ ବେଆଇନ ଅର୍ଥ କାରବାରରେ ଜଡିତ ଥିବା ନେଇ ସ୍ପଷ୍ଟ ହୁଏ, ତା'ହେଲେ ଏମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ନଚେତ୍ ଏମାନଙ୍କୁ ସେବି ନିର୍ଦ୍ଦେଶନାମାରୁ ହଟାଇ ଦିଆଯିବା ଆବଶ୍ୟକ। ତାଲିକାରେ ସ୍ଥାନ ପାଇଥିବା ଏସ୍‌କ୍ୟୁଏସ୍ ଇଣ୍ଡିଆ ବିଏଫ୍‌ଏସ୍‌ଆଇ ଲିମିଟେଡ୍ ସେବି କଟକଣାକୁ ସହଜେ ବିଶ୍ୱାସ କରିପାରୁ ନଥିବା ଦର୍ଶାଇଛି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର



Bhubaneswar, 14th August - 20th August, 2017
ଭୁବନେଶ୍ୱର, ୧୪ ଅଗଷ୍ଟ - ୨୦ ଅଗଷ୍ଟ, ୨୦୧୭

**ସରକାରଙ୍କୁ ଘାରିଛି ବଜ୍ରପାତ ଚିନ୍ତା**

# ତଦନ୍ତ କରିବ ସ୍ୱତନ୍ତ୍ର ବିଶେଷଜ୍ଞ କମିଟି

**ଭୁବନେଶ୍ୱର :** ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଚଳିତବର୍ଷ ମାତ୍ର ୧୨୯ ଦିନରେ ୨୫୮ ଜଣ ପ୍ରାଣ ହରାଇଛନ୍ତି। ବଜ୍ରପାତ ଏବେ ସବୁଠୁ ବଡ ବିପର୍ଯ୍ୟୟ ହେଲାଣି। ସେଥିପାଇଁ ବଜ୍ରପାତର କାରଣ ଖୋଜିବାକୁ ଅଣ୍ଟା ଭିଡିଛନ୍ତି ରାଜ୍ୟ ସରକାର। ଗଢ଼ିବେ ବିଶେଷଜ୍ଞ କମିଟି। ସେହି କମିଟି ଅନୁଧ୍ୟାନ କରିବ ଓଡ଼ିଶାରେ କାହିଁକି ବଜ୍ରପାତ ହେଉଛି। ସେଥିପାଇଁ ବଜ୍ରପାତରେ ମୃତ ବ୍ୟକ୍ତି ବ୍ୟବଛେଦ ରିପୋର୍ଟକୁ ବି ତର୍ଜମା କରିବେ। ସ୍ୱତନ୍ତ୍ର ରିଲିଫ୍ କମିଶନର ଓ ଓସ୍‌ଡମାର ବରିଷ୍ଠ ଅଧିକାରୀଙ୍କୁ ନେଇ ଗଠନ ହେବାକୁ ଥିବା ଉକ୍ତ ବିଶେଷଜ୍ଞ କମିଟି ମୃତକଙ୍କ ବର୍ଗୀକରଣ କରିବା ସହିତ କେଉଁ ସ୍ଥାନରେ ବଜ୍ରପାତ ଅଧିକ ହେଉଛି ଏବଂ କେତେ ସଂଖ୍ୟକ ଲୋକ ମରୁଛନ୍ତି ତାହାର ଅନୁଧ୍ୟାନ କରି ବିଭାଗକୁ ଅବଗତ କରାଇବ। ଉକ୍ତ କମିଟିର ରିପୋର୍ଟ ଆଧାରରେ ଆଗାମୀ ଦିନରେ ବଜ୍ରପାତ ରୋକିବାପାଇଁ ମାର୍ଗ ପ୍ରସ୍ତୁତ କରାଯିବ ବୋଲି ଜଣାଯାଇଛି। ବୈଠକର ସୂଚନା ଅନୁଯାୟୀ ଦେଶରେ ବଜ୍ରପାତରେ ମୃତକଙ୍କ ସଂଖ୍ୟା ୨୦୦୦ ଥିବାବେଳେ ଓଡ଼ିଶାରେ ଏହାର ୨୦ପ୍ରତିଶତ ଅର୍ଥାତ ୪୦୦ଲୋକ ମରୁଛନ୍ତି। ଇତିମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨୫୮ଜଣଙ୍କ ଲୋକ ମୃତ୍ୟୁ ହୋଇସାରିଲାଣି। ଏହାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ କୃଷି ବିଭାଗ ଏବଂ ବିଦ୍ୟାଳୟ ଗଣଶିକ୍ଷା ବିଭାଗକୁ ଏଦିଗରେ ଅଧିକ ସଚେତନ କରାଇବା ଲାଗି ନିଷ୍ପତ୍ତି ହୋଇଛି। ବିଶେଷଜ୍ଞଙ୍କ ମତାମମତରୁ ଜଣାଯାଇଛି



ଯେ ବର୍ଷାର ଅଧଘଣ୍ଟା ପୂର୍ବରୁ ବଜ୍ରପାତ ଦେଖାଦେଉଛି। ଏହି ସମୟରେ ଲୋକେ ଘରୁ ନବାହାରିବା ପାଇଁ କୁହାଯାଇଛି। ଆଞ୍ଚଳିକ ପାଣିପାଗ ବିଭାଗର ସୂଚନା ଅନୁଯାୟୀ ବର୍ଷାଦିନେ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ସାଢ଼େ ୪ଟା ମଧ୍ୟରେ ପ୍ରାୟତଃ ବଜ୍ରପାତ ଅନୁଭୂତ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜସ୍ୱ ବିଭାଗ ସହିତ କୃଷି ବିଭାଗ, ଗଣଶିକ୍ଷା, ମତ୍ସ୍ୟ ଓ ପଶୁସମ୍ପଦ, ଶକ୍ତି, ନଗର ଉନ୍ନୟନ, ଜଙ୍ଗଲ ଓ ପରିବେଶ, ମହିଳା ଓ ଶିଶୁ କଲ୍ୟାଣ, ଉଚ୍ଚଶିକ୍ଷା, ପଞ୍ଚାୟତିରାଜ ଓ ଶ୍ରମ ବିଭାଗ ପକ୍ଷରୁ ଅଧିକ ସଚେତନତା ସୃଷ୍ଟି କରିବା ଲାଗି ମନ୍ତ୍ରୀ ଶ୍ରୀ ମହାନ୍ତି ନିର୍ଦ୍ଦେଶ ଦେଇଛନ୍ତି।

ଅପରପକ୍ଷରେ ବିଭିନ୍ନପ୍ରକାର ପ୍ରାକୃତିକ ବିପର୍ଯ୍ୟୟ କାରଣରୁ ବହୁ ଧନଜୀବନ ନଷ୍ଟ ହେଉଛି। ଏବେ ବଜ୍ରପାତ ଓଡ଼ିଶା ପାଇଁ କାଳ ହୋଇଛି। ସରକାରୀ ତଥ୍ୟ ଅନୁସାରେ ଓଡ଼ିଶାରେ ବର୍ଷକୁ ହାରାହାରି ୪୦୦ ଜଣଙ୍କ ମୃତ୍ୟୁ ଘଟୁଛି, ଯାହା ସମୁଦାୟ ମୃତ୍ୟୁ ସଂଖ୍ୟାର ୨୦%। ଚଳିତ ବର୍ଷ ଜାନୁଆରୀ ମାସରେ ଏପର୍ଯ୍ୟନ୍ତ ୨୫୩ ଜଣଙ୍କର ବଜ୍ରପାତଜନିତ ମୃତ୍ୟୁ ହୋଇଥିବା ବେଳେ ସପ୍ତାହେ ମଧ୍ୟରେ ପାଖାପାଖି ୫୦ ଜଣ ଲୋକଙ୍କ ପ୍ରାଣ ଗଲାଣି। ତେବେ ସଚେତନତା ଓ ସୁରକ୍ଷାମୂଳକ ପଦକ୍ଷେପ ହିଁ ବଜ୍ରପାତଠାରୁ ରକ୍ଷା ପାଇବାର ଏକମାତ୍ର ବାଟ। ଏନେଇ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ତେବେ ବଜ୍ରପାତଜନିତ କ୍ଷୟକ୍ଷତିର ମୁକାବିଲା ପାଇଁ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଦ୍ୱାରା ପ୍ରସ୍ତୁତ ରିପୋର୍ଟ ଅନୁସାରେ ବଜ୍ରପାତର ଆକାର ଛୋଟ ହେଉ ଅବା ବଡ଼, ଏହାର ପ୍ରଭାବ ସମାନ ରହିଥାଏ। ମାର୍ଚ୍ଚରୁ ମେ' ମାସ ମଧ୍ୟରେ ଅର୍ଥାତ୍ ଗ୍ରୀଷ୍ମ ଋତୁରେ ସବୁଠାରୁ କ୍ଷତିକାରକ ବଜ୍ରପାତ ହୋଇଥାଏ। ବର୍ଷ ତମାମ ମେ'ରୁ ଅଗଷ୍ଟ ମଧ୍ୟରେ ୭୧% ବଜ୍ରପାତ ହୋଇଥାଏ। ବସନ୍ତ ଋତୁରେ ମଧ୍ୟ ଏପରି ବଜ୍ରପାତ ଦେଖାଦିଏ। ମୌସୁମୀ ସମୟରେ ଅବା ବର୍ଷା ଋତୁରେ ସାଧାରଣ ଶ୍ରେଣୀର ବଜ୍ରପାତ ହୋଇଥାଏ। କିନ୍ତୁ ଗତ କିଛିଦିନ ମଧ୍ୟରେ ବଜ୍ରପାତ ହେତୁ ଯେଉଁ ୫୦ ଜଣ ଲୋକଙ୍କ ଜୀବନ ଯାଇଛି, ତାହାକୁ ଦେଖିଲେ ଚଳିତ ମୌସୁମୀରେ ଅସ୍ୱାଭାବିକ ବଜ୍ରପାତ ହୋଇଛି ବୋଲି କହିହେବ। ଏକ ଆକଳନ ଅନୁସାରେ ସମଗ୍ର ବିଶ୍ୱର ଭିନ୍ନ ଭିନ୍ନ ସ୍ଥାନରେ ପ୍ରତି ମୁହୂର୍ତ୍ତରେ ୧୮୦୦ଟି ବଜ୍ରପାତ ହେଉଛି। ଓଡ଼ିଶାରେ ୨୦୧୦-୧୧ ମସିହାରେ ୨୮୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୦୧୧-୧୨ରେ ୩୫୨, ୨୦୧୨-୧୩ରେ ୨୯୪, ୨୦୧୩-୧୪ରେ ୩୭୨, ୨୦୧୪-୧୫ରେ ୩୧୧, ୨୦୧୫-୧୬ରେ ୪୦୧, ୨୦୧୬-୧୭ରେ ୩୯୮ ଜଣଙ୍କର ମୃତ୍ୟୁ ରେକର୍ଡ ହୋଇଛି। ତେବେ ଏହି ରିପୋର୍ଟ ଅନୁସାରେ ଗତ ୭ ବର୍ଷ ମଧ୍ୟରେ ରାଜ୍ୟରେ ଜୁନ୍ ମାସରେ ବଜ୍ରପାତ ଯୋଗୁଁ ସର୍ବାଧିକ ମୃତ୍ୟୁ ହୋଇଛି। ୭ ବର୍ଷ ମଧ୍ୟରେ କେବଳ ଜୁନ୍ ମାସରେ ୫୩୨ଟି ମୃତ୍ୟୁ ହୋଇଥିବା ବେଳେ ଅଗଷ୍ଟ ମାସରେ ୪୯୭, ମେ' ମାସରେ ୪୮୫ ଜଣ ପ୍ରାଣ ହରାଇଛନ୍ତି। ଜାନୁଆରୀରୁ ମାର୍ଚ୍ଚ ଓ ଅକ୍ଟୋବର ମାସରୁ ଡିସେମ୍ବର ମଧ୍ୟରେ ବଜ୍ରପାତଜନିତ ମୃତ୍ୟୁ ସଂଖ୍ୟା କମ୍ ରହିଛି। ଅପରପକ୍ଷେ ଏହି ଅବଧି ମଧ୍ୟରେ ମୟୂରଭଞ୍ଜରେ ସର୍ବାଧିକ ୨୮୧ ଜଣ, ଗଞ୍ଜାମରେ ୧୮୧ ଜଣ, କେନ୍ଦୁଝରରେ ୧୭୬, ସୁନ୍ଦରଗଡ଼ରେ ୧୫୯, କଟକରେ ୧୪୪, ବାଲେଶ୍ୱର ୧୪୨ ଜଣ ଏହି କାରଣରୁ ଜୀବନ ହାରିଛନ୍ତି। ବିଶେଷଜ୍ଞଙ୍କ ମତରେ ଘର ବାହାରେ ଥିବା ସମୟରେ ବଜ୍ରପାତରୁ ରକ୍ଷା ପାଇବା ପାଇଁ ସବୁବେଳେ କୌଣସି ଛାତ ତଳେ ରହିବା ଆବଶ୍ୟକ। ଏହି ସମୟରେ ଖୋଲା ପଡ଼ିଆ ଓ ଉଚ୍ଚସ୍ଥାନ ଅତ୍ୟନ୍ତ ଘାତକ ହୋଇପାରେ। ଗୁଡି ଉଡ଼ାଇବା, ପାଣିରେ ପହଁରିବା, ଛତା ବ୍ୟବହାର କରିବା, ଲମ୍ବା ଖୁଣ୍ଟ ନିକଟରେ ଛିଡ଼ା ହେବା ନିଷେଧ।

## ଓଡ଼ିଆ ଡାକ୍ତର ସ୍ୱରୂପ ରଞ୍ଜନ କେନିଆ ସାଂସଦ



**କଟକ :** ରାଜନୀତିରେ ନିସ୍ୱାର୍ଥପର ସେବା ବ୍ୟକ୍ତିକୁ ଉଚ୍ଚାସନରେ ପହଞ୍ଚାଇଥାଏ। ଏହାକୁ ପ୍ରମାଣିତ କରିଛନ୍ତି ଜଣେ ଓଡ଼ିଆ ଡାକ୍ତର। ଜଗତସିଂହପୁର ଜିଲା ପଞ୍ଚୁପଲୀ ଗାଁର ଡାକ୍ତର ସ୍ୱରୂପ ରଞ୍ଜନ ମିଶ୍ର ଏବେ କେନିଆର ସାଂସଦ ଭାବେ ନିର୍ବାଚିତ ହୋଇଛନ୍ତି। କେନିଆର କେସେସ୍ ସଂସଦୀୟ ନିର୍ବାଚନ ମଣ୍ଡଳୀରୁ ସେ ସାଂସଦ ଭାବେ ନିର୍ବାଚିତ ହୋଇ ଆଫ୍ରୀୟ ରାଷ୍ଟ୍ରରେ ଜଣେ ନିର୍ବାଚିତ ଜନପ୍ରତିନିଧି ଭାବେ ପ୍ରଥମ ଓଡ଼ିଆ ହେବାର ଗୌରବ ଅର୍ଜନ କରିଛନ୍ତି। କେନିଆଙ୍କ ଲୋକେ ତାଙ୍କ ରାଜନୀତିରେ ପ୍ରବେଶ କରିବାକୁ ବାରମ୍ବାର ବାଧ କରିଆସୁଥିଲେ ବୋଲି ଶ୍ରୀ ମିଶ୍ର ତାଙ୍କର ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀ ମିଶ୍ର ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ଗତକାଲି ଫଳ ଘୋଷଣା ପରେ ଶ୍ରୀ ମିଶ୍ର ୯୧ ପ୍ରତିଶତ ଭୋଟ ପାଇଥିବା କହିଛନ୍ତି। ଏଭଳି ସଫଳତା ପାଇଁ ସେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ କୃତଜ୍ଞତା ଜଣାଇବା ସହ ଯେଉଁମାନେ ତାଙ୍କ ସଫଳତା ଲାଗି ପ୍ରାର୍ଥନା କରୁଥିଲେ ସେ ସମସ୍ତ ଓଡ଼ିଶାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ସ୍ୱରୂପରଞ୍ଜନ। ରାଜନୀତିରେ ଆଗକୁ ବଢିବା ଲାଗି ସମସ୍ତଙ୍କ ଆର୍ଶୀବାଦ ଲୋଡିଛନ୍ତି ସେ। ଶ୍ରୀ ମିଶ୍ରଙ୍କ ପଞ୍ଚୁପଲୀରୁ କେନିଆର ରାଜଧାନୀ ନାଇରୋବି ପର୍ଯ୍ୟନ୍ତ ସୁଦୀର୍ଘ ଯାତ୍ରାପଥ ଥିଲା ପ୍ରଥମେ ଅତ୍ୟନ୍ତ ମଧୁର ତଥା କଷ୍ଟକର। ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରୁ ସ୍ତ୍ରୀ ଓ ପ୍ରସୂତି ବିଭାଗରୁ ସ୍ନାତକୋତ୍ତର ଶେଷ କରିବା ପରେ ମୁମ୍ବଇର ହିନ୍ଦୁଜା ହସ୍ପିଟାଲରେ କନିଷ୍ଠ ପରାମର୍ଶଦାତା ଭାବେ କାର୍ଯ୍ୟ କରିଥିଲେ। ୧୯୫୭ ମସିହାରେ ସେ କେନିଆ ଯାଇ ଅଧ୍ୟାପକ ଭାବେ ଶିକ୍ଷାଦାନ କରିଥିଲେ। ପୃଥିବୀର ଏକାଧିକ ସ୍ଥାନ (ଟରୋଣ୍ଟୋ, ଆମେରିକା) ଆଦି ପ୍ରମୁଖ ଦେଶ ବୁଲି ଥିଲେ ମଧ କେନିଆ ବ୍ୟତୀତ ଅନ୍ୟ କେଉଁଠି ତାଙ୍କ ମନ ମାନିନଥିଲା। ସେ ପୂର୍ବ ଆଫ୍ରିକୀୟ ରାଷ୍ଟ୍ର କେନିଆକୁ ଫେରିଥିଲେ। ପରେ ସେ (ଇଷ୍ଟ ଆଫ୍ରିକାନ୍ କଣ୍ଟ୍ରି) ପ୍ରତିଷ୍ଠା କରିଥିଲେ; ଯାହାକି ଆଜିର ଦିନରେ ଏହା ଦେଶର ପ୍ରମୁଖ ସୁପର ସ୍ପେସିଆଲିଟି ହାସ୍‌ପାତାଳ ରୂପେ ମାନ୍ୟତା ପାଇଛି। ଡାକ୍ତର ଶ୍ରୀ ମିଶ୍ରଙ୍କ ଲାଗି ଆମେ ଗର୍ବିତ ବୋଲି କହିଛନ୍ତି ତାଙ୍କ ସଂପର୍କୀୟ।

## ୧୮ରେ ନୀତି ଆୟୋଗଙ୍କ ବୈଠକ

**ଭୁବନେଶ୍ୱର :** ଭାରତୀୟ ଅର୍ଥନୀତି ସମ୍ପର୍କରେ ଆସନ୍ତା ଅଗଷ୍ଟ ୧୮ ତାରିଖ ନୂଆଦିଲ୍ଲୀରେ ହେବାକୁ ଥିବା ବୈଠକରେ ବିଭିନ୍ନ କମ୍ପାନୀ ସିଇଓମାନଙ୍କ ସହ ଆଲୋଚନା କରିବେ ନୀତି ଆୟୋଗ ସିଇଓ। ୩୬ ଟି ରାଜ୍ୟରେ ଥିବା ବିଭିନ୍ନ କମ୍ପାନୀ ଓ କର୍ପୋରେଟ୍ ସଂସ୍ଥାର ସିଇଓମାନଙ୍କୁ ଏଥିପାଇଁ ମନୋନୀତ କରିବାକୁ ସମସ୍ତ ରାଜ୍ୟ ସରକାରଙ୍କୁ ଆୟୋଗ ପକ୍ଷରୁ ଚିଠି ଲେଖାଯାଇଛି। ଓଡ଼ିଶାରେ ଥିବା ବିଭିନ୍ନ କମ୍ପାନୀମାନଙ୍କରେ କାର୍ଯ୍ୟ କରୁଥିବା ସିଇଓମାନଙ୍କୁ ମନୋନୀତ କରିବାକୁ ଗତ ଅଗଷ୍ଟ ୧ ତାରିଖରେ ନୀତି ଆୟୋଗ ସିଇଓ ଅମିତାଭ କାନ୍ଥ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି। ଯେଉଁ ସିଇଓମାନଙ୍କ ଟ୍ରାକ୍ ରେକର୍ଡ ବେଶ୍ ଉଚ୍ଚକୋଟିର, ଅର୍ଥନୀତି କ୍ଷେତ୍ରରେ ଜଣେ ଦକ୍ଷତା ସମ୍ପନ୍ନ ବ୍ୟକ୍ତିତ୍ୱ ହୋଇଥିବେ ସେଭଳି ଅଧିକାରୀମାନଙ୍କ ନାମ ସୁପାରିସ୍ କରି ତାଲିକା ପଠାଇବାକୁ କୁହାଯାଇଛି। ନୀତି ଆୟୋଗ ସିଇଓ କହିଛନ୍ତି ଯେ ଦେଶର ଆର୍ଥିକ ପ୍ରଗତି ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପରେ ସିଇଓମାନଙ୍କ ଭୂମିକା ରହିଛି। ଦେଶରେ ଚାଲିଥିବା ଏହି ଅଭିଯାନରେ ପ୍ରତ୍ୟେକ ରାଜ୍ୟ ସରକାର ମଧ ସହଯୋଗ କରୁଛନ୍ତି। ଏଣୁ ଆର୍ଥିକ ପ୍ରଗତିରେ ଭାଗିଦାରୀ ହୋଇଥିବା କମ୍ପାନୀମାନଙ୍କ ସହ ଆଲୋଚନା ପାଇଁ ଏକ ସ୍ୱତନ୍ତ୍ର ସେସନ୍ ରଖାଯାଇଛି। ଏହି ବୈଠକରେ ସିଇଓମାନେ ସେମାନଙ୍କର ସମସ୍ତ ପ୍ରସ୍ତାବ ଓ ମତ ରଖିପାରିବେ। ବିକାଶମୂଳକ କାର୍ଯ୍ୟରେ ସେମାନଙ୍କ ମତ ଓ ପ୍ରସ୍ତାବ ଗ୍ରହଣୀୟ ହେଲେ ଏହାକୁ କାର୍ଯ୍ୟକାରୀ କରିବାକୁ ସୁପାରିସ୍ କରାଯିବ। ନୀତି ଆୟୋଗ ସିଇଓଙ୍କଠାରୁ ଏହି ଚିଠି ପାଇବା ପରେ ମୁଖ୍ୟ ସଚିବଙ୍କ ନିର୍ଦ୍ଦେଶକ୍ରମେ ଶିଳ୍ପ ବିଭାଗ ଇପିକଲ୍ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି କମ୍ପାନୀଗୁଡ଼ିକରେ କାର୍ଯ୍ୟ କରୁଥିବା ଦକ୍ଷ ସିଇଓମାନଙ୍କ ତାଲିକା ପଠାବାକୁ କୁହାଯାଇଛି। ତାଲିକା ମିଳିବା ପରେ ସରକାର ସେମାନଙ୍କ ମଧ୍ୟରୁ ୫ ଜଣଙ୍କୁ ମନୋନୀତ କରିବେ ବୋଲି ଜଣାପଡ଼ିଛି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଜାତିସଂଘ ଅଧିକାରୀ

**ଭୁବନେଶ୍ୱର :** ଜାତିସଂଘ ପରିବେଶ କାର୍ଯ୍ୟକ୍ରମର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏରିକ୍ ସୋଲ୍‌ହେମ୍ ଆଜି ସଚିବାଳୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୟୁଏନ୍‌ଇପି ତରଫରୁ ଓଡ଼ିଶାରେ ଜୈବ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସୋଲହେମ୍‌ଙ୍କୁ ପ୍ରସ୍ତାବ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମ୍ବଳ ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନ ପ୍ରଭାବ ହ୍ରାସ ଏବଂ ଜୈବ ଚାଷ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ଓଡ଼ିଶା ଓ ୟୁଏନ୍‌ଇପି ପକ୍ଷରୁ ମିଳିତ ପଦକ୍ଷେପ ନେବା ପାଇଁ ବ୍ୟାପକ ସୁଯୋଗ ରହିଛି। ଓଡ଼ିଶାରେ ଜୈବ ଚାଷର ବହୁତ ସମ୍ଭାବନା ରହିଛି। ତେଣୁ ଦୀର୍ଘସ୍ଥାୟୀ ଓ ପରିବେଶ ଅନୁକୂଳ ଜୈବ ଚାଷ ପାଇଁ ରାଜ୍ୟ ସରକାରଙ୍କର ଆଗ୍ରହ ରହିଛି। ରାଜ୍ୟର ବର୍ଷା ନିର୍ଭରଶୀଳ ତଥା ଆଦିବାସୀ ଅଞ୍ଚଳରେ ଯେଉଁଠାରେ ରାସାୟନିକ ପ୍ରୟୋଗ ପ୍ରାୟତଃ ନାହିଁ, ସେହି ଅଞ୍ଚଳରେ ଜୈବ ଚାଷକୁ ଗୁରୁତ୍ୱ ଦେବା ପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ। ଓଡ଼ିଶାରେ ସାମାଜିକ, ଆର୍ଥିକ ଓ ପରିବେଶ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ମଧ ମୁଖ୍ୟମନ୍ତ୍ରୀ ଆଲୋକପାତ କରିଥିଲେ। ସୋଲ୍‌ହେମ୍ କହିଥିଲେ ଯେ ଓଡ଼ିଶାରେ ସାମାଜିକ ଓ ଆର୍ଥିକ ସମ୍ବଳ ପରିଚାଳନା ବେଶ୍ ଭଲି। ପରିବେଶର ସୁରକ୍ଷା ଦୃଷ୍ଟିରୁ ଓଡ଼ିଶାରେ ସାମାଜିକ ଓ ଆର୍ଥିକ କାର୍ଯ୍ୟକ୍ରମ କରିବା ପାଇଁ ୟୁଏନ୍‌ଇପିର ଆଗ୍ରହ ରହିଛି। କୃଷି, ଜୈବ ଚାଷ ଓ ଅନ୍ୟାନ୍ୟ କ୍ଷେତ୍ରରେ ବିଭିନ୍ନ ଉଦ୍ୟୋଗ ପାଇଁ ସମ୍ଭାବନା ରହିଛି। ଇଣ୍ଡୋନେସିଆରେ ଏହି କାର୍ଯ୍ୟକ୍ରମର ସଫଳତା ମିଳିପାରିଛି। ରାଜ୍ୟ ସରକାରଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ହାସଲ



କରିପାରିବ ବୋଲି ସୋଲ୍‌ହେମ୍ କହିଥିଲେ। ସୂଚନାଯୋଗ୍ୟ ଓଡ଼ିଶା ନଲେଜ୍ ହବ୍ ଲେକ୍‌ଚର ସିରିଜରେ ଯୋଗଦାନ କରିବା ପାଇଁ ଶ୍ରୀ ସୋଲ୍‌ହେମ୍ ଓଡ଼ିଶା ଆସିଛନ୍ତି। ସେ ଏକ ୮ ଜଣିଆ ପ୍ରତିନିଧି ଦଳ ସହିତ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହି ଆଲୋଚନା ସମୟରେ ମୁଖ୍ୟଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଆର୍ ବାଲକ୍ରିଷ୍ଣନ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ରାଜେଶ ବର୍ମା ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବମାନେ ଉପସ୍ଥିତ ଥିଲେ।

**କାଗଜକଲମରେ ମାନସିକ ରୋଗୀ ଓ ନିଶାଗ୍ରସ୍ତଙ୍କ ଉଦ୍ଧାର !**

# କାର୍ଯ୍ୟକାରୀ ହୋଇପାରୁନି ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର :** ସାରା ଓଡ଼ିଶାରୁ ମାନସିକ ବିକାରଗ୍ରସ୍ତ ଓ ନିଶାଗ୍ରସ୍ତଙ୍କୁ ଉଦ୍ଧାର କରି ଉତ୍ତମ ଚିକିତ୍ସା ଯୋଗାଇ ଦେବାପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଏଥିରେ ଗତବର୍ଷ ମାନସିକ ରୋଗୀଙ୍କ ଚିକିତ୍ସା ଲାଗି ୩୦ଜଣ ଡାକ୍ତରଙ୍କୁ ପ୍ରଶିକ୍ଷଣ ଦିଆଯିବା ସହିତ ପାରାମେଡିକାଲ ଷ୍ଟାଫ୍‌ର ବ୍ୟବସ୍ଥା କରାଯାଇଥିଲା। ଏହାବ୍ୟତୀତ ରାସ୍ତାଘାଟରେ ବୁଲୁଥିବା ପାଗଳଙ୍କୁ ଉଦ୍ଧାର କରି ଯେଉଁମାନେ ଚିକିତ୍ସାଳୟକୁ ଆଣିବେ ସେମାନଙ୍କୁ ପ୍ରୋତ୍ସାହନ ରାଶି ଦେବା, ସ୍ୱତନ୍ତ୍ର ଉଦ୍ଧାରକାରୀ ଦଳ ଗଠନ କରିବା ଏବଂ ଜରୁରୀ ପରିସ୍ଥିତିରେ ପରାମର୍ଶ ଦେବାପାଇଁ ଟୋଲ ଫ୍ରି ନମ୍ବର କାର୍ଯ୍ୟକାରୀ ଭଳି ବହୁ ପଦକ୍ଷେପ ହାତକୁ ନିଆଯାଇଥିଲା। ମାତ୍ର ଟୋଲ୍‌ଫ୍ରି ନମ୍ବରକୁ ଫୋନ୍ କଲେ କେହି ଉଠାଉ ନଥିବା ଅଭିଯୋଗ ହୋଇଚି। ଏବାବଦରେ ବିଭାଗ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ ହେଉଥିଲେ ହେଁ ତୃଣମୂଳସ୍ତରରେ ବାସ୍ତବରେ ମାନସିକ ବିକାରଗ୍ରସ୍ତ କିମ୍ବା ନିଶାଗ୍ରସ୍ତଙ୍କ ନିକଟରେ ଏହି ପଦକ୍ଷେପ ପହଞ୍ଚୁ ନଥିବା ଅଭିଯୋଗ ହେଉଛି। ଏମିତିକି ଖୋଦ୍ ରାଜଧାନୀର ସଚିବାଳୟ ମାର୍ଗ, କଳ୍ପନାଛକ, ଗୋପବନ୍ଧୁ ଛକ, କ୍ୟାପିଟାଲ ହସ୍ପିଟାଲ ଛକ ଓ ଏଜି ଛକ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକରେ ମାନସିକବିକାରଗ୍ରସ୍ତ ଉଲଗ୍ନ ଅବସ୍ଥାରେ ବୁଲୁଥିବା ଦେଖାଯାଉଛି। ଏହାସାଙ୍ଗକୁ ନିଶାଗ୍ରସ୍ତ କଥା କହିଲେ ନସରେ। ରାଜଧାନୀରେ ସରକାରଙ୍କ ଯୋଜନା ଠିକଣା ଭାବେ କାର୍ଯ୍ୟକାରୀ ହେଉ ନଥିବାବେଳେ ସୁଦୂର ଗ୍ରାମାଞ୍ଚଳରେ ଏହା କିପରି କାର୍ଯ୍ୟକାରୀ ହେଉଥିବ ତାହା ସହଜରେ ଅନୁମେୟ। ଏଦିଗରେ ହାଇକୋର୍ଟଙ୍କ ରାୟ ଠିକଣା ଭାବେ କାର୍ଯ୍ୟକାରୀ ହେଉ ନଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ହାଇକୋର୍ଟଙ୍କ ନିର୍ଦ୍ଦେଶନାମାକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାର ନିଶାଗ୍ରସ୍ତଙ୍କ ଚିକିତ୍ସା ଲାଗି ଗତବର୍ଷ ୨୮ କୋଟି ଟଙ୍କା ପ୍ରଦାନ କରିଥିଲେ। ଏଥିରେ ଏସ୍‌ସିବି ମେଡିକାଲ କଲେଜ, ବୁର୍ଲା ମେଡିକାଲ କଲେଜ, ଏମ୍‌କେସିଜି ମେଡିକାଲ କଲେଜ, କ୍ୟାପିଟାଲ ହସ୍ପିଟାଲ, ରାଉରକେଲା ଆର୍‌ଜିଏଚ୍, ପୁରୀ, ବଲାଙ୍ଗିର ଓ ଅନୁଗୋଳଠାରେ ପ୍ରାଥମିକତା ଭିତ୍ତିରେ ନିଶା ନିବାରଣ କେନ୍ଦ୍ର ଖୋଲାଯାଇଛି। ୮ଟି ନିଶା ନିବାରଣ କେନ୍ଦ୍ର ପାଇଁ ବିଭାଗ ପକ୍ଷରୁ ୧୮କୋଟି ଟଙ୍କା ଖର୍ଚ୍ଚ ହୋଇଥିବାବେଳେ ଫ୍ୟାକଲ୍‌ଟି ଓ ଷ୍ଟାଫ୍‌ଙ୍କ ପାଇଁ ୩ କୋଟି, ଯନ୍ତ୍ରପାତି ପାଇଁ ୫କୋଟି, ଏବଂ ପାଠାଗାର ଓ ଅନ୍ୟାନ୍ୟ ଆସବାବପତ୍ର ପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ନିଶାଗ୍ରସ୍ତଙ୍କ କାଉନସେଲିଂ ପାଇଁ ୪ଟି ପିଜି ସିଟ୍ ବଢ଼ାଯାଇଥିବାବେଳେ ପ୍ରତ୍ୟେକ କେନ୍ଦ୍ରରେ ତିନିଜଣ ବେସାହାରା ମହିଳା ରହିବାପାଇଁ ବ୍ୟବସ୍ଥା କରାଯାଇଛି। ଅନ୍ୟପକ୍ଷରେ ମାନସିକ ବିକାରଗ୍ରସ୍ତଙ୍କ ଲାଗି ୧୪ଟି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବସ୍ଥା ରହିଥିବାବେଳେ ଅନ୍ୟାନ୍ୟ ଜିଲାକୁ ଏହାର ପ୍ରସାରଣ କରାଯାଇଛି। ମେଡିକାଲ କଲେଜଗୁଡିକରେ କାଉନସେଲିଂ ପାଇଁ ୨୦ଟି ଶଯ୍ୟା ରହିବାକୁ ବ୍ୟବସ୍ଥା କରାଯାଇଥିବାବେଳେ ଅନୁଗୋଳ, ବଲାଙ୍ଗିର ଓ ପୁରୀ ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ୧୫ଟି ଲେଖାଏଁ ଶଯ୍ୟା ରଖାଯାଇଛି।

## ରାଜଧାନୀରେ ମୁଖ୍ୟମନ୍ତ୍ରୀ, ୧୯ ଜିଲ୍ଲାରେ ପତାକା ଉତ୍ତୋଳନ କରିବେ ମନ୍ତ୍ରୀ

**ଭୁବନେଶ୍ୱର :** ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ ସହ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ। ୧୯ଟି ଜିଲ୍ଲାର ଜିଲ୍ଲା ସଦର ମହକୁମାରେ ମନ୍ତ୍ରୀମାନେ ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ୧୧ଟି ସ୍ଥାନରେ ଜିଲ୍ଲାପାଳ ଓ ୨ଟି ଜାଗାରେ ଆରଡିସି ପତାକା ଉତ୍ତୋଳନ କରିବେ। ପୁରୀରେ କୃଷିମନ୍ତ୍ରୀ ଦାମୋଦର ରାଉତ, ରାୟଗଡ଼ାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମକେଶରୀ ଆରୁଖ, ଯାଜପୁରରେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରଦୀପ ମହାରଥୀ, ଭଦ୍ରକରେ ଯୋଜନା ଓ ସଂଯୋଜନ ବିଭାଗ ମନ୍ତ୍ରୀ ଉଷା ଦେବୀ, କନ୍ଧମାଳରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରିନାରାୟଣ ପାତ୍ର, କଟକରେ ସୂର୍ଯ୍ୟ ନାରାୟଣ ପାତ୍ର, ଭବାନୀପାଟଣା(କଳାହାଣ୍ଡି)ରେ ନଗର ଉନ୍ନୟନ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପତାକା ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିବେ। ସେହିପରି ନବରଙ୍ଗପୁରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ଗଞ୍ଜାମରେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି, ବାଲେଶ୍ୱରରେ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା, ଢେଙ୍କାନାଳରେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା, ଗଜପତିରେ ଅନୁସୂଚିତ ଜନଜାତି ଓ ଜାତି କଲ୍ୟାଣ ବିଭାଗ ମନ୍ତ୍ରୀ ରମେଶଚନ୍ଦ୍ର ମାଝି, ସମ୍ବଲପୁରରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ଅନୁଗୋଳରେ ପର୍ଯ୍ୟଟନ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ସୁନ୍ଦରଗଡ଼ରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବରଗଡ଼ରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ସାହୁ, କେନ୍ଦୁଝରରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂହ, ମୟୂରଭଞ୍ଜରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ ଏବଂ କୋରାପୁଟରେ କ୍ରୀଡ଼ାମନ୍ତ୍ରୀ ଚନ୍ଦ୍ରସାରଥି ବେହେରା ପତାକା ଉତ୍ତୋଳନ କରିବେ। ବ୍ରହ୍ମପୁରରେ ଦକ୍ଷିଣାଞ୍ଚଳ ଆରଡିସି ଏବଂ ଖୋର୍ଦ୍ଧାରେ କେନ୍ଦ୍ରାଞ୍ଚଳ ଆରଡିସି ପତାକା ଉତ୍ତୋଳନ କରିବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହାବ୍ୟତୀତ ରାଉରକେଲାରେ ସୁନ୍ଦରଗଡ଼ ଜିଲାପାଳ ଏବଂ ମାଲକାନଗିରି, ବୌଦ୍ଧ, ଦେବଗଡ଼, ଜଗତସିଂହପୁର, ନୂଆପଡ଼ା, ଝାରସୁଗୁଡ଼ା, କେନ୍ଦ୍ରାପଡା, ବଲାଙ୍ଗୀର, ନୟାଗଡ଼ ଓ ସୁବର୍ଣ୍ଣପୁରରେ ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିବେ।

## ସଡ଼କ ସୁରକ୍ଷା କମିଟିର ଅଧ୍ୟକ୍ଷ ରହିବେ ଜିଲ୍ଲାପାଳ

**ଭୁବନେଶ୍ୱର :** ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟିଗୁଡ଼ିକର ପୁନର୍ଗଠନ ହୋଇଛି। ବାଣିଜ୍ୟ ଓ ପରିବହନ ବିଭାଗ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିଛି। ତଦନୁଯାୟୀ, ପ୍ରତ୍ୟେକ ଜିଲ୍ଲା କମିଟିରେ ଜିଲ୍ଲାପାଳ ଅଧ୍ୟକ୍ଷ ରହିବେ। ୧୫ ଜଣିଆ ସଦସ୍ୟ ବିଶିଷ୍ଟ ଏହି କମିଟିରେ ଜଣେ ସଦସ୍ୟ ସଚିବଙ୍କୁ ବାଦ୍ ଦେଲେ ଜିଲ୍ଲା ଏସ୍‌ପି, ସିଡିଏମଓ, ପୂର୍ତ୍ତ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ, ଜାତୀୟ ରାଜପଥ ଡିଭିଜନ୍‌ର ନିର୍ବାହୀ ଯନ୍ତ୍ରୀ, ଜିଲ୍ଲା ଶିକ୍ଷା ଅଧିକାରୀ, ଓଡ଼ିଶା ସଡ଼କ ଓ ପରିବହନ ନିଗମର ଜିଲ୍ଲା ଟ୍ରାନ୍ସପୋର୍ଟ ମ୍ୟାନେଜର୍, ଜିଲ୍ଲା ସହରାଞ୍ଚଳ ବିକାଶ ସଂସ୍ଥା ଅଧ୍ୟକ୍ଷ, ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଜିଲ୍ଲା ମୁଖ୍ୟ, ସଡ଼କ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟ କରୁଥିବା କମିଟି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ, କମିଟି ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ ଦୁଇ ଜଣ ସାମ୍ବାଦିକ, ଜିଲ୍ଲା ବସ୍ ମାଲିକ ସଂଘ ସଦସ୍ୟ, ଟ୍ରକ ମାଲିକ ସଂଘ ସଦସ୍ୟ, ଆଞ୍ଚଳିକ ପରିବହନ ଅଧିକାରୀ ସଦସ୍ୟ ଭାବେ ରହିବେ। ପ୍ରତି ମାସରେ ଏହି କମିଟି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହେବ।

# ମହିଳା ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ ଦେବ ଫେସ୍‌ବୁକ୍

**ଭୁବନେଶ୍ୱର :** ଔଦ୍ୟୋଗିକ ବିକାଶ ଓ ଡିଜିଟାଲ ସାକ୍ଷରତାକୁ ପ୍ରୋତ୍ସାହନ ଦେବା ପାଇଁ ଫେସବୁକ୍ ସହଯୋଗରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ କ୍ଷେତ୍ରର ମହିଳା ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ 'ଡିଜିଟାଲ ବିପଣନ ଦକ୍ଷତା' ଉପରେ ପ୍ରଶିକ୍ଷଣ ଦିଆଯିବ। ଏମ୍‌ଏସ୍‌ଏମ୍‌ଇ ବିଭାଗର ସଚିବ ଲକ୍ଷ୍ମୀନାରାୟଣ ଗୁପ୍ତାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରୁ ଜଣାପଡ଼ିଛି ଯେ ରାଜ୍ୟ ସରକାରଙ୍କ ଅଂଶୀଦାର ଭାବେ ଫେସବୁକ୍ ୨୫ ହଜାର ଅଣୁ, କ୍ଷୁଦ୍ର ଓ ମଧ୍ୟମ କ୍ଷେତ୍ରର ମହିଳା ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ଆଗାମୀ ଏକ ବର୍ଷ ମଧ୍ୟରେ ତାଲିମ ପ୍ରଦାନ କରିବ। ଏହି କର୍ମଶାଳାଗୁଡ଼ିକ ଭୁବନେଶ୍ୱର, କଟକ, ବାଲେଶ୍ୱର, ବ୍ରହ୍ମପୁର, ଅନୁଗୋଳ, ସମ୍ବଲପୁର, ରାଉରକେଲା, ରାୟଗଡ଼ା, ଜୟପୁର, ପୁରୀ, କେନ୍ଦୁଝର ଆଦି ସ୍ଥାନମାନଙ୍କରେ ଆୟୋଜିତ ହେବ। କର୍ମଶାଳା ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ ହେଲା ଓଡ଼ିଶାର ଅଣୁ, କ୍ଷୁଦ୍ର ଓ ମଧ୍ୟମ କ୍ଷେତ୍ରର ମହିଳା ଉଦ୍ୟୋଗୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର



ସଦସ୍ୟା ଓ କାରିଗରମାନଙ୍କୁ ଡିଜିଟାଲ ସାକ୍ଷର କରାଇବା ଓ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା। ଏହା ଦ୍ୱାରା ସେମାନେ ଶୋସାଲ୍ ମିଡିଆକୁ ଉପଯୋଗ କରି ସେମାନଙ୍କର ବ୍ୟବସାୟକୁ ବୃଦ୍ଧି କରିପାରିବେ। ଅଧିକ ସଂଖ୍ୟକ ଗ୍ରାହକମାନଙ୍କ ନିକଟରେ ଉତ୍ପାଦ ଏବଂ ସେବା ପହଞ୍ଚାଇବା ନିମନ୍ତେ ଫେସ୍‌ବୁକ୍ ଉଦ୍ୟୋଗୀମାନଙ୍କୁ ଡିଜିଟାଲ ଦକ୍ଷତା ସମ୍ବନ୍ଧରେ ଶିକ୍ଷା ପ୍ରଦାନ କରିବ। ଗୁପ୍ତା କହିଲେ ଯେ ଏହି କର୍ମଶାଳା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଉଦ୍ୟୋଗୀମାନଙ୍କୁ ଡିଜିଟାଲ ପ୍ରଯୁକ୍ତିରେ ସଶକ୍ତ କରିବା ସହିତ ମହିଳା ସ୍ୱୟଂ ସହାୟକ ଦଳ ଏବଂ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ କାର୍ଯ୍ୟରତ ଉଦ୍ୟୋଗୀମାନଙ୍କ ମଧ୍ୟରେ ଭାବବିନିମୟର ମଞ୍ଚ ସୃଷ୍ଟି କରିବ। ମିଶନ ଶକ୍ତିର କମିଶନର ତଥା ନିର୍ଦ୍ଦେଶିକା ସୁଜାତା ଆର୍ କାର୍ତ୍ତିକେୟନ୍ କହିଲେ ଯେ ଏହି ଧରଣର କର୍ମଶାଳା ଏମ୍‌ଏସ୍‌ଏମ୍‌ଇ ଓ ସ୍ୱୟଂ ସହାୟକ ଦଳମାନଙ୍କର ଡିଜିଟାଲ ଅନ୍ତର୍ଭୁକ୍ତିକରଣ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଚଳିତ ଅଗଷ୍ଟ ୧୦ ତାରିଖରେ ପ୍ରଥମ କର୍ମଶାଳା ଭୁବନେଶ୍ୱରଠାରେ ଆୟୋଜିତ ହେବ। ଏଥିରେ ପ୍ରାୟ ୮୦୦ ରୁ ଊର୍ଦ୍ଧ୍ୱ ମହିଳା ଉଦ୍ୟୋଗୀ ଯୋଗଦେବେ। ଫେସ୍‌ବୁକ୍, ଭାରତ ଓ ଦକ୍ଷିଣ ଏସିଆର ପଲିସି ପ୍ରୋଗ୍ରାମ ମ୍ୟାନେଜର ରଜତ ଆରୋରା କହିଲେ ଯେ ନୂତନ ବିଶ୍ୱସ୍ତରୀୟ ଦକ୍ଷତା ଓଡ଼ିଶାର ଉଦ୍ୟୋଗୀମାନଙ୍କୁ ଅନ୍‌ଲାଇନ୍ ମାଧ୍ୟମରେ ସେମାନଙ୍କର ବ୍ୟବସାୟକୁ ବୃଦ୍ଧି କରିବାରେ ସହାୟକ ହେବା ସହ ବିଶ୍ୱବଜାର ସହିତ ସେମାନଙ୍କୁ ସମ୍ପୃକ୍ତ କରିବ। ଓଡ଼ିଶା ସରକାରଙ୍କ ସହିତ ଫେସ୍‌ବୁକ୍‌ର ସହଭାଗିତା ଏବଂ ସିମିନ୍ସ ବିଜ୍‌ନେସ୍‌ର ଲୋକାର୍ପଣ ରାଜ୍ୟର ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥନୈତିକ ଅଭିବୃଦ୍ଧିରେ ଦୃଢବନ୍ଧ ପଦକ୍ଷେପ ସାବ୍ୟସ୍ତ ହେବ ବୋଲି ସେ କହିଥିଲେ। ଏହି ବୈଠକରେ ଶିଳ୍ପ ନିର୍ଦ୍ଦେଶକ ନିରଞ୍ଜନ ସାହୁ, କଟକ ଓ ଭୁବନେଶ୍ୱର ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଓ ଅନ୍ୟ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ମୁର୍ଖମାନଙ୍କ ସହିତ କଥା କିମ୍ବା କଳହ କରାଯାଏ ନାହିଁ, ଏହା କରିବା ଦ୍ୱାରା କେବଳ ଆପଣଙ୍କ ସମୟ ହିଁ ନଷ୍ଟ ହେବ : ଚାଣକ୍ୟ



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

# ସଂପାଦକୀୟ

## ଆନ୍ଦୋଳନ, ସେବେଳ ଏବେଳ

**ଶା**ସନ ବ୍ୟବସ୍ଥାରେ ଯେକୌଣସି ତ୍ରୁଟି ରହିଲେ ବା ସମୂହ ସ୍ୱାର୍ଥ ହାନୀ ହେଲେ ଜନସାଧାରଣ ଏଥିରେ ସୁଧାର ଆଣିବା ପାଇଁ ପୂର୍ବେ ସ୍ୱେଚ୍ଛାକୃତ ଭାବେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରୁଥିବାର ଜଣାଯାଏ। ଯେମିତି ବ୍ରିଟିଶ ଶାସନର ନିଷ୍ଠୁରତାରୁ ରକ୍ଷା ପାଇବା ଓ ଦେଶ ମାତୃକାକୁ ସ୍ୱାଧୀନତା ଦେବା ପାଇଁ ଭାରତରେ ବିଭିନ୍ନ ପ୍ରକାର ଆନ୍ଦୋଳନ ଓ ବିକ୍ଷୋଭ କରାଯାଇଥିଲା। କେବେ ସତ୍ୟାଗ୍ରହ ମାଧ୍ୟମରେ ତ ଆଉ କେବେ ନିରବ ଶୋଭାଯାତ୍ରା ମାଧ୍ୟମରେ ଏହା ସମ୍ପାଦିତ ହେଉଥିଲା। ଯାହାର ପ୍ରତିଫଳନ ଘଟିଲା ଦେଶ ସ୍ୱାଧୀନ ହେବାର ସଫଳତା।

ହେଲେ ଆଜିକାଲି ଆମ ଦେଶରେ ଆନ୍ଦୋଳନ ବା ବିକ୍ଷୋଭ ଏକ ମାମୁଲିକଥା ହୋଇଯାଉଛି। ଛୋଟ ଛୋଟ ଘଟଣାରେ ମଧ୍ୟ କିଛି ଲୋକ ଆନ୍ଦୋଳନକୁ ଏକ ମାଧ୍ୟମ କରି ପ୍ରଶାସନିକ ଅବ୍ୟବସ୍ଥା ବିରୁଦ୍ଧରେ ଲଢ଼େଇ କରୁଥିବା ଦେଖାଯାଉଛି। ହେଲେ ଏଥିରେ ଶାନ୍ତି ଅପେକ୍ଷା ହିଂସାର ମାତ୍ରା ଅଧିକ ଫଳରେ ଆନ୍ଦୋଳନ ଦ୍ୱାରା ବହୁ ଜାତୀୟ ସମ୍ପତ୍ତି କ୍ଷତିଗ୍ରସ୍ତ ହେଉଥିବା ଜଣାପଡିଛି। ଗଣତାନ୍ତ୍ରିକ ରାଷ୍ଟ୍ରରେ ପ୍ରତିବାଦ କରିଥିବାର ଭିନ୍ନ ଭିନ୍ନ ଦିଗ ରହିଥିଲେ ମଧ୍ୟ କିଛି ଗୋଷ୍ଠୀ ନିଜର ସ୍ୱାର୍ଥହାନୀ ବେଳେ ହଠାତ୍ ଆନ୍ଦୋଳନକୁ ଓହ୍ଲାଇ ଆସନ୍ତି। ଯାହାଫଳରେ ଆନ୍ଦୋଳନ ଚାଲିଥିବା ସ୍ଥାନରେ ଆଇନକାନୁନ୍ ବିପର୍ଯ୍ୟସ୍ତ ହେବା ସହ ଧନଜୀବନ କ୍ଷୟ ମଧ୍ୟ ହେଉଛି ସେଭଳି ସ୍ଥଳେ ପ୍ରଶାସନ ଅନନ୍ୟୋପାୟ ହୋଇ କାର୍ଯ୍ୟାନୁଷ୍ଠାନ ନେବାକୁ ବାଧ୍ୟ ହେଉଥିବା ଦେଖାଯାଇଛି। କେତେକ ସ୍ଥଳେ ଆନ୍ଦୋଳନକାରୀ ଆନ୍ଦୋନର ବ୍ୟାପକତା ଦେଖାଇବାକୁ ଯାଇ ଅଯଥା ବଳ ଦେଖାଇଥାନ୍ତି। ଯାହାର କୁପ୍ରଭାବ ଭୋଗ କରନ୍ତି ସାଧାରଣ ଲୋକ। ଏକଥାକୁ କେହି କିନ୍ତୁ ସହଜରେ ବୁଝିନଥାନ୍ତି। ଆନ୍ଦୋଳନ ବେଳେ ବ୍ୟାପକ ଭଙ୍ଗାରୁଜା, ନିଆଁଜଳା ଓ ହୋହଲ୍ଲା ପରିବେଶକୁ ଅଶାନ୍ତ କରିବା ସହ ଲୋକଙ୍କୁ ଅଡୁଆରେ ପକାଇଥାଏ। ଜରୁରୀ କାର୍ଯ୍ୟରେ ବା ହାସପାତାଳ ଯିବା ରାସ୍ତାରେ ଆନ୍ଦୋଳନ ଚାଲୁଥିଲେ ଲୋକେ ଏହାର କୁପ୍ରଭାବ ଭୋଗ କରିବାକୁ ଏକ ପ୍ରକାର ବାଧ୍ୟ ହୁଅନ୍ତି। ହେଲେ ଆନ୍ଦୋଳନକାରୀମାନେ ଏଥିପ୍ରତି ତିଳେମାତ୍ର ଧ୍ୟାନ ଦେଇନଥାନ୍ତି। ଏଭଳି ଯନ୍ତ୍ରଣାଦାୟକ ଅନୁଭବ କିଛି ଲୋକଙ୍କୁ ଆନ୍ଦୋଳନର ସକାରାତ୍ମକ ଦିଗ ଅପେକ୍ଷା ନକାରାତ୍ମକ ଦିଗ ସମ୍ପର୍କରେ ଆଲୋଚନା କରିବାକୁ ଖୋରାକ ଯୋଗାଏ।

ଆଗେ ସାଧାରଣ ଲୋକ ନିଜର ଅଭାବ, ଅସୁବିଧା ଓ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କୁ ଜଣାଇବା ବା ବିହିତ ପ୍ରତିକାର ଆଶା କରିବା ପାଇଁ ସେଭଳି ବିଶେଷ କିଛି ମାଧ୍ୟମ ନଥିଲା। ଆଧୁନିକ ଯୁଗରେ ଏହା ଏତେ କ୍ଷୀପ୍ର ଓ ସହଜ ହୋଇଯାଇଛି ଯେ, ଆନ୍ଦୋଳନ ଅପେକ୍ଷା ଆଲୋଚନା ପାଇଁ ମାର୍ଗ ଗୁଡିକ ମୁକ୍ତ ରହିଛି। ଯୋଗାଯୋଗ ବ୍ୟବସ୍ଥା ସହିତ ସାମାଜିକ ଗଣମାଧ୍ୟମ, ଗଣମାଧ୍ୟମ ଗୁଡିକ ମଧ୍ୟ ଏ କ୍ଷେତ୍ରରେ ବେଶ୍ ପାରଦର୍ଶୀତା ଦେଖାଇ ଚାଲିଛନ୍ତି। ଏହାର ଉପଯୋଗରେ ଲୋକେ ନିଜ ସମସ୍ୟାର ସମାଧାନ କରି ପାରିବା ଭଳି ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଛି। ସ୍ୱଳ୍ପ ସମୟ ଓ କମ ଖର୍ଚ୍ଚରେ ଆମେ ନିଜର ଅଭାବ ଅସୁବିଧାକୁ ଶାସକ ଓ ପ୍ରଶାସକଙ୍କ ନିକଟରେ ଉପସ୍ଥାପିତ କରିପାରିବା। ହେଲେ ସାରା ଦେଶରେ ଏସବୁକୁ ବାଦ୍ ଦେଇ ଆନ୍ଦୋଳନର ଭୟାବହତା ଦର୍ଶାଇବାକୁ ଯେଭଳି ସୁଚିନ୍ତିତ ଯୋଜନା କରାଯାଉଛି, ବାସ୍ତବିକ ଏହା ନିନ୍ଦନୀୟ। କାର୍ଯ୍ୟ ହାସଲ କରିବା ପାଇଁ ଅହିଂସାର ମାର୍ଗ ଆଜି ମଧ୍ୟ ଖୋଲା ରହିଛି। ହେଲେ ଗୋଷ୍ଠୀଗତ, ସଂପ୍ରଦାୟ ଓ ରାଜନୈତିକ ବ୍ୟକ୍ତିମାନେ ଆନ୍ଦୋଳନକୁ ପ୍ରଚାରର ଏକ ମାଧ୍ୟମ କରିଦେବା ଦ୍ୱାରା ଏହାର ବ୍ୟାପକତା ବଢ଼ିଚାଲିଛି। ଯାହା ସୁଫଳ କେତେ ବା ବିଫଳତା କେତେ, ସେ ଦିଗ ପ୍ରତି କାହାରି ନଜର ନପଡିବା ଅତ୍ୟନ୍ତ ଦୁଃଖଦାୟକ। ଯେକୌଣସି ଘଟଣାରେ ପ୍ରତିବାଦ କରିବାକୁ ହେଲେ ଏଥିପାଇଁ ଏକ ସୁଚିନ୍ତିତ ଯୋଜନା କରିବା ସହିତ ଏହାର ସଫଳତା ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ତେଣୁ ଆନ୍ଦୋଳନ ନାଁରେ ଅଯଥା ଗଣ୍ଡଗୋଳର ସୂତ୍ରପାତ କରିବା ଲକ୍ଷ୍ୟ ହେବା ଅନୁଚିତ। ଏଣୁ ଆନ୍ଦୋଳନକାରୀମାନେ ଯେତେବେଳେ ସକାରାତ୍ମକ ମନୋବୃତ୍ତି ନେଇ ପ୍ରତିବାଦର ସ୍ୱର ଉଠିଲେ ଏହା ସାମୁହିକ ସ୍ୱାର୍ଥ ରକ୍ଷା ଦିଗରେ ସହାୟକ ହେବା ସହ ଏକ ଜାତିର ବିକାଶରେ ଭାଗିଦାରି ହେବା ପାଇଁ ସୁଯୋଗ ସୃଷ୍ଟି କରିବ।

# ଭାରତରେ ଗଣତନ୍ତ୍ର ଶାସନ :ଏକ ପ୍ରତିଫଳନ



ଅମିନୀଲୁ ରାୟ

ଯୁଗଯୁଗର ପରାଧୀନତାର ଶୃଙ୍ଖଳକୁ ଛିନ୍ନକରି ଆଜିକୁ ଅର୍ଦ୍ଧଶତାବ୍ଦୀ ତଳେ ଭାରତୀୟ ଜନତା ନୂତନ ଭାରତର ନିର୍ମାଣ ଦିଗରେ ଯେଉଁ ଶପଥ ଗ୍ରହଣ କରିଥିଲା, ତାହା ଯେ ବହୁ ଭାବରେ ସଫଳ ହୋଇଛି ଏ କଥାକୁ କେହି ଅସ୍ୱୀକାର କରିପାରିବେ ନାହିଁ । କାରଣ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ଏବଂ ମର୍ଯ୍ୟାଦା ଏଠାରେ ପ୍ରତିଷ୍ଠିତ ହୋଇଛି । ସମାଜର ଦଳିତ, ଅବହେଳିତ ଓ ଲାଞ୍ଛିତ ବ୍ୟକ୍ତିମାନେ ସ୍ୱାଧୀନ ଭାବରେ ମୁଣ୍ଡ ଟେକି ଆପଣାର ଅଧିକାର ସାବ୍ୟସ୍ତ କରିପାରିଛନ୍ତି । ଆହୁରି ମଧ୍ୟ ସେମାନେ ସକ୍ରିୟଭାବେ ଶାସନରେ ଅଂଶ ଗ୍ରହଣ କରିପାରୁଛନ୍ତି ।

ସବୁଠାରୁ ଉଲ୍ଲେଖଯୋଗ୍ୟ ଯେ ପ୍ରତି ୫ ବର୍ଷରେ ପ୍ରତିନିଧି ସଭାର ପରିବର୍ତ୍ତନ ସହିତ ଏଭଳି ଏକ ବୃହତ ରାଷ୍ଟ୍ରରେ କ୍ଷମତା ହସ୍ତାନ୍ତର କାର୍ଯ୍ୟ ସୁରୁଖୁରରେ ସମ୍ପାଦିତ ହୋଇପାରୁଛି । ପ୍ରତିବେଶୀ ପାକିସ୍ତାନ ଓ ବଙ୍ଗଳାଦେଶ ଭଳି ଦୁଇଟି କ୍ଷୁଦ୍ର ରାଷ୍ଟ୍ରରେ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଏକାଧିକବାର ସାମରିକ ବିପ୍ଳବ ଘଟି ଏକଛତ୍ରବାଦ ପ୍ରତିଷ୍ଠିତ ହୋଇଥିଲେ ମଧ୍ୟ ଭାରତରେ ତାହା ଘଟିନାହିଁ। ଏଠାରେ ବିଭିନ୍ନ ସମୟରେ ସୃଷ୍ଟି ହୋଇଥିବା ବ୍ୟାପକ ଜନଅସନ୍ତୋଷ କେବେହେଲେ ହିଂସାମୁଖୀ ହୋଇନାହିଁ କିମ୍ବା ସାମରିକ ଶକ୍ତି ଏହାର ସୁଯୋଗ ନେବାକୁ ଚେଷ୍ଟା କରିନାହିଁ । ଦୃଷ୍ଟାନ୍ତ ସ୍ୱରୂପ ଇନ୍ଦିରା ଗାନ୍ଧି ତାଙ୍କର ଶାସନ କାଳରେ ଜରୁରୀ ଅବସ୍ଥା ଜାରି କରି ଏକଛତ୍ରବାଦୀ ମନୋଭାବ ପ୍ରକାଶ କରିଥିବାରୁ ସାଧାରଣ ନିର୍ବାଚନରେ ଜନତା ତାଙ୍କୁ କ୍ଷମତାଚ୍ୟୁତ କରିବାକୁ କୁଣ୍ଠିତ ହୋଇନଥିଲେ । କୃଷି, ଶିଳ୍ପ, ବିଜ୍ଞାନ ଓ ବିଭିନ୍ନ ଔଦ୍ୟୋଗିକ କ୍ଷେତ୍ରରେ ଭାରତ ଅକଳ୍ପନୀୟ ଅଗ୍ରଗତି ହାସଲ କରିପାରିଛି । ଦେଶ ସ୍ୱାଧୀନତା ପ୍ରାପ୍ତିବେଳକୁ ଏଠାରେ ପିନ୍‌କଂଟାଟିଏ ତିଆରି ହୋଇପାରୁନଥିବାବେଳେ ଏବେ ଏଠାରେ ସୁପରସୋନିକ୍ ଜେଟ୍ ବିମାନ ତିଆରି କରିପାରୁଛି । ପୁନଶ୍ଚ ପରମାଣୁ ଶକ୍ତି ହାସଲ କରିବାରେ ଭାରତ ହେଉଛି ପୃଥିବୀର ୫ମ ରାଷ୍ଟ୍ର । ଖାଦ୍ୟଶସ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କେବଳ ସ୍ୱାବଲମ୍ବନଶୀଳତା ହାସଲ କରି ନାହିଁ , ସେ ଏକ ରପ୍ତାନିକାରୀ ରାଷ୍ଟ୍ରଭାବେ ତାଲିକାଭୁକ୍ତ ହୋଇପାରିଛି । ଚୀନ୍‌ର ଖାଦ୍ୟଶଙ୍କଟ ଦୂର କରିବା ପାଇଁ ଭାରତ ଖାଦ୍ୟ ଯୋଗାଇଛି । ଦେଶରେ ଏକ ସ୍ୱାଧୀନ ଗଣତାନ୍ତ୍ରିକ ଶାସନ କାର୍ଯ୍ୟ କରୁଥିବାରୁ ଏହା ସମ୍ଭବ ହୋଇପାରିଛି । ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ, ବିଶ୍ୱଶାନ୍ତି, ନିରସ୍ତ୍ରୀକରଣ ଓ ଶାନ୍ତି ଉଦ୍ଦେଶ୍ୟରେ ପରମାଣୁ ଶକ୍ତିର ପ୍ରୟୋଗ ଇତ୍ୟାଦି କ୍ଷେତ୍ରରେ ଭାରତ ବିଶେଷ ନେତୃତ୍ୱ ଗ୍ରହଣ କରିଛି ।



ସଂପ୍ରତି ଆଧୁନିକ ଯୁଗରେ ଗଣତନ୍ତ୍ର ପଦ୍ଧତି ହିଁ ସର୍ବଶ୍ରେଷ୍ଠ ଶାସନ ପଦ୍ଧତି ଭାବରେ ବିବେଚିତ ହୋଇଅଛି । ଏକ ସମୟରେ ଆମେରିକାର ରଷ୍ଟ୍ରପତି ଆବ୍ରାହମ୍ ଲିଙ୍କନ୍ ଗଣତନ୍ତ୍ରର ସଂଜ୍ଞା ଦେବାକୁ ଯାଇ କହିଥିଲେ –" ଡେମୋକ୍ରାସି ଇଜ୍ ଏ ସର୍ଟ ଅଫ୍ ଗଭର୍ଣ୍ଣମେଂଟ୍ ହୁଇଚି ଇଜ୍ ଅଫ୍ ଦି ପିପୁଲ୍ , ବାୟ ଦି ପିପୁଲ୍ ଆଣ୍ଡ୍ ଫର୍ ଦି ପିପୁଲ୍ ।" ସେହି କାରଣରୁ ପୃଥିବୀର ବିଭିନ୍ନ ଦେଶରେ କ୍ରମେ ରାଜତନ୍ତ୍ର ଓ ସୈରତନ୍ତ୍ରର ବିଲୋପ ଘଟି ସେଠାରେ ଗଣତନ୍ତ୍ର ଶାସନ ପଦ୍ଧତି ପ୍ରତିଷ୍ଠିତ ହୋଇଛି । ଏବେ ମଧ୍ୟ ଅନେକ ରାଷ୍ଟ୍ରରେ ଯେଉଁଠାରେ ଜନସାଧାରଣ ଆତ୍ମନିୟନ୍ତ୍ରଣର ଅଧିକାର ପ୍ରାପ୍ତ ହୋଇନାହାନ୍ତି ଏବଂ ସେଥିପାଇଁ ଅହରହ ସଂଗ୍ରାମ ଚାଲିଛି । ଭାରତର ଜନସାଧାରଣ ବ୍ରିଟିଶ ସାମ୍ରାଜ୍ୟବାଦ ବିରୋଧରେ ଦୀର୍ଘଦିନ ଧରି ସଂଗ୍ରାମ ଚଳାଇ ଆଜିକୁ ଅର୍ଦ୍ଧଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ପୂର୍ବେ ସ୍ୱାଧୀନତା ହାସଲ କରିଥିଲେ । ଜନସଂଖ୍ୟା ଦୃଷ୍ଟିରୁ ଭାରତ ହେଉଛି ପୃଥିବୀର ବୃହତମ ଗଣତାନ୍ତ୍ରିକ ରଷ୍ଟ୍ର । ବହୁ ପରୀକ୍ଷା ନିରୀକ୍ଷା ମଧ୍ୟଦେଇ ଏଠାରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଗଣତନ୍ତ୍ର ଶାସନ ବଳବତର ରହିଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଭାରତବର୍ଷ ଏକ ସ୍ୱାଧୀନ, ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସମାଜବାଦୀ ରାଷ୍ଟ୍ର ଭାବରେ ସମଗ୍ର ବିଶ୍ୱରେ ପରିଚିତ । ଆମ ସମ୍ବିଧାନର ମୁଖବନ୍ଧରେ ହିଁ ଏଇ କଥା ଘୋଷଣା କରାଯାଇଛି । କିନ୍ତୁ ସ୍ୱାଧୀନତା ଏବଂ ସାର୍ବଭୌମତା ବ୍ୟତୀତ ଅନ୍ୟ ଶବ୍ଦଗୁଡିକ ଏଠାରେ ନିରର୍ଥକ ହୋଇପଡିଛି । ଯେଉଁ ମହାନ ଲକ୍ଷ୍ୟ ଓ ଆଦର୍ଶ ନେଇ ଭାରତୀୟ ଜନତା ଆନ୍ଦୋଳନର ଅଗ୍ନିବଳୟ ମଧ୍ୟକୁ ଲମ୍ଫ ଦେଇଥିଲା, ସେହି ଲକ୍ଷ୍ୟ ଓ ଆଦର୍ଶ ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ହାସଲ କରାଯାଇଛି ବୋଲି ଦୃଢ ଭାବେ କୁହାଯାଇ ପାରୁନାହିଁ । ଭାରତୀୟ ଗଣତନ୍ତ୍ରର ପ୍ରଧାନ ତୃଟି ହେଉଛି କ୍ଷମତାଲିପ୍‌ସୁ ରାଜନୀତିକ ନେତୃବୃନ୍ଦଙ୍କର ଚରିତ୍ରହୀନତା । କ୍ଷମତାସୀନ ହେବା ପାଇଁ ସେମାନେ ବାହୁବଳ ଓ ଅର୍ଥବଳର ସାହାଯ୍ୟ ନେଉଛନ୍ତି । କ୍ଷମତାର ଅପପ୍ରୟୋଗ କରି ପ୍ରଚୁର ଅର୍ଥ ସଂଗ୍ରହ କରୁଛନ୍ତି । ସେମାନଙ୍କ ଅସାଧୁତା ଯୋଗୁଁ ସମଗ୍ର ଶାସନକାଳ ଦୁର୍ନିତିପୂର୍ଣ୍ଣ ହୋଇପଡିଛି । ସତ୍ୟ ଓ ନ୍ୟାୟର ବିଚାର ହେଉ ନାହିଁ । ଫଳରେ ପାଷଣ୍ଡମାନଙ୍କର ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଛି । ରାଜନୈତିକ ଲୋକମାନଙ୍କର ପ୍ରଧାନ ଲକ୍ଷ୍ୟ ହେଉଛି କ୍ଷମତା ହାସଲ କରିବା । ତେଣୁ ଦଳୀୟ କନ୍ଦଳ, ରାଜନୀତିକ ହିଂସା, ପ୍ରତିହିଂସା, ହତ୍ୟା , ନିରୀହ ଲୋକଙ୍କୁ ଭୟ ପ୍ରଦର୍ଶନ ଇତ୍ୟାଦି ଦୈନନ୍ଦିନ ବ୍ୟାପାରରେ ପରିଣତ ହୋଇଛି । ପ୍ରତିଦିନ ନୂଆ ନୂଆ ଦଳ ଗଠିତ ହେବା ଫଳରେ କ୍ଷମତା ଲୋଭରେ ଦଳବଦଳ ଘଟୁଛି । ଯାହା ଫଳରେ ଶାସନ କ୍ଷେତ୍ରରେ ସଙ୍କଟ ସୃଷ୍ଟି ହେଉଛି । ବ୍ରିଟିଶ୍ ଶାସନ କାଳର ଜାତୀୟ ସଂହତି ସ୍ୱାଧୀନତାର ପରବର୍ତୀ କାଳରେ ଚୂର୍ଣ୍ଣୀଭୂତ ହୋଇଯାଇଛି । ରାଜନୀତିକ ଲୋକେ ଆଂଚଳିକତାବାଦକୁ ଉତ୍ସାହିତ କରି ଦେଶକୁ ଖଣ୍ଡ ଖଣ୍ଡ କରିସାରିଲେଣି । ରାଜନୈତିକ ସ୍ୱାର୍ଥ ଓ ଅଭିପ୍ରାୟବଶତଃ ବହୁ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ସୃଷ୍ଟି ହେବା ପରେ ମଧ୍ୟ ଗୁର୍ଖା ରାଜ୍ୟ, ଖଲିସ୍ଥାନ, ତେଲେଙ୍ଗାନା ଇତ୍ୟାଦି ସ୍ୱତନ୍ତ୍ର ହେବାକୁ ମୁଣ୍ଡ ଟେକିଛନ୍ତି । କେବଳ ରାଜନୀତିକ ସ୍ୱାର୍ଥ ପାଇଁ ସଂରକ୍ଷଣ ବ୍ୟବସ୍ଥାକୁ ଦିନକୁ ଦିନ ସଂପ୍ରସାରିତ କରାଯାଉଛି । ଭୋଟ ଲୋଭରେ ବିଭିନ୍ନ ଜାତିର ମୌଳବାଦୀମାନଙ୍କୁ ଉତ୍ସାହିତ କରାଯାଉଛି । କେତେକ ସଂଖ୍ୟାଲଘୁ ସଂପ୍ରଦାୟର ନେତା ଜାତୀୟତା ବିରୋଧୀ କାର୍ଯ୍ୟରେ ଲିପ୍ତ ଥିଲେ ମଧ୍ୟ ଆଇନ୍ ଅନୁସାରେ ସେମାନଙ୍କ ପ୍ରତି ଦଣ୍ଡବିଧାନ କରାଯାଇ ପାରୁନାହିଁ । ଏହା ଫଳରେ ସନ୍ତ୍ରାସବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ଅନେକ କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ରାୟକୁ ମାନ୍ୟତା ନଦେଇ ସଂବିଧାନ ସଂଶୋଧନ କରିଦିଆଯାଉଛି ।

ପ୍ରାଚୀନ ଗ୍ରୀସ୍‌ର ଅଧିବାସୀମାନେ ଗଣତନ୍ତ୍ର ସହିତ ପରିଚିତ ଥିଲେ ବୋଲି ଐତିହାସିକମାନେ ମତବ୍ୟକ୍ତ କରନ୍ତି । ଖ୍ରୀଷ୍ଟପୂର୍ବ ୪ର୍ଥ ଶତକରେ ଗ୍ରୀସ୍‌ର ଚିନ୍ତାନାୟକ ପ୍ଲାଟୋ ରିପବ୍ଲିକ୍ ନାମରେ ଖଣ୍ଡେ ପୁସ୍ତକ ରଚନା କରିଥିଲେ । ପ୍ରାଚୀନ ଭାରତରେ ବିଶେଷ କରି ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀରୁ ୪ର୍ଥ ଶତାବ୍ଦୀ ମଧ୍ୟରେ ଅନେକ ଗୁଡିଏ ସାଧାରଣତନ୍ତ୍ର ଥିବାର ଜଣାଯାଏ । ଏଗୁଡିକୁ କୁହାଯାଉଥିଲା ଗଣ ବା ସଂଘ । କ୍ଷତ୍ରିୟମାନଙ୍କ ହାତରେ ସେତେବେଳେ ଶାସନ କ୍ଷମତା କେନ୍ଦ୍ରିଭୂତ ଥିଲା ଏବଂ ଗୋଟିଏ ସଂଘ ଥିଲା । ରାଷ୍ଟ୍ରିୟ ବ୍ୟାପାରରେ ନେତୃସ୍ଥାନୀୟ କ୍ଷତ୍ରିୟମାନେ ଏକତ୍ର ବସି ସିଦ୍ଧାନ୍ତ ନେଉଥିଲେ । ଯେଉଁ କ୍ଷତ୍ରିୟ ଜଣକ ଶାସନ ମୁଖ୍ୟ ହେଲେ , ସେହି ପରିବାରରୁ ପୁରୁଷାନୁକ୍ରମିକ ଭାବେ ନେତା ନିର୍ବାଚିତ ହେବାରୁ ପରବର୍ତୀ କାଳରେ ରାଜତନ୍ତ୍ରର ଉଦ୍ଭବ ଘଟିଲା ବୋଲି ଅନୁମାନ କରାଯାଏ ।

ଆଧୁନିକ ଯୁଗରେ ଗଣତନ୍ତ୍ର କହିଲେ ସାଧାରଣତଃ ଲିବରାଲ୍ ଡେମୋକ୍ରାସି ବା ଉଦାର ଗଣତନ୍ତ୍ରକୁ ବୁଝାଏ । ଗଣତନ୍ତ୍ରର କେତୋଟି ପ୍ରଧାନ ଲକ୍ଷଣ ହେଉଛି – ସାକ୍ଷର ନିରକ୍ଷର, ଧନୀ ନିର୍ଦ୍ଧନ, ଜାତି, ଧର୍ମ ଇତ୍ୟାଦି ନିର୍ବିଶେଷରେ ଦେଶର ପ୍ରତ୍ୟେକ ସାବାଳକ ସ୍ତ୍ରୀ ପୁରୁଷଙ୍କୁ ଗୋଟିଏ ଲେଖା ଭୋଟ ଦେବାର ଅଧିକାର ପ୍ରଦାନ , ଗୋପନ ବାଲାଟ ବ୍ୟବସ୍ଥା, କ୍ଷମତା ଲାଭ କରିବାକୁ ଆଶାୟୀ ଥିବା ଦଳୀୟ ଅନୁଷ୍ଠାନକୁ ସ୍ୱୀକୃତି, ସର୍ବୋପରି ଏକ ଲିଖିତ ବା ଅଲିଖିତ ସମ୍ବିଧାନ । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧୀନ ହେବା ପରେ ୧୯୫୦ ମସିହା ଜାନୁୟାରୀ ୨୬ ତାରିଖଠାରୁ ଏଠାରେ ନୂତନ ସମ୍ବିଧାନ କାର୍ଯ୍ୟକାରୀ କରାଯାଇଛି ଏବଂ ତଦନୁଯାୟୀ ସାବାଳକ ଭୋଟ ବ୍ୟବସ୍ଥା ଜରିଆରେ କେନ୍ଦ୍ରରେ ଏବଂ ରାଜ୍ୟରେ ନିର୍ବାଚିତ ପ୍ରତିନିଧିମାନଙ୍କୁ ନେଇ ପ୍ରତି ୫ ବର୍ଷ ପାଇଁ ସରକାର ଗଠନ କରାଯାଉଛି ।

ଏଣୁକରି ସବୁ ପ୍ରକାର ଦୋଷ ଦୁର୍ବଳତା ସତ୍ତ୍ୱେ ଭାରତରେ ଗଣତନ୍ତ୍ରର ଚେର ଯେ ସୁଦୃଢ ଏଥିରେ ସଂଦେହ ନାହିଁ । ଏ ଦେଶରେ ଯେ ପୁଣି ଥରେ ରାଜତନ୍ତ୍ର ବା ଏକଛତ୍ରବାଦ ପ୍ରତିଷ୍ଠିତ ହେବ ସେଭଳି ଆଶଙ୍କା ଆଉ ନାହିଁ , କିନ୍ତୁ ଜାତୀୟ ଚରିତ୍ରକୁ ସଂଶୋଧନ କରିବାକୁ ହେବ । ତା ନହେଲେ ଭାରତବର୍ଷ ଭବିଷ୍ୟତରେ ଅରାଜକତାରେ କବଳିତ ହୋଇ ଏକ ଭୟଙ୍କର ଗୃହଯୁଦ୍ଧ ଆଡକୁ ଆଗେଇ ଯିବ । ରାଜନୀତିକ ଲୋକମାନଙ୍କ ଯୋଗୁଁ ଏ ଦେଶରେ ଯେଭଳି ଜାତିବାଦ, ଗୋଷ୍ଠୀବାଦ, ଆଂଚଳିକତାବାଦ, ଧାର୍ମିକ ମୌଳବାଦ , ସନ୍ତ୍ରାସବାଦ ଇତ୍ୟାଦି ବଢି ବଢି ଯାଉଛି, ତାହା ଦିନେ ଭାରତର ଜାତୀୟତା ଓ ଅଖଣ୍ଡତାକୁ ବିପନ୍ନ କରି ଏକ ଭୟଙ୍କର ଅବସ୍ଥା ସୃଷ୍ଟି କରିବ ,ଏହା ନିଃସନ୍ଦେହରେ କୁହାଯାଇପାରେ ।

*ଘାଗଡା, ରାହାମା,*
*ଜଗତ୍‌ସିଂହପୁର*
*ମୋ-୯୯୩୭୪୧୨୫୧୫*

# ଗୋପବନ୍ଧୁ ଓ ଗ୍ରାମ୍ୟ ସ୍ୱରାଜ୍ୟ



ନିର୍ମଳ କୁମାର ବେହେରା

**ପ**ଞ୍ଚାୟତସ୍ତରର ନିର୍ବାଚିତ ପ୍ରତିନିଧିମାନେ ଓଡ଼ିଶାରେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁଙ୍କର ଗ୍ରାମ୍ୟ ସ୍ୱରାଜ୍ୟର ଭାବନା ଓ ଚିନ୍ତାଧାରା (ଯାହାକି ମହାତ୍ମା ଗାନ୍ଧିଙ୍କର ସ୍ୱାଧୀନତା ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା) ଏବେ ମଧ୍ୟ ରାଜ୍ୟ ତଥା ଦେଶର ଗ୍ରାମାଞ୍ଚଳ ପାଇଁ ପ୍ରଯୁଜ୍ୟ।

'ମିଶୁ ମୋର ଦେଶ ମୋ ଦେଶ ମାଟିରେ' ଶୀର୍ଷକ କବିତାର ଶେଷ ପଂକ୍ତିରେ ଗୋପବନ୍ଧୁ ଲେଖିଥିଲେ-

"ଅରଟ ଚଳାଅ ପ୍ରତି ଘରେ ଘରେ,
ଗ୍ରାମର କଳହ ତୁଟାଅ ଗ୍ରାମରେ।
ଚାଲ ସତ୍ୟପଥେ ନାହିଁ ଡର ଭୟ,
ଅସହଯୋଗରେ ବିଜୟ ନିଶ୍ଚୟ।
ଛାଡ଼ ଉଚ୍ଚନୀଚ ଭେଦ ଅହଙ୍କାର,
ହେଉ ନିଳାଚଳୁ ସମତା ପ୍ରଚାର।

ଆସନ୍ତୁ, ଆଲୋଚନା କରିବା ଆଜିର ଓଡ଼ିଶାରେ ଗୋପବନ୍ଧୁଙ୍କର ସେହି ଆହ୍ୱାନ କିପରି ଭାବରେ କାମ କରିପାରିବ। ଆଜି ମଧ୍ୟ ଗ୍ରାମମାନଙ୍କରେ କ୍ଷୁଦ୍ରଶିଳ୍ପ ଓ କୁଟୀରଶିଳ୍ପର ବିକାଶ ହୋଇପାରିନାହିଁ। ଗ୍ରାମରେ କିଛି ଶିଳ୍ପ ତଥା ବସ୍ତ୍ରତିଆରି, ବାସନ ତିଆରି, ରୂପା,ସୁନାର କାମ, ପଟ୍ଟଚିତ୍ର, ଚାନ୍ଦୁଆ ତିଆରି ଇତ୍ୟାଦି ଓଡ଼ିଶାର ବିଭିନ୍ନ ଅଞ୍ଚଳ ତଥା ସମ୍ବଲପୁର, ମାଣିଆବନ୍ଧ, ନୂଆପାଟଣା, ଗୋପାଳପୁର, ପିପିଲି, ଚନ୍ଦନପୁର, କଟକ, ବାଲେଶ୍ୱର ଇତ୍ୟାଦି ସ୍ଥାନରେ ହେଉଅଛି। ଏତଦ୍‌ବ୍ୟତୀତ ଗ୍ରାମରେ କାଠକାମ ମିସ୍ତ୍ରୀ, ଘରତିଆରି ମସ୍ତ୍ରୀ, ଲୁହା ଉପକରଣ ତିଆରି, ପଥର, କାଠ ଓ ମାଟିର ବିଭିନ୍ନ ମୂର୍ତ୍ତିର କାରିଗରମାନେ କାମ କରୁଛନ୍ତି କିନ୍ତୁ ଏମାନଙ୍କର ଅବସ୍ଥା ସେତେ ଭଲ ନୁହେଁ। କ୍ରମାଗତ ଧରି କ୍ଷତି ଓ ଅସୁବିଧା ଯୋଗୁ ଏମାନଙ୍କ ମଧ୍ୟରୁ ଅନେକ କୌଳିକ ବୃତ୍ତି ଛାଡି ସହରମାନଙ୍କରେ ଛୋଟ ମୋଟ କାମ ଓ ରୋଜଗାର କରିବାକୁ ପଳାଇ ଯାଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୋପବନ୍ଧୁଙ୍କର ଡାକରା "ଅରଟ ଚଳାଅ ପ୍ରତି ଘରେ ଘରେ' ଅମଳ କରିବାର ସମୟ ଆସିଛି। କୃଷିଭିତ୍ତିକ କୁଟୀର ଶିଳ୍ପ ମାଧ୍ୟମରେ ପ୍ରତି ଗ୍ରାମରେ କୃଷିରୁ ଉତ୍ପନ୍ନ ହେଉଥିବା ବିଲାତି ବାଇଗଣ, ଲଙ୍କାମରିଚ, ଆମ୍ବ ଓ ଅନ୍ୟ ପରିବାରୁ ବିଭିନ୍ନ ପ୍ରକାର କେଚଅପ୍ ସସ, ଆଚାର ଇତ୍ୟାଦି ପ୍ରସ୍ତୁତ କରାଯାଇ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଗ୍ରାମ ଓ ସହରାଞ୍ଚଳରେ ବିକ୍ରି କରାଯାଇପାରିବ। ଏହା ସହିତ କ୍ଷୁଦ୍ର ଶିଳ୍ପ ମାଧ୍ୟମରେ ଗ୍ରାମର ବେରୋଜଗାର ଯୁବକ ଯୁବତୀମାନେ ନିତ୍ୟ ବ୍ୟବହାର୍ଯ୍ୟ ପଦାର୍ଥ ଯଥା ସାବୁନ, ତେଲ, ଦୁଗ୍ଧଜାତ ଦ୍ରବ୍ୟ, ବିଭିନ୍ନ ବସ୍ତ୍ର ତିଆରି କରିବା ସହିତ ଗ୍ରାମର ଚାହିଦା ପରେ ବଡ ବଡ ସହରରେ ସମବାୟ ସେବା ମାଧ୍ୟମରେ ବିକ୍ରି କରିପାରିବେ। ଗ୍ରାମର କୃଷକ ଓ କାରିଗରମାନେ ଉପକୃତ ହୋଇପାରିବା ସଙ୍ଗେ ସଙ୍ଗେ ବେରୋଜଗାର ଯୁବକ ଯୁବତୀମାନେ ରୋଜଗାର ପାଇପାରିବେ।

ଗୋପବନ୍ଧୁଙ୍କର ଦ୍ୱିତୀୟ ଆହ୍ୱାନ ଥିଲା 'ଗ୍ରାମର କଳହ ତୁଟାଅ ଗ୍ରାମରେ"। ଓଡ଼ିଶା ତଥା ଦେଶର କୋର୍ଟ କଚେରୀରେ ପଡିରହିଥିବା ଲକ୍ଷ ଲକ୍ଷ କେସ ଯାହାର ଫଳାଫଳ ଆସିବା ପାଇଁ ବର୍ଷ ପରେ ବର୍ଷ ବିତିଯାଉଛି ଓ ଏହି ମଧ୍ୟରେ ଅନେକ ଲୋକ ଇହଲୀଳା ସମ୍ବରଣ କରିଯାଉଛନ୍ତି, ଏହି କେସ୍‌ମାନଙ୍କ ମଧ୍ୟରୁ ଅଧାରୁ ଅଧିକ କେସ୍ ଗ୍ରାମାଞ୍ଚଳରେ ଛୋଟ ଛୋଟ କଳି ଓ ବିଭେଦରୁ ହେଉଛି। ଗ୍ରାମାଞ୍ଚଳରେ ଏହି ଛୋଟ ଛୋଟ ମନୋମାଳିନ୍ୟ ଯାହାକି ଘରେ, ଘଷର, ପଡୋଶୀମାନଙ୍କ ମଧ୍ୟରେ ଓ ଗ୍ରାମ ଗ୍ରାମ ମଧ୍ୟରେ ଚାଲିଚଳନ,



ଜମିବାଡି, ବିବାହ ଓ ବିବାଦ ଇତ୍ୟାଦିରୁ ହୋଇଥାଏ ଏହାର ସମାଧାନ ପଞ୍ଚାୟତସ୍ତରରେ ହେବାର କୌଣସି ଅସୁବିଧା ନାହିଁ। ଏଥିପାଇଁ ପୋଲିସ, କୋର୍ଟ କଚେରୀର ଆବଶ୍ୟକତା ନାହିଁ। କିନ୍ତୁ ଅନ୍ୟର ପ୍ରରୋଚନା, ରାଜନୈତିକ ଦଳମାନଙ୍କର ହସ୍ତକ୍ଷେପ, ଧନିକ ଶ୍ରେଣୀର ଲୋକମାନଙ୍କର ଭୂମିକା ଓ ସରକାରୀ କର୍ମଚାରୀମାନଙ୍କର କ୍ଷମତାର ଦୁରୁପଯୋଗ ଯୋଗୁ ଏହି ଛୋଟ ଛୋଟ ସମସ୍ୟା ସମାଧାନ ନହୋଇ ବଢ଼ିଥାଏ ଓ କୋର୍ଟ କଚେରୀରେ ପହଞ୍ଚିଥାଏ। ପଞ୍ଚାୟତସ୍ତରରେ ଆପୋଶ ମିଳାମିଶା ଦ୍ୱାରା ଏହି ସମସ୍ୟାର ସମାଧାନ ହେଲେ ଆମ ରାଜ୍ୟରୁ କେସ୍ ସଂଖ୍ୟା କମିବା ସହିତ ଗ୍ରାମାଞ୍ଚଳରେ ସହୃଦୟତାର ବାତାରବରଣ ସୃଷ୍ଟି ହୋଇପାରନ୍ତା।

"ଡରଭୟ ଛାଡ଼ି ସତ୍ୟପଥରେ ଚାଲିବା ଓ ଅସହଯୋଗର ନିଶ୍ଚୟ ବିଜୟ ମିଳିବ" ଏହି ଡାକରା ଦେଇ ଗୋପବନ୍ଧୁ ସିଦ୍ଧ କରିଦେଇଯାଇଛନ୍ତି, ସତ୍ୟପଥରେ ଚାଲିବା ଓ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ଅସହଯୋଗର ସ୍ୱର ଉତ୍ତୋଳନ କରିବା ଆମର ଜାତୀୟ ଚରିତ୍ର ହେବା ଉଚିତ୍। ପିଲାଟିଏ ଜନ୍ମ ହେଲାପରେ ତାକୁ ସତ୍ୟପଥରେ ଚାଲିବା ପାଇଁ ଶିକ୍ଷା ଓ ପ୍ରେରଣା ବାପା, ମା, ଗୁରୁଜନ ଓ ଶିକ୍ଷକ, ଶିକ୍ଷୟିତ୍ରୀମାନେ ଦେବା ବିଧେୟ। ତାହାହେଲେ ପିଲାଟି ଭବିଷ୍ୟତରେ ଭଲ ମଣିଷଟିଏ ହୋଇପାରିବ। ଗ୍ରାମ୍ୟ ପରିବେଶ ଆଜି ମଦ, ଅପରାଧ ଓ ରାଜନୀତିରେ କଳୁଷିତ ହୋଇଯାଉଛି। କିଛି ଭ୍ରଷ୍ଟ ଅସାଧୁ ଦୁର୍ନୀତି ପରାୟଣ ଲୋକ, ନେତା ଓ ସରକାରୀ କର୍ମଚାରୀମାନଙ୍କର ମଧୁଚନ୍ଦ୍ରିକା ଯୋଗୁ ଜନସାଧାରଣ ତଥା ଗ୍ରାମବାସୀମାନେ ବ୍ୟତିବ୍ୟସ୍ତ ହୋଇରହିଛନ୍ତି। ଏହି ପରିବେଶରୁ ଗ୍ରାମ୍ୟ ପରିବେଶକୁ ସୁଧାରିବା ପାଇଁ ଗୋପବନ୍ଧୁଙ୍କର ସତ୍ୟପଥ ଓ ଅସହଯୋଗର ଅସ୍ତ୍ର ପ୍ରୟୋଗ କରିବାପୁ ପଡିବ। ପିଲାମାନଙ୍କୁ ସତ୍ୟପଛରେ ଚାଲିବାର ପ୍ରେରଣା ଦେବା ସହିତ ଅତ୍ୟାଚାରୀମାନଙ୍କ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନର ସୂତ୍ରପାତ କରିବାର ସମୟ ଆସିଯାଇଛି।

ଶେଷ ପଦରେ ଗୋପବନ୍ଧୁ କହିଥିଲେ 'ଛାଡ ଉଚ୍ଚନୀତ ଭେଦ ଅହଙ୍କାର, ହେଉ ନିଳାଚଳୁ ସମତା ପ୍ରଚାର" ଆଜି ମଧ୍ୟ ସମାଜରେ ଉଚ୍ଚନୀଚର ପ୍ରଭେଦ, ଧର୍ମ ଧର୍ମ ମଧ୍ୟରେ ଅସହନଶିଳତା, ଜାତିଗତ, ବୈଷମ୍ୟ, ନାରୀମାନଙ୍କ ଉପରେ ଅତ୍ୟାଚାର, ସମାଜର ଦୁର୍ବଳଶ୍ରେଣୀ ଉପରେ ଭେଦଭାବ ଦେଖିବାକୁ ମିଳୁଛି। ଏହାର ପ୍ରଭାବରେ ଅନେକ ଅସାମାଜିକ ତତ୍ତ୍ୱ ଗ୍ରାମ ଓ ଜନପଦମାନଙ୍କରେ ଆତଙ୍କରାଜ ଚଳାଇଛନ୍ତି ଯାହାଫଳରେ ବିଭେଦକାରୀ, ଅହଂଙ୍କାରୀ, ଜାତିଧର୍ମ ନାମରେ ବେପାର କରୁଥିବା ବ୍ୟକ୍ତି ଓ ଅନୁଷ୍ଠାନମାନଙ୍କରେ କାର୍ଯ୍ୟକଳାପ ବଢ଼ିଯାଇଛି। ଏହାର ପରିଣତି ଯୁବସମାଜ, ଛାତ୍ର ସମାଜ, ନାରୀ ସମାଜକୁ ଭୋଗିବାକୁ ପଡୁଛି। ବଳାତ୍କାର, ଅପହରଣ, ହତ୍ୟା ଇତ୍ୟାଦି ଅପରାଧ ବଢ଼ିଛି ଓ ଚାରିଆଡେ ଅସମାନତାର ବାତାବରଣ ଆମକୁ ଏକ ଭୟଙ୍କର ପରିସ୍ଥିତି ଆଡକୁ ବାଟକାଢ଼ି ନେଉଛି। ଏହି ଘଡିସନ୍ଧି ମୁହୂର୍ତ୍ତରେ ଉତ୍କଳ ଭୂମିରୁ ସମତାର ପ୍ରଚାର ହେଉବୋଲି ଗୋପବନ୍ଧୁ ଯେଉଁ ଆହ୍ୱାନ ଦେଇଥିଲେ ତାହାର ପ୍ରାସଙ୍ଗିକତା ନିଶ୍ଚୟ ରହିଛି। ଜାତି ଓ ଧର୍ମ ମଧ୍ୟରେ ଥିବା ପ୍ରାଚୀରକୁ ଭାଙ୍ଗି ଆମେ ଉତ୍କଳବାସୀ ଉଚ୍ଚ, ନିଚ, ଅହଙ୍କାର ଭେଦଭାବ ବିହିନ ସମାଜର ପ୍ରତିଷ୍ଠା କରିପାରିବା। ଏଥିପାଇଁ ଗ୍ରାମାଞ୍ଚଳର ଜନସାଧାରଣଙ୍କ ସହିତ ଶିକ୍ଷକ, ସରକାରୀ କର୍ମଚାରୀ, ପଞ୍ଚାୟତ ପ୍ରତିନିଧି, ବେସରକାରୀ ସଂସ୍ଥା, ବୁଦ୍ଧିଜୀବୀ ସଂଗଠନମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୧୯୦୯ ମସିହା ଅଗଷ୍ଟ ୧୨ ତାରିଖରେ ଉତ୍କଳମଣି ଗୋପବନ୍ଧୁ, ଆଚାର୍ଯ୍ୟ ହରିହର, ପଣ୍ଡିତ ନୀଳକଣ୍ଠ ଓ ପରବର୍ତ୍ତୀ ସମୟରେ କୃପାସିନ୍ଧୁ ମିଶ୍ର, ବେଣୁଗୋପାଳ ଆଚାର୍ଯ୍ୟ ଯୋଗ ଦେଇ ବକୁଳବନରେ ବନବିଦ୍ୟାଳୟ ସ୍ଥାପନ କରିଥିଲେ। ତାହା ଏକ ଭଲ ମଣିଷ ତିଆରି କାରଖାନା ଥିଲା। ଦୀର୍ଘ ୧୮ ବର୍ଷ ଧରି ଏହି ବିଦ୍ୟାଳୟ ସେ ସମୟରେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମିଣିଷମାନଙ୍କୁ ଗଢ଼ିଥିଲା। ଆଜି ସେ ବିଦ୍ୟାଳୟ ନିଶ୍ଚିନ୍ନ ହୋଇଛି ସେହି ସ୍ମୃତିସ୍ଥଳ ନିକଟସ୍ଥ ବଜାରର ପାଇଖାନା ସ୍ଥଳ ହେବା ସହିତ ସେଠାରେ ପ୍ରତିଷ୍ଠିତ ମହାପୁରୁଷମାନଙ୍କ ମୂର୍ତ୍ତି ଭଗ୍ନ ହେବା ସହିତ ସେଠାରେ ନିର୍ମାଣ ହୋଇଥିବା ମୁକ୍ତାକାଶ, ରଙ୍ଗମଞ୍ଚ, ବିଶ୍ରାମସ୍ଥଳ, ପାର୍କିଂସ୍ଥଳ ଇତ୍ୟାଦି ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏହାସହ ୨୨ ଏକର ଜମି ଯେଉଁଠିକି ଏହି ବିଦ୍ୟାଳୟ ସ୍ଥାପିତ ହୋଇଥିଲା ତାହାର ପ୍ରାକୃତିକ ପରିବେଶ, ମୂଲ୍ୟବାନ ଗଛ ଇତ୍ୟାଦି ଧ୍ୱଂସ ହେବାରେ ଲାଗିଛି। ଏହି ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତି ସହିତ ଗ୍ରାମାଞ୍ଚଳରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ସାମାଜିକ ଅସମାନତାକୁ ଶେଷକରି ଗୋପବନ୍ଧୁ ପରିକଳ୍ପନା କରିଥିବା ଗ୍ରାମ୍ୟସ୍ୱରାଜର ଆବଶ୍ୟକତା ଅଧିକରୁ ଅଧିକ ଅନୁଭବ ହେବାର ଲାଗିଛି। ତ୍ରିସ୍ତରୀୟ ପଞ୍ଚାୟତିରାଜର ନବନିଯୁକ୍ତ ପ୍ରତିନିଧି, ସେମାନେ ପରିଚାଳିତ ହେଉଥିବା ରାଜନୈତିକ ଦଳମାନଙ୍କର ଗୁରୁଦାୟିତ୍ୱ ରହିଛି। ଏମାନଙ୍କୁ ସଠିକ୍ ଦିଗଦର୍ଶନ କରିବା ପାଇଁ ବୁଦ୍ଧିଜୀବୀ, ଶିକ୍ଷକ, ଶିକ୍ଷୟିତ୍ରୀ, ବେସରକାରୀ ଅନୁଷ୍ଠାନ ଓ ଗ୍ରାମାଞ୍ଚଳର ଜନସାଧାରଣ ତଥା ଅଭିଭାବକଙ୍କର ବିଶେଷ ଭୂମିକା ରହିଛି। ଗୋପବନ୍ଧୁଙ୍କର ଗ୍ରାମସ୍ୱରାଜ୍ୟର ସ୍ୱପ୍ନକୁ ସାକାର କରିବା ପାଇଁ ଆମେ ସମସ୍ତେ ପ୍ରତିଜ୍ଞାବଦ୍ଧ ହେବାର ସମୟ ଆସିଯାଇଛି ଓ ଏହା ସହିତ ବକୁଳବନ ବିଦ୍ୟାଳୟକୁ ପୁନରୁଦ୍ଧାର କରି ସେହିଠାରେ ଶାନ୍ତିନିକେତନ ଢାଞ୍ଚାରେ ଏକ ବିଶ୍ୱବିଦ୍ୟାଳୟ କରିବାର ଆବଶ୍ୟକତା ରହିଛି। ସେହି ବିଶ୍ୱବିଦ୍ୟାଳୟର ମୁକ୍ତ ପ୍ରାଙ୍ଗଣରେ ତ୍ରିସ୍ତରୀୟ ପଞ୍ଚାୟତ ରାଜର ପ୍ରତିନିଧି, ପଞ୍ଚାୟତ ସ୍ତରରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀ, ଛାତ୍ରଛାତ୍ରୀ, ଯୁବକଯୁବତୀମାନଙ୍କୁ ଅନ୍ୟ ବିଷୟ ସହିତ ଗୋପବନ୍ଧୁ ପରିକଳ୍ପନା କରିଥିବା ଗ୍ରାମ୍ୟ ସ୍ୱରାଜ୍ୟ ସମ୍ବନ୍ଧରେ ଶିକ୍ଷା, ଉଚ୍ଚଶିକ୍ଷା ଓ ଗବେଷଣା କରାଇପାରିଲେ ଆମେ ପୁଣିଥରେ ସେହି ସୁବର୍ଣ୍ଣ ଯୁଗର ଅଧ୍ୟାୟ ଆରମ୍ଭ କରିପାରନ୍ତେ ଯାହାର କଳ୍ପନା ଓ ଗୋପବନ୍ଧୁ ଓ ପଞ୍ଚସଖା ତାଙ୍କ ଜୀବିତ ସମୟରେ କରିଥିଲେ। ଏହାହିଁ ସେହି ମହାନ ଆତ୍ମା ପ୍ରତି ଆମ ସମସ୍ତଙ୍କର ଗଭୀର ଶ୍ରଦ୍ଧାଞ୍ଜଳି।

**ବି-୪୨୩, ରାଜେନ୍ଦ୍ର ବିହାର**
**ଆପାର୍ଟମେଣ୍ଟ, ଫରେଷ୍ଟପାର୍କ,**
**ଭୁବନେଶ୍ୱର-୯**

ଆମ ଠିକଣା
ଏକମାତ୍ର
ସମ୍ପାଦନା କାର୍ଯ୍ୟାଳୟ
ଏଚଆଇଜି-୧୩୭,
ଧର୍ମବିହାର, ଖଣ୍ଡଗିରି
ଭୁବନେଶ୍ୱର-୩୦
ଦୂରଭାଷ :
୦୮୭୬୩୩୬୮୦୨୯
୦୭୦୦୮୩୪୦୩୮୯



**କ୍ଷୀରୋଦ ଦାସ**
ମୋ : ୯୪୩୭୧୬୩୦୦୨
ମେଲ୍: khirod65@gmail.com

# ବେଦନାର ବେଦ (୨୯)



ଧାରାବାହିକ ଉପନ୍ୟାସ

ମାଟିମନସ୍କ, କଥକତା, ସ୍ମୃତିସଜଳ କାହାଣୀ ଅବତାରଣା, ବଳିଷ୍ଠ କାହାଣୀଧର୍ମିତା, ଚମତ୍କାର ଉପମାଯୁକ୍ତ ଭାଷାବିନ୍ୟାସ ତଥା ଅପୂର୍ବ କ୍ଷୀରୋଦୀୟ ଶୈଳୀରେ ଲିଖିତ ଗାଳ୍ପିକ କ୍ଷୀରୋଦ ଦାସଙ୍କ ଗଳ୍ପ ଓ ଉପନ୍ୟାସ ଅଗଣିତ ପାଠକଙ୍କୁ ମୋହାବିଷ୍ଟ ତଥା ମନ୍ତ୍ରମୁଗ୍ଧ କରିବା ସହିତ ଏକ ଅନନ୍ୟ ଉପଲବ୍ଧିରେ ବିଗଳିତ କରି ପକାଇବାର ସାମର୍ଥ୍ୟ ରଖେ। ପ୍ରାୟ ୧୪ଖଣ୍ଡ ଗଳ୍ପ ସଂକଳନ ଏବଂ ୩ଟି ଅନନ୍ୟ ଉପନ୍ୟାସର ରଚୟିତା ସଦା ସୃଜନମଗ୍ନ ଏଇ ସ୍ରଷ୍ଟାଙ୍କ ପ୍ରତିଟି ସୃଷ୍ଟିରେ ଭରି ରହିଛି ଜୀବନ ପାଇଁ ଅସୀମ ଶ୍ରଦ୍ଧା, ଭୁଶୁଡ଼ି ପଡୁଥିବା ସମ୍ପର୍କ ଓ ମୂଲ୍ୟବୋଧ ପାଇଁ ଅସରନ୍ତି ଦରଦ ଏବଂ ଆଞ୍ଜୁଳା ଆଞ୍ଜୁଳା ଆହାପଣ।

"**ସେ**ଦିନ ତୁମକୁ ଏ ନର୍ସିଂହୋମ୍‌ରେ ଦେଖି ଚିହ୍ନିସାରିବା ପରେ ଏବଂ ତୁମଠାରୁ ସେ ଛତରା ସଞ୍ଜୟ କଥା ଶୁଣିବା ପରେ, ମୁଁ ଜାଣିଗଲି ଯେ ତୁମେ ସେଇ ଚକ୍ରାନ୍ତରେ ପଡ଼ିଯାଇଛ। ସେଇଟା ଅତି ନୀଚ ପ୍ରକୃତିର ଲୋକଟା। ଲଫଙ୍ଗା ଓ ଗୁଣ୍ଡାଟା। ବାହାରେ ନାନା ବାଜେ ଧନ୍ଦା କରି ହଜାରେ ଥର ବନ୍ଧାହୋଇ ହାଜତକୁ ଗଲାଣି। ଡାକ୍ତର ତ୍ରିପାଠୀଙ୍କର ସେ ତ ଡାହାଣ ହାତ। କଳେବଳେ କୌଶଳରେ ଧରାଧରି କରି, ଲାଞ୍ଚ ରିସ୍‌ବତ୍ ଦେଇ ସେ ତାକୁ ମୁକୁଳେଇ ଆଣୁଛନ୍ତି। ନ ଆଣିଲେ ଯେ ତାଙ୍କ ଧନ୍ଦା ବରବାଦ ହୋଇଯିବ!"

କମଳାଦିଦି କିଛି ସମୟ ନିରବ ରହି ପୁଣି ଆରମ୍ଭ କଲେ –

"ସେଦିନ ରାତିରେ ତୁମ ପୁଅର ସବୁ ରିପୋର୍ଟ ମୁଁ ଗୁପ୍ତରେ ଦେଖିଲି। କିଛି ହୋଇ ନଥିଲା ତା'ର। ଖବର ପାଇଲି ଯେ, ପୁଅର କିଡ୍‌ନୀ କାଢ଼ିନେବାର ଯୋଜନା ସେମାନେ କରିସାରିଛନ୍ତି! ସେଦିନ ତୁମର ମୋର କଥାବାର୍ତ୍ତା ଆଉ ଜଣେ ନର୍ସ ଶୁଣିଦେଲା ଏବଂ ସେ କଥାକୁ ସଙ୍ଗେ ସଙ୍ଗେ ଡାକ୍ତର ତ୍ରିପାଠୀ କାନରେ ପକାଇଦେଲା। ସେହିଦିନ ରାତିରେ ହିଁ ସେ ମତେ କାମରୁ ବାହାର କରିଦେଲେ। ସତ କହୁଛି, ସେଥିପାଇଁ ମୋର ତିଳେମାତ୍ର ଦୁଃଖ ନଥିଲା। ଦୁଃଖ ଥିଲା ଯାହା ତୁମ ପାଇଁ! କ'ଣ କରିବି, କିପରି ତୁମକୁ ଏ ଷଡଯନ୍ତ୍ରରୁ ରକ୍ଷା କରିବି, ସେଇକଥା ଭାବି ଭାବି ମୁଁ କିଛି କୂଳକିନାରା ପାଉନଥିବା ବେଳେ, ମୋ ମନକୁ ହଠାତ୍ ଆସିଗଲା ଗୋଟେ ଉପାୟ। ମୁଁ ନିକଟସ୍ଥ ଥାନାରେ ଯାଇ ଏ ବିଷୟରେ ଜଣାଇଲି। ଥାନାବାଲା କାଳେ ମୋ କଥାକୁ ଗୁରୁତ୍ୱ ନ ଦେବେ, ଖୋଦ୍ ଏସ୍‌ପିଙ୍କୁ ମଧ୍ୟ ଜଣାଇଦେଲି। ଡାକ୍ତର ତ୍ରିପାଠୀ ମହା ଚତୁର। ଶୃଗାଳଠାରୁ ମଧ୍ୟ ଅଧିକ ଧୂର୍ତ୍ତ। ଥାନା ଇନ୍‌ସପେକ୍ଟର ତାଙ୍କଠାରୁ ନିୟମିତ ଲାଞ୍ଚ ଖାଏ ଏବଂ ଏପରି ଅନୈତିକ କାର୍ଯ୍ୟ ପାଇଁ ସାହଯ୍ୟ କରେ। ମୋ'ଠାରୁ ଏକଥା ଶୁଣି ସେ ଗୁପ୍ତରେ ସଙ୍ଗେ ସଙ୍ଗେ ଖବର ପଠାଇଦେଲା ତ୍ରିପାଠୀ ଡାକ୍ତର ପାଖକୁ। ଡାକ୍ତର ତ୍ରିପାଠୀ ସତର୍କ ହୋଇଯାଇ ଅପରେସନର ଗତିପଥ ବଦଳାଇବାକୁ ବାଧ୍ୟ ହେଲେ।"

"ଡାକ୍ତର ତ୍ରିପାଠୀ କେବଳ ଏଇ ସହରରେ ନୁହେଁ, ସାରା ରାଜ୍ୟରେ ବେଶ୍ ଜଣାଶୁଣା। ରାଜ୍ୟର ଅଧେ ମନ୍ତ୍ରୀ, ଏମ୍‌ଏଲ୍‌ଏ, ପୋଲିସବାଲାଙ୍କୁ କେବଳ ଟଙ୍କା ଦେଇ ବଶ କରି ରଖିଛନ୍ତି। ସେ ଯାହା କରିବେ, ତାଙ୍କୁ ବାଧା ଦେବାପରି ଲୋକ ଖୁବ୍ କମ୍।"

ସରି ନଥିଲା କମଳା ଦିଦିଙ୍କ କଥା।

"ତୁମ ସାମ୍ନାରେ ଏସବୁ କଥା କହିବାକୁ ମତେ ବଡ ସଙ୍କୋଚ ଲାଗୁଛି ଚକ୍ରଧର। ଏ ପତିତପାବନ ନର୍ସିଂହୋମ୍‌ରେ ଦେହ ବ୍ୟବସହାୟ ବି ଚାଲେ। ସେଠି ଯେଉଁ ନର୍ସମାନେ ଅଛନ୍ତି, ଡାକ୍ତର ତ୍ରିପାଠୀ ସେମାନଙ୍କୁ ବାଜେ ଧନ୍ଦାରେ ଲଗାଇ ବେଶ୍ କିଛି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଡାକ୍ତର ତ୍ରିପାଠୀ ସେମାନଙ୍କୁ ମାସକୁ ଦରମା ଦେଉଛନ୍ତି ଚାରିହଜାର। କିନ୍ତୁ ଦିନକୁ ଆଦାୟ କରୁଛନ୍ତି ଚାରିହଜାର ଏଇଥିରୁ ତମେ ଅନୁମାନ କର, କିଭଳି କଦର୍ଯ୍ୟ କାର୍ଯ୍ୟସବୁ ଚାଲିଛି ସେଠି!!"

"ମୋତେ ଚାକିରିରୁ ବାହାର କରି ଦିଆଗଲା, ସେଥିପାଇଁ ମୋର ତିଳେମାତ୍ର ଦୁଃଖ କି ଅବସୋସ ନାଇଁ। ଚାକିରୀ କରିବାକୁ ମୋର ବି ଆଉ ବଳବୟସ ନାଇଁ। ସେହି ଦିନଠାରୁ ନାନା ଧମକ ଚମକ ଦିଆଯାଉଛି ମତେ। ରାତିରେ ଥରେ ଦି'ଥର ମୋ ଘର ଉପରକୁ ଢେଲାମାଡ ମଧ୍ୟ ହେଲାଣି। ଟେଲିଫୋନ୍‌ରେ ନାନା ଅଶ୍ଳୀଳ ଗାଳି ଦିଆଯାଉଛି ମତେ। ସେଥିପାଇଁ ମୋର ଭୟ ନାହିଁ କି ଖାତିର ନାହିଁ। ମୋ ପାଇଁ ବଡ ସାନ୍ତ୍ୱନା ହେଲା ଯେ ଜଣେ ଗରିବ ଅସହାୟ ମଣିଷକୁ ସର୍ବସ୍ୱାନ୍ତ ହେବାରୁ ମୁଁ ବଞ୍ଚାଇ ଦେଇଛି।"

କମଳାଦିଦି ଗୋଟିଏ ଦୀର୍ଘଶ୍ୱାସ ଛାଡି ଶେଷକଥା ଶୁଣାଇଲେ- "ଚକ୍ରଧର, ଯାହା ହେବାର ହେଲାଣି, ଯାହା ଭୋଗିବାର କଥା ଭୋଗିଲଣି। ମୋ ସାନ କଥା ମାନ! ତୁମ ସ୍ତ୍ରୀ ପିଲାଙ୍କୁ ଧରି ଯେତେଶୀଘ୍ର ପାରୁଛ ଏ ସ୍ଥାନ ଛାଡଇ ଗାଁକୁ ପଳାଅ। ଏଠି ଅଧିକ ଦିନ ରହିଲେ ବିପଦ।"

ବରଡ଼ାପତ୍ର ପରି ଥରୁଥିଲା ଚକ୍ରଧରର ସର୍ବାଙ୍ଗ ଶରୀର। ତାକୁ, ତା'ପିଲାଛୁଆ ସଂସାରକୁ ନେଇ, ତା'ଅଜ୍ଞାତସାରରେ ଯେ ଏତେ ବଡ କାଣ୍ଡଟାଏ ଘଟିଯାଇଛି, ତା'ର କୌଣସି ଟେର ପାଇନଥିଲା ସେ। ଏକଥା ଶୁଣି ସାରିବାପରେ ଚକ୍ରଧରକୁ ଭାରି ଭୟ ଲାଗିଲା। ପୃଥିବୀ ନାମକ ଏ ଗ୍ରହ, ତା' ଭିତରେ ଚଳପ୍ରଚଳ ହେଉଥିବା ଦୁଇଗୋଡ, ଦୁଇହାତଧାରୀ ମଣିଷ ନାମକ ଏ ପ୍ରାଣୀ, ଏ ଗଛଲତା, କୋଠାବାଡି, ମାଟି ଆକାଶ, ସମସ୍ତେ ଲାଗୁଥିଲେ ଅପରିଚିତ। ପୃଥିବୀଟା ଲାଗୁଥିବା ହିଂସ୍ରଜନ୍ତୁ ପରିପୂର୍ଣ୍ଣ ଏକ ଅଗ୍ନାଅଗ୍ନି ଜଙ୍ଗଲ ପରି। ଯେଉଁଠି ହିଂସ୍ରତା ଓ ପାଶବିକତା ବ୍ୟତୀତ ଆଉ କିଛି ନଥାଏ। ଯେଉଁଠି ନୟାନ୍ତ ଓ ନିର୍ଯାତିତ ମୁହୂର୍ତ୍ତମାନଙ୍କରେ କେହିନଥାନ୍ତି ପିଠିରେ ପଡିବାକୁ। ଯେଉଁଠି ଜୀବନ ବିପର୍ଯ୍ୟସ୍ତ ହେଉଥିବା ବେଳେ କେହି ନଥାନ୍ତି ଆହା ପଦେ କହିବାକୁ!

ଚକ୍ରଧର ପ୍ରକୃତିସ୍ଥ ହେବାବେଳକୁ ତା'ସାମ୍ନାରେ କେହି ନଥିଲେ। କୁଆଡେ ଗଲେ ଏଇଟିକେ ସମୟ ପୂର୍ବରୁ ତା'ପାଖରେ ଠିଆହୋଇ ତାକୁ ଅନେକ କିଛି କଥା କହିଥିବା କମଳା ଦିଦି? ସତରେ ଏଠି କମଳା ଦିଦି ଥିଲେ ନାଁ ନାଇଁ? ଘଣ୍ଟାଏ ହେବ ସେ ଯାହା ଶୁଣୁଥିଲା ଓ ଦେଖୁଥିଲା ତାହା ବାସ୍ତବ ନା ସ୍ୱପ୍ନ? ଆଖି ମଳିମଳି ଚକ୍ରଧର ଚାରିଆଡକୁ ଚାହିଁଲା। ହଁ ତ, ସେ ମାଟି ଉପରେ ହିଁ ଠିଆ ହୋଇଛି! ତା' ମୁଣ୍ଡ ଉପରେ ଆକାଶ ନାମକ ଏକ ବିରାଟ ଘୋଡଣୀ ଢାଙ୍କି ହୋଇରହିଛି!

ପାଖରେ ଥିବା ଓମ୍‌ଫେଡ ଦୋକାନୀଟି ଚା' ଦିଆରି କରିବାରେ ବ୍ୟସ୍ତ ଥିଲା। ଗରମ ବାମ୍ଫଉଠା ଚା' ତା'ହାତରେ ଢାଳି ହୋଇଗଲା କି କ'ଣ, ତା'ମୁହଁ ଯନ୍ତ୍ରଣାରେ ବିକୃତ ହୋଇଗଲା। ଅତି ଅଭଦ୍ର କଥାଟିଏ ବାହାରି ଆସିଲା ତା'ପାଟିରୁ। ଦୁଇ ତିନୋଟି କୁକୁର କେଉଁ ରାଗରୁ କେଜାଣି ପରସ୍ପର ଭିତରେ କାମୁଡା କାମୁଡି ହେଉଥିଲେ। ଟାଣ ଖଇରାରେ ଠିଆ ହୋଇଥିବା ଜଣେ ଲୋକ ଭାରି ଅସନ୍ତୋଷ ଓ ବିରକ୍ତି ପ୍ରକାଶ କରୁଥିଲା ଦୋକାନୀଟିଏ ଉପରେ, ତାକୁ ପାନ ଛ'ଖଣ୍ଡ ଭାଙ୍ଗି ଦେବା ପାଇଁ ବିଳମ୍ବ କରୁଥିବାରୁ।

ଚକ୍ରଧର ଚାରିଆଡକୁ ଚାହିଁ ଖୋଜି ହେଉଥିଲା କମଳା ଦିଦିଙ୍କୁ। ସେ କାହାକୁ ପାଉନଥିଲା। ପାଖରେ କି ଦୂରରେ। ତା' ଆଗରେ ସେତେବେଳେ କେହି ନଥିଲେ। ମଣିଷ, ଗାଡି ମଟର, ଗଛଲତା, ଜଳ, ସ୍ଥଳ, ଆକାଶ। ସତେଅବା ସଚରାଚର ଏ ବ୍ରହ୍ମାଣ୍ଡରେ ତା'ର କେହି ନାହାନ୍ତି କି ନଥିଲେ! ସେ ବିଲ୍‌କୁଲ୍ ଏକା, ନିଃସଙ୍ଗ! ଚକ୍ରଧର ପୁଣିଥରେ ଚାରିଆଡକୁ ଚାହିଁଲା କମଳା ଦିଦିଙ୍କୁ ଠାବ କରିବା ପାଇଁ। ନା କୌଣସି ସାହାଯ୍ୟ ଆଶାରେ ନୁହେଁ। ଆଉ କି ସାହଯ୍ୟ ଚାହିଁବ ସେ ତାଙ୍କଠାରୁ! ତା' ଜୀବନକୁ ତ ସେ ସେ ଜନ୍ମଜନ୍ମାନ୍ତର ପର୍ଯ୍ୟନ୍ତ ଛନ୍ଦି ହେଇଛନ୍ତି କୃତଜ୍ଞତାର ଫାଶରେ! ସିଏ ତା' ଅନ୍ଧକାରଚ୍ଛନ୍ନ ପୃଥିବୀକୁ ତ ଉଦ୍‌ଭାସିତ କରିଛନ୍ତି ନୂତନ ଆଲୋକରେ!

ଚକ୍ରଧରର ମନ କେବଳ ଚାହୁଁଥିଲା, କମଳା ଦିଦି ନାମକ ସେଇ ଠାକୁରାଣୀଟି ଆଉ ଥରେମାତ୍ର ଅବତରି ଆସନ୍ତୁ ତା' ସାମ୍ନାକୁ। ସେ ତାଙ୍କ ପାଦ ତଳେ ମଥା ଲଗାଇବ। ସେଇ ପାଦ ଦୁଇଟି ଉପରେ କୃତଜ୍ଞତାର ଲୁହ ଦୁଇଟୋପା ଝାରିବ ଏବଂ ସେଇ ଲୁହ ଜରିଆରେ ପଚାରିବ- 'ଦିଦି ମ, କେଉଁ ସମ୍ପର୍କର ଦ୍ୱାହି ଦେଇ ଏ ଅକିଞ୍ଚନ ମଣିଷଟି ପାଇଁ ଏତେ ବଡ ଉପକାରଟିଏ କରିଦେଇ ଚାଲିଗଲା? ନିଜ ଜୀବନକୁ ବିପନ୍ନ କରି କାଇଁକି ଏ ଗାଉଁଲୀ, ମଳିମୁଣ୍ଡିଆ ମଣିଷଟିର ମୁଣ୍ଡ ଉପରେ ଓଜାଡି ପକାଇଲ ଆଞ୍ଜୁଳା ଆଞ୍ଜୁଳା ତଥାସ୍ତୁ? ତମେ ମାନବୀ ନା ଦେବୀ!!'

*କ୍ରମଶଃ...*



# ଦେଶ : ମନ୍ଦାକିନୀର ହସ



**ଅକ୍ଷୟ ସ୍ୱାଇଁ**

**କେ**ବେ ଦିନେ କଳକଳ ହସୁଥିଲା
ଏ ଶୁଭ୍ରା ମନ୍ଦାକିନୀ
କେବେ ଦିନେ ଧୋଇଧୋଇ ହେଉଥିଲା
ଆମ ଅଝଟ ଅନ୍ଧାର
ଏବେ କିନ୍ତୁ ମୁଖ ତା'ର ମ୍ଳାନ
ଛାତିରେ ତା'ଦୁଃଖର ପ୍ଳାବନ।

ଏତେ ସବୁ ପରେ ବି
ସେ କ'ଣ କେବେ ଗଡାଇଛି ଲୁହ,
ଯେଉଁଠି ଦେଖିବ ସିଏ ପଚିସଡ଼ି ଯାଏ
କହନ୍ତି ସର୍କାର ତା'ସହ ସେଲ୍‌ଫିଟିଏ ନିଅ।

ମନ୍ଦାକିନୀ ଛାତିରେ ତେବେ
କାହିଁ ଚରି ଚରି ଯାଏ ବିଷ
କାହିଁକି ଲିଭି ଲିଭି ଯାଏ
ତା' ଓଠରୁ ଅମୃତର ଧାର ଧାର ହସ।

ଏବେ କିନ୍ତୁ ସବୁଠାରେ ମୋନାଲିସା ହସେ
ପରସ୍ତ ପରସ୍ତ ରଙ୍ଗ ତା'ମୁଖରେ ଦିଶେ
ତାକୁ କିନ୍ତୁ ଶୁଭେନାହିଁ ପକ୍ଷୀର କାକଳି
କାନ୍‌ଭାସର ଛାତି ତା'ର ଉଠେ ନାହିଁ ଥରି।



ଏବେ ଏମିତିକା ଶିଳ୍ପୀଗଣ
ଖୋଜେ ଏହି ଦେଶ,
ରଙ୍ଗ ତୂଳୀ କାନ୍‌ଭାସକୁ ଭୁଲି
ଯେଉଁମାନେ କେବଳ ଆଙ୍କିବେ
ମନ୍ଦାକିନୀ ମୁଖେ ଖାଲି ହସ।

***ଜୟପୁର, ଇଟିପୁର, ଭୁବନେଶ୍ୱର-୨***

# କୁନାବାପାଙ୍କ କୁନିକଥା ୧୨



**ଅ**ଗଷ୍ଟ ପନ୍ଦର ପାଖେଇଲା ବୋଲି ଚାରିଆଡେ ଖାଲି ଜାତୀୟ ପତାକା ଛାଇଯାଇଛି। ପାନ ଦୋକନଠୁ ମନୋହରି, ସବୁ ଦୋକାନରେ ତିନି ରଙ୍ଗିଆ କପଡାଠୁ ଜରି ପର୍ଯ୍ୟନ୍ତ, ଏମିତିକି ଶାଢ଼ୀ ଆଉ ଚୁନି ମଧ୍ୟ ତିନିରଙ୍ଗିଆ। କୁନା ମଧ୍ୟ ସ୍କୁଲରୁ ଖଣ୍ଡେ ଛୋଟ ହାତ ତିଆରି କାଗଜ ପତାକା ଧରି ଫେରିଥିଲା, ଆଉ ତା ରଙ୍ଗ ପେନସିଲରେ କାନ୍ଥରେ ଆବୁଡା ଖାବୁଡାକରି ଆଙ୍କିଦେଲା ତିନିଟି ଅଲଗା ରଙ୍ଗର ଗାର, ଠିକ୍ ଜାତୀୟ ପତାକା ଭଳି। ହେଲେ ମାମୁଙ୍କ ସାଙ୍ଗରେ ସଂଧ୍ୟା ଭ୍ରମଣରୁ ଫେରିଲା ବେଳେ ଅଝଟ କଲା ବଡ କାଠିଲଗା ପତାକାଟିଏ ପାଇଁ। ମାମୁ ବି ପତାକାଟିଏ କିଣେଇ ଦେଇ ମନ ରଖିଲେ କୁନାର। କୁନାବାପା ଶନିବାରିଆ ଖଟିବୁଲା ସାରି ପରିବା ବ୍ୟାଗକୁ ଗାଡିରେ ଝୁଲେଇ ଘରକୁ ଫେରିଲେ ରାତି ଗୁଞ୍ଜୁ ଗୁଞ୍ଜୁକୁ। କୁନା ସେତେବେଳକୁ ଶୋଇପଡିଥିଲା, ଆଉ କୁନାବୋଉ ରୋଷେଇରେ ବ୍ୟସ୍ତ। ହଠାତ କୁନାବାପା ରାଗିଲେ କୁନାବୋଉଙ୍କ ଉପରେ। କହିଲେ, ଜାତୀୟ ପତାକାଟା ଘୋଡେଇ ହେଇ ପିଲାଟା ଶୋଇଛି, ତମକୁ ଦେଖାଯାଉନି? ତମେ କ'ଣ ଅପାଠୋଇ ଯେ ଯାର ଅର୍ଥ ତୁମକୁ କହିବି। କୁନାବୋଉବି ଚିହିଁକି ଉଠିଲେ, ଆଉ ଟାଣିନେଲେ ପତାକାଟିକୁ ବଡ ସନ୍ତର୍ପଣରେ। ଜାତୀୟ ପତାକା ତ କେବଳ ଦେଶ ପାଇଁ ଜାତି ପାଇଁ ସହିଦ ହୋଇଥିବା ସୈନିକ ଉପରେ ହିଁ ଶୋଭାପାଏ। ଇସ୍ କ'ଣ କଲି। କୁନାର କାକା ବି ଆସି ପହଞ୍ଚିଗଲେ। ରାତ୍ରିଭୋଜନରେ ବଢ଼ା ହୋଇଥିବା ଟମାଟ, କାକୁଡି ସାଲାଡ୍ ମଧ୍ୟ ତ୍ରିରଙ୍ଗା ତ୍ରିରଙ୍ଗା ଲାଗୁଥିଲା। ଏବେତ ସାରା ଭାରତ ହିଁ ଉତ୍ସବ ମୁଖର। ଖାଇବା ସାରି ଶୋଇବାକୁ ଗଲେ ସମସ୍ତେ। ସେଇଠି କୁନାବୋଉ କହିଲେ ଏବେତ ସବୁଠି ଚାଲିବ ସର୍ଚ୍ଚ ଅପରେସନ। ମନ୍ଦିର ଓ ମସ୍‌ଜିଦ ଭଳି ଧର୍ମସ୍ଥାନ ମାନଙ୍କ ପାଖରେ ମଧ୍ୟ ସନ୍ଧାନୀ କୁକୁର ସମ୍ଭାବ୍ୟ ଆତଙ୍କବାଦୀ ହାମ୍‌ଲାକୁ ପ୍ରତିହତ କରିବାରେ ରହିବେ ବ୍ୟସ୍ତରେ। ଫୁଲର ବାସରେ ମହକିବାକୁ ଥିବା ଯାଗାରେ ଖୋଜିବ ବାରୁଦର ଗନ୍ଧ।

ପରଦିନ ସକାଳେ କୁନା ପତାକାଟିକୁ ଖୋଜିଲା, ଆଉ ଜିଦିକରି ନେଇ ଟଗର ଗଛମୂଳେ ପୋତି କେତେବେଳେ ସାଲ୍ୟୁଟ ମାରୁଥାଏ ତ କେତେବେଳେ ଜନ-ଧନ-ମନ କରି ଗୁଣୁ ଗୁଣୋଉଥାଏ। କୁନାବାପା, କୁନାକୁ ପାଖକୁ ଡାକି ଗେହ୍ଲାକଲେ, ଜାତୀୟ ପତାକା ତଥା ଜାତୀୟ ସଙ୍ଗୀତ ବିଷୟରେ ବୁଝେଇ ବସିଲେ। କୁନାବି ସବୁ ବୁଝିଲା ଭଳିଆ ଶୁଣୁଥାଏ ଓ ମଝିରେ ମଝିରେ ଜୟ.. ଜୟ... କହୁଥାଏ। କୁନାବୋଉ ଚା କପଟି ଥୋଇ ବସି ପଡିଲେ ବାପ-ପୁଅଙ୍କ ଆଲୋଚନା ଶୁଣିବାକୁ। ସବୁ ଶୁଣିବା ପରେ ସ୍ୱାଧୀନତାର ବ୍ୟବହାର ଅପେକ୍ଷା ଅପବ୍ୟବହାର ବିଷୟରେ ଅଧିକ କହିଲେ- ଆମେ ଇଂରେଜଠାରୁ ସ୍ୱାଧୀନ ହେଲେ, କିନ୍ତୁ ଇଂରୋଜୀ କବଳିତ। ଆମେ ବିଦେଶୀଙ୍କୁ ଦେଶରୁ ତଡିଲେ, କିନ୍ତୁ ଆଜି ବିଦେଶରେ ଚାକିରୀ କରିବାକୁ ଲାଳାୟିତ। ଆମେ ବିଦେଶୀ ଜିନିଷକୁ ବହିଷ୍କାର କରିଥିଲେ କିନ୍ତୁ ଆଜି ବିଦେଶୀ ଦ୍ରବ୍ୟକୁ ଷ୍ଟାଟସ୍ ସିମ୍ବଲ କହି ଅଧିକ ଦାମରେ କିଣୁଛେ। ଆମେ ସ୍ୱାଧୀନତାର ଅଧିକାର ବିଷୟରେ ଅଧିକ ସଚେତନ କିନ୍ତୁ କର୍ତ୍ତବ୍ୟକୁ ଭୁଲିଯାଉଛେ। ତେବେ କ'ଣ ସ୍ୱାଧୀନତା ନାମରେ ଏସବୁ ସ୍ୱେଚ୍ଛାଚାରିତା ନୁହେଁ କି? ସ୍ୱାଧୀନତା ଦିବସରେ ଆମର ଜୀତୟ ଭାବନାକୁ ପରିପ୍ରକାଶ କରିବାକୁ ଜାତୀୟ ପତାକା କିଣୁଛେ, ଆଉ ତା'ପରଦିନ ରାସ୍ତାରେ ଅଳିଆଗାଡିରେ କୁଢ଼ କୁଢ଼ ଆବର୍ଜନା ସାଙ୍ଗରେ ପତାକା ଗୁଡିକ ଡମ୍ପିଙ୍ଗ ୟାର୍ଡ ଯାଆନ୍ତି। କୁନାବାପା ଏଭଳି କିଛି ଶୁଣିବେ, ଭାବିନଥିଲେ। ମୁଣ୍ଡଟା ଝାଇଁ ଝାଇଁ ମାରିଦେଲା। କ'ଣ ଗୋଟାଏ ଖିଆଲରେ ହଜିବା ପୂର୍ବରୁ, ନିଜକୁ ସମ୍ଭାଳି ପଦୁଟିଏ କହିଲେ –

... ଆମେ ବଦଳିଲେ, ଦେଶ ବଦଳିବ।

**ସର୍ବେ ଭବନ୍ତୁ ସୁଖିନଃ।**

**– ଶାରଦା ପ୍ରସାଦ ମହାପାତ୍ର**
**ମୋ:୯୮୭୮୭୬୭୩୭୪**

# ସ୍ୱାଧୀନ ଦେଶର ସନ୍ତାନ ଆମେ



**ନୃସିଂହ ଚରଣ ବେହେରା**

**ସ୍ୱା**ଧୀନ ଦେଶର ସନ୍ତାନ ଆମେ
ମାନିବାନି କିଛି ବାଧା ବନ୍ଧନ,
ପରାଧୀନତାର କରାଳତା ପାଇଁ
କରୁଛେ କାହିଁକି ଆମେ ଚିନ୍ତନ।

ଆସିଛିରେ ଆଜି ଅଗଷ୍ଟ ପନ୍ଦର
ଆକାଶେ ଉଡ଼େଇ ଦେଖ ତ୍ରିରଙ୍ଗା,
ଜାତୀୟ ସଙ୍ଗୀତ ଗାଇବା ସାଥେ
ମନେ ପକେଇବା ବୀରଙ୍କ ଗାଥା।

ସ୍ୱାଧୀନ ଦେଶର ପବନରେ ଆଜି
ବାସ୍ନା ଉଡ଼ିବୁଲେ ଭ୍ରଷ୍ଟାଚାରର,
ଅରାଜକତା, ହତ୍ୟା, ଅପରାଧ
ଚତୁର୍ଦ୍ଦିଗ ଶୁଭେ ଖାଲି ଚିତ୍କାର।
ସୁଜଳା ସୁଫଳା ଆମର ଏ ଦେଶ
ସହୁଛି ନିତି ହିଂସାର ବନ୍ୟା,
ବାପୁଙ୍କ ସ୍ୱପ୍ନର ରାମ ରାଇଜରେ
ସୁରକ୍ଷିତ ନୁହେଁ ଆଜିର କନ୍ୟା।

ବାପୁଙ୍କ ଆଦର୍ଶ ଅହିଂସା ଓ ତ୍ୟାଗ
କରୁନାହିଁ ଆଜି କିଛିରେ କାମ,
ଗଣତନ୍ତ୍ର ନିତି ଧର୍ଷିତ ହେଉଛି
ସତେକି ଅର୍ଜୁଛି ଦେଶ ସୁନାମ।

ଅସାଧୁ ବେପାରୀ ଖଳଜନଙ୍କର
ଶୁଭେ ଏଠି ଜୟଗାନ,
ସଇତାନ ନାସ୍ତିକ ଆର୍ଯ୍ୟମାନେ
ଦେଶର ଚଳାନ୍ତି ଶାସନ।
ସ୍ୱାଧୀନତା ଦିବସ ଉପଲକ୍ଷେ ଆଜି
ଆସ ହେ ସମସ୍ତ ଭାରତବାସୀ,
ତ୍ରିରଙ୍ଗାର ସମ୍ମାନ ରଖିବା ପାଇଁକି
ମିଶିକି ଦେବାରେ ଜୀବନ ହସି।

***ଭୋଇ ନଗର, ଭୁବନେଶ୍ୱର***

# ଜାଗରେ ଓଡ଼ିଆ ସନ୍ତାନ

**ରମେଶ ମଙ୍ଗରାଜ**

**ଜା**ଗରେ ଜାଗରେ ଓଡ଼ିଆ ସନ୍ତାନ
ପୂର୍ବ ଗୌରବ ନେଇ
ମାଟି ମାଆ ପାଇଁ ପାଇକ ହୁଙ୍କାର
କେବେ ଭୂଲିହେବ ନାହିଁ।

ଓଡ଼ିଆ ଚଳଣି ଓଡ଼ିଆ ସଂସ୍କୃତି
ଓଡ଼ିଆର ପରମ୍ପରା
ବୀର ପାଇକର ଜାତି ଇତିହାସ
ଆମ ପାଇଁ ଅପାସୋରା
ଏ ମାଟିରେ ଦିନେ ଫିରିଙ୍ଗି ସେନାର
ମଥା ପଡିଥିଲା ନଇଁ।
ଜାଗରେ ଜାଗରେ....

ଜୟୀ ରାଜଗୁରୁ ବକ୍ସି ଜଗବନ୍ଧୁ
ତାପଙ୍ଗ ଦଳ ବେହେରା
ଲଢ଼ିଥିଲେ ଦିନେ ସ୍ୱାଭିମାନ ପାଇଁ
ଫିରିଙ୍ଗି ସହିତ ପରା
ପାଇକ ରକତେ ରକ୍ତରଞ୍ଜିତ
ଆମରି ଏବୀର ଭୂଇଁ।
ଜାଗରେ ଜାଗରେ....

ଓଡ଼ିଶା ରାଇଜେ ଖୋରଧା ମୂଳକ
ଆମରି ପାଇଁକି ଗର୍ବ
ଜାତି ଇତିହାସେ ଲେଖା ହୋଇଅଛି
ଅନ୍ତିମ ସ୍ୱାଧୀନ ଦୁର୍ଗ
ତା'ର ସନମାନ ରଖିବା ଆମେରେ
ରକତ ନିଗାଡ଼ି ଦେଇ।
ଜାଗରେ ଜାଗରେ ....

# ସୈନିକ



**ପ୍ରଶାନ୍ତ କୁମାର ରଥ**

**ଦେ**ଶକୁ ସୁରକ୍ଷା ଦେବା ପାଇଁ ପରା
ଆମରି ବୀର ସୈନିକ
ସଜାଗ ହୋଇଣ ଜଗନ୍ତି ସୀମାକୁ
ହାତରେ ଧରି ବନ୍ଧୁକ।

ନିଜ କଥା ଭୁଲି ଦେଶ କଥା ଭାବେ
ମାଟି ମା'ର ରକ୍ଷା ପାଇଁ
ସେହି ସୀମାନ୍ତର ବୀର ପୁରୁଷଙ୍କୁ
ସାଲୁଟ୍ ମାରୁଛି ମୁହିଁ।

ଫର ଫର ହୋଇ ଉଡୁଛି ତ୍ରିରଙ୍ଗା
କେବଳ ତାଙ୍କରି ପାଇଁ
ଆଜି ପରି ଏହି ପବିତ୍ର ଦିନରେ
ହସୁଛି ଭାରତ ଭୂଇଁ।

ଧନ୍ୟ ଆହେ ତୁମେ ବୀର ସଇନିକ
ଧନ୍ୟ ତୁମ ବଳିଦାନ
ଭାରତ ମାତାର ମହତ୍ୱ ରଖିଛ
ସାଜି ସୁଯୋଗ୍ୟ ସନ୍ତାନ।

***ସୁନ୍ଦରପୁର, ଉତ୍ତରକୂଳ ହାଟ, ପ୍ରୀତିପୁର, ଯାଜପୁର***

# ନାମୀ ଗଳିର ଦାମୀ ପ୍ରେମିକା

**ଦିବ୍ୟଜ୍ୟୋତି ମହାନ୍ତି**



**ସ**ଞ୍ଜ ନଇଲେ ଚାଲେ ସେ ଗଳି ବିଷୟରେ ଚର୍ଚ୍ଚା, ରାତି ପାହିଲେ ଚାଲେ ସେ ଗଳି ବିଷୟରେ ଚର୍ଚ୍ଚା। ଏଇ କିଛିଦିନ ହେବ ସେ ଗଳିଟି କାହିଁ କେଉଁ ଏକ ବେନାମୀ ଗଳିରୁ ପରିଣତ ହୋଇଛି ଏକ ନାମୀ ଗଳିରେ। ଆଗରୁ ଏହି ଗଳିରେ କାଁଭାଁ ଲୋକ ଦିଶନ୍ତି! ଖରାବେଳେ ଶୂନ୍ୟତା ଖାଁ ଖାଁ ଦଉଡେ ଏହି ଗଳିରେ! ନିର୍ଜନତା ଭରେ ଏଠି ଅମାପ ଦୁଃଖର ସାଗର। ଅବଶ୍ୟ ଅପରାହ୍ନ ର ନିରବତାକୁ ଭାଙ୍ଗି କିଛିଟା ଗହଳି ଚହଳି ଲାଗେ ସନ୍ଧ୍ୟାର ପରାକାଷ୍ଠାରେ। ମାତ୍ର ରାତିର ବୟସ ବଢିବା ସଙ୍ଗେ ସଙ୍ଗେ ଲୋକମାନଙ୍କ ଗହଳି ଚହଳିରେ ପଡେ ଭଟ୍ଟା। ମଧ୍ୟରାତ୍ରରେ ଏଠି ଦେଖାଯାନ୍ତି କେବଳ ଗଳିର ଏମୁଣ୍ଡରୁ ସେମୁଣ୍ଡ ଭୁକି ଭୁକି ରାତିର ନିରବତାକୁ ଭାଙ୍ଗୁଥିବା ଦୁଇ ଚାରୋଟି କୁକୁର। କିମ୍ବା ଯମଦୂତଙ୍କ ଭଳି ପହରା ଦେଉଥିବା ଦୁଇତିନୋଟି ପୋଲିସ୍। ବାସ୍ ମୋଟାମୋଟି ଦେଖିବାକୁ ଗଲେ ଏଇ ଗଳିଟିର ଚେହେରା ଥିଲା ଏମିତି।

ମାତ୍ର ଯେବେଠୁ ସୋନାଲିକା ପଟ୍ଟନାୟକ ଏ ଗଳିରେ ପାଦ ଦେଲା ସେବେଠୁ ଏ ଗଳିର ଚର୍ଚ୍ଚା ଚାଲିଲା ଗାଁଠୁ ସହର। ପିଲା ବୁଢା ସଭିଙ୍କ ମୁହଁରେ ଥିଲା କେବଳ ଗୋଟିଏ ନାମ ସୋନାଲିକା ପଟ୍ଟନାୟକ। ସୋନାଲିକା ରୂପରେ ଥିଲା ଯେତିକି ସୁନ୍ଦର କଥା ମଧ୍ୟ ତା'ର ସେତିକି ମଧୁର। ତା'ର ରୂପ ଗୁଣରେ ସେ କରୁଥିଲା ସମସ୍ତଙ୍କୁ ବିଭୋର। ତା' ରୂପଗୁଣରେ ବିଭୋର ହୋଇ କେତେ ଯେ ପାଗଳ ଭ୍ରମର ଉଡି ଆସନ୍ତି ଏ ଗଳିକୁ ତାର ହିସାବ ନାହିଁ। ଆଉ ଲୁଟାଇ ଚାଲନ୍ତି କେତେ ଯେ ଟଙ୍କା ପଇସା, ସୁନାଗହଣା ତାହା କଳ୍ପନାର ବାହାରେ। ସୋନାଲିକାର ରୂପଗୁଣରେ ବିମୋହିତ ହୋଇପଡିଥିବା ଅସଂଖ୍ୟ ପାଗଳ ଭ୍ରମର ମାନଙ୍କ ମଧ୍ୟରୁ ଏପରି ଏକ ପାଗଳ ଭ୍ରମର ହେଉଛି ଅଭିଜିତ ମହାନ୍ତି। ସେ ତା'ର ସାଙ୍ଗ ପକେଟରେ ସୋନାଲିକାର ଫଟୋଟି ଦେଖିଲା ପରଠୁ ତା'ର ଟିକେ ସାନ୍ନିଧ୍ୟ ପାଇବାପାଇଁ ହୋଇଉଠିଥିଲା ବ୍ୟାକୁଳ। ତା' ଆଖି ଦୁଇଟି ପ୍ରତ୍ୟେକ ଦିନ ରାତିରେ ସ୍ୱପ୍ନର ସମସ୍ତ ବନ୍ଧବାଡ ଭାଙ୍ଗୁଥିଲା ସେନାଲିକା ପାଇଁ। ସେ ମନସ୍ଥ କରିସାରିଥିଲା ଯାହାବି ହେଇଯାଉ ଯିଏ ଯାହା ଭାବୁ ନା କାହିଁକି; ସୋନିଲିକାଠୁ ଟିକେ ପ୍ରେମପରଷ ପାଇ ନିଜକୁ କୃତ୍ୟ କୃତ୍ୟ ମନେ କରିବ। ରାତିର ରଜନୀଗନ୍ଧାରେ ସୋନାଲିକାକୁ ନିଜ ବାହୁବନ୍ଧନରେ ସଜାଇ ପ୍ରୀତିଫଗୁଣର ସେ ଏକ ନିଆରା ସ୍ୱାଦ ଚାଖିବ। ହେଲେ ସେଇ ବେନାମୀ ଗଳିଟିକୁ ନାମୀ ଗଳିରେ ପରିଣତ କରିଥିବା ସୋନାଲିକା ଥିଲା ବେଶ୍ ଦାମୀ। ଯାହାକୁ ପାଇବା ପାଇଁ ହରାଇବାକୁ ପଡେ ଅଜସ୍ର ଟଙ୍କା ପଇସା।

ବ୍ୟାଚ୍‌ଲର୍ ଅଭିଜିତ ପାଇଁ ସୋନାଲିକାକୁ ନେଇ ସ୍ୱପ୍ନ ଦେଖିବା ଥିଲା ଆକାଶ କଇଁଆ ଚିଲିକା ମାଛ ଭଳି। ତା' ପାଖରେ ଟଙ୍କାପଇସା ଖୋଜିବାର ଅର୍ଥ ମରୁଭୂମିରେ ମୁନ୍ଦେ ଜଳର ସନ୍ଧାନ କଲାଭଳି। କିନ୍ତୁ ଅର୍ଥର ଅଭାବ ବାନ୍ଧି ରଖିପାରିନଥିଲା ଅଭିଜିତକୁ। ସେ ଯାଇ ପହଂଚିଥିଲା ସୋନାଲିକାର ଦୁଆରମୁହଁରେ, କରିଥିଲା ବିନମ୍ର ପ୍ରେମ ନିବେଦନ। ମାତ୍ର ଅନ୍ୟ ସମସ୍ତ ପାଗଳ ଭ୍ରମର ମାନଙ୍କ ପରି ତାକୁବି ହେବାକୁ ପଡିଲା ପ୍ରତ୍ୟାଖ୍ୟାତ।

ଶିଶୁଟି ବାରମ୍ବାର ଚାଲିବାକୁ ପ୍ରୟାସ କରି ସଫଳ ହେବାଭଳି, ସେ ମଧ୍ୟ ତା'ର ପ୍ରଚେଷ୍ଟାରେ ସଫଳ ହୋଇଥିଲା। ତାକୁ ମିଳିଥିଲା ଗୋଟିଏ ରାତି ସୋନାଲିକା ସହ ମଧୁଚନ୍ଦ୍ରିକା ରାତିକୁ ଉପଭୋଗ କରିବା ପାଇଁ। ସେ ପହଂଚିଲା ଯାଇ ସୋନାଲିକା ପାଖରେ। ସୋନାଲିକା ବସିଥିଲା ପଲଙ୍କ ଉପରେ, ପଲଙ୍କଟି ସଜା ହୋଇଥିଲା ରଜନୀଗନ୍ଧା, ଗୋଲାପ ଆଉ ମଧୁମାଳତୀରେ। ଗୋଲାପର ସତେଜତା ରୁମ୍‌ରେ ଭରୁଥିଲା ଆହୁରି ଉଷ୍ମତା। ସେ ଉଷ୍ମତାର ଦହନ ଭିତରେ ଜଳିଯିବାକୁ ବସିଥିଲା ଦୁଇଟି ଦେହ ଆଉ ମନ। ଯେପରି ଦୁହେଁ ଦୁହିଁକ ସହ ମିଶି ଏକାକାର ହୋଇଯିବେ। ହୋଇଯିବ ଦୁଇଟି ଶରୀର, ମନ ଓ ପ୍ରାଣ ଏକାକାର। ରଙ୍ଗୀନ ବଲ୍‌ବର ଝାପ୍‌ସା ଆଲୋକରେ ସୋନାଲିକା ଦେଖାଯାଉଥିଲା ବାସ୍ତବରେ କଳ୍ପନାଠୁ ଆହୁରି ସୁନ୍ଦର। ତାକୁ ନିଜ ପାଖକୁ ଆମନ୍ତ୍ରିତ କରିବାର କଳାକୌଶଳ ଥିଲା ବଡ ଅଦ୍ଭୁତ ଆଉ ରମଣୀୟ। ମନେକରୁଥିଲା ସେ ପହଂଚି ଯାଇଛି କେଉଁ ଏକ ପରୀ ରାଇଜର ଦ୍ୱାରଦେଶରେ। ସୋନାଲିକା ସାଜିଥିଲା ତା'ପାଇଁ ଗୋଟେ ସୁନ୍ଦର ପରୀ। ତା'ର ସ୍ପର୍ଶ ଥିଲା ଜହ୍ନଠୁ ଶୀତଳ, ମୁକ୍ତାଠୁ ନିର୍ମଳ, କୋଇଲିର କୁହୁତାନଠୁ ମଧୁର, ମଦିରାର ନିଶାଠୁ ଅଧିକ ନିଶାଶକ୍ତ।

ସେ ଯାଇ ଆଣ୍ଠୁମାଡି ବସିଲା ସୋନାଲିକା ପାଖରେ, ପୁଣି ଥରେ ଜଣାଇଲା ବିନମ୍ର ପ୍ରେମ ନିବେଦନ। ଏହା ଦେଖି ସୋନାଲିକା ଗୋଟିଏ ବିମୋହୀତ କଲାଭଳି ସୁନ୍ଦରୀ ନାରୀରୁ ପାଲଟିଗଲା ବଡ ଭୟଙ୍କର। ତା ଆଖି ଦୁଇଟି ହୋଇଉଠିଲା ଅସ୍ତଗାମୀ ସୂର୍ଯ୍ୟଙ୍କ ଭଳି ଲାଲ୍। ମାତ୍ର ଅଭିଜିତ୍ ମହାନ୍ତିର ତାକୁ ପାଇବା ପାଇଁ କାହାଣୀ ନସରିବା ପୂର୍ବରୁ ତା ଆଖିର ଦୁଇଧାର ଲୁହ ଭୂମି ସ୍ପର୍ଶ କରିସାରିଥିଲା। ତାକୁ ପାଇବା ପାଇଁ ସେ ନିଜର ସର୍ବୋଶ୍ୱ ହରାଇସାରିଥିଲା, ଏପରିକି ତାର ଗୋଟିଏ କିଡ୍‌ନୀ ମଧ୍ୟ।

ସେ ବି ଅଭିଜିତ୍‌କୁ ତା ପୁରୁଣା ଦିନର ସମସ୍ତ ଘଟଣା ବୁଝାଇ ଫେରିଯିବାକୁ ଅନୁରୋଧ କରିଥିଲା। କେମିତି ସେଦିନ ରାତିରେ ଦୁଇ ଚାରୋଟି ରାକ୍ଷସ ତା ଦେହଟାକୁ ଖିନ୍‌ଭିନ୍ କରି ଖାଇଯାଇଥିଲେ। ଯାହା ପରଠୁ ଲୋକ ଲଜ୍ୟା ଓ ସମାଜର ନିତି ନିୟମ ବିଧି ବ୍ୟବସ୍ଥାକୁ ସହ୍ୟ କରିନପାରି ସେ ସାଜିଛି ଏଇ ନାମୀ ଗଳିର ଦାମୀ ପ୍ରେମିକା।

ହେଲେ ତାର ସମସ୍ତ ଚେଷ୍ଟା ଅଭିଜିତ୍‌କୁ ଫେରାଇ ପାରିଲାନି। ଶେଷରେ ତାକୁ ହାର ମାନିବାକୁ ହେଲା ଅଭିଜିତ୍‌ର ପାଗଳ ପରି ଅଜସ୍ର ଭଲ ପାଇବା ଆଗରେ। ସେଦିନ ରାତିର ଅନ୍ଧକାର ଅପସରି ଯିବା ପୂର୍ବରୁ ନମୀ ଗଳିର ଦାମୀ ପ୍ରେମିକାଟି ରାତିର ନିର୍ଜନତାରେ ଶୂନ୍ୟତା ଭିତରେ ହଜି ଯାଇଥିଲା ଦାମୀ ପ୍ରେମିକର ବେନାମୀ ପ୍ରେମିକା ସାଜି।

*ମୋ- ୭୩୭୭୫୧୦୨୫୪*








# ବସ୍ତି ବାସିନ୍ଦାଙ୍କୁ ମିଳିବ ଜମି, ଘର

**ଭୁବନେଶ୍ୱର :** ବସ୍ତି ବାସିନ୍ଦାଙ୍କପାଇଁ ସୁଖବର। ସେମାନଙ୍କ ଆଉ ପାଲ ବା ଜରି ତଳେ ମୁଣ୍ଡଗୁଞ୍ଜିବାକୁ ପଡ଼ିବ ନାହିଁ। ଜବରଦଖଲ ଉଚ୍ଛେଦ ଭୟରେ ଆଉ ସେମାନଙ୍କୁ ରାତି ଅନିଦ୍ରା ହେବେନାହିଁ। ରାଜ୍ୟ ସରକାର ସେମାନଙ୍କୁ ଜମି ଓ ଘର ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ବସ୍ତି ବାସିନ୍ଦାଙ୍କୁ ଥଇଥାନ କରିବା ଲାଗି ପୌରାଞ୍ଚଳ ଓ ବିଜ୍ଞପିତ ଅଞ୍ଚଳ ପରିଷଦ ଅଞ୍ଚଳରେ ୩୦ରୁ ୬୦ ବର୍ଗ ମିଟର ଜମି ଯୋଗାଇ ଦିଆଯିବ ଏବଂ ମହାନଗର ଅଞ୍ଚଳରେ ବହୁତଳ ଆବାସ (ଆପାର୍ଟମେଣ୍ଟ)ରେ ଘର ଯୋଗାଇ ଦିଆଯିବ। ସେଠାରେ ଆବଶ୍ୟକ ଜମି ନ ଥିଲେ ଅନ୍ୟତ୍ର ସେମାନଙ୍କୁ ଜମି ଯୋଗାଇ ଦିଆଯିବ। ସଚିବାଳୟରେ ମଙ୍ଗଳବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ନିଷ୍ପତ୍ତିକୁ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବସ୍ତି ଅଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ବଗିଚାରେ ଫୁଲ ଶୋଭା ପାଉଛି, ଅନେକଙ୍କ ଘରେ ରୋଷେଇ ହୋଇପାରୁଛି ଏବଂ ସହରାଞ୍ଚଳ ପରିଷ୍କାର ପରିଚ୍ଛନ୍ନ ରହୁଛି ଓ ଆମେମାନେ ନିରାପଦ ଅନୁଭବ କରୁଛୁ । ମାତ୍ର ସେମାନଙ୍କ ମଧ୍ୟରୁ ଅନେକଙ୍କ ଘର ନ ଥିବାରୁ ସେମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି ଏବଂ ଉଚ୍ଛେଦ ଭୟ ସେମାନଙ୍କୁ ଆତଙ୍କିତ କରୁଛି । ତେଣୁ ଏହି ଲୋକମାନଙ୍କ ପାଇଁ ରାଜ୍ୟ କ୍ୟାବିନେଟ୍ ଦୁଇଟି ଅଧ୍ୟାଦେଶକୁ ମଞ୍ଜୁରି ଦେଇଛି । ପୌରାଞ୍ଚଳ ଓ ବିଜ୍ଞପିତ ଅଞ୍ଚଳ ପରିଷଦରେ ରହୁଥିବା ଲୋକଙ୍କୁ ଭୂମି ଅଧିକାର ପ୍ରଦାନ କରାଯିବ। ସେହିପରି ମହାନଗର ଅଞ୍ଚଳରେ ରହୁଥିବା ବସ୍ତିବାସିନ୍ଦାଙ୍କୁ ବାସଗୃହ ଯୋଗାଇ ଦିଆଯିବ । ସରକାର ବସ୍ତିବାସିନ୍ଦାଙ୍କ ବିକାଶ ଓ ଥଇଥାନ ପାଇଁ ଉତ୍ସର୍ଗୀକୃତ ଭାବରେ କାର୍ଯ୍ୟ କରୁଛନ୍ତି ଏବଂ ସେମାନଙ୍କ ସଶକ୍ତୀକରଣ ନିମନ୍ତେ ଏହି ନିଷ୍ପତ୍ତି ନିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟ ମୁଖ୍ୟ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ଏ ସମ୍ପର୍କରେ କହିଛନ୍ତି ଯେ ପୌରାଞ୍ଚଳ ଓ ବିଜ୍ଞପିତ ଅଞ୍ଚଳ ପରିଷଦରେ ଥିବା ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ବନ୍ଦୋବସ୍ତ କରାଯିବ । ବାସ୍ତବ ଜବରଦଖଲ କ୍ଷେତ୍ରରେ ପୌରାଞ୍ଚଳରେ ସର୍ବାଧିକ ୪୫୦ ବର୍ଗଫୁଟ ଓ ବିଜ୍ଞପିତ ଅଞ୍ଚଳ ପରିଷଦରେ ସର୍ବାଧିକ ୬୦୦ ବର୍ଗଫୁଟ ପର୍ଯ୍ୟନ୍ତ ଜମି ଦିଆଯିବ । ଏମାନଙ୍କ ମଧ୍ୟରୁ ଆର୍ଥିକ ଦୁର୍ବଳ ଶ୍ରେଣୀ ଅର୍ଥାତ୍ ବାର୍ଷିକ ୧.୮ ଲକ୍ଷଟଙ୍କା ପର୍ଯ୍ୟନ୍ତ ରୋଜଗାରକ୍ଷମ ପରିବାରକୁ ବିନା ମୂଲ୍ୟରେ ୩୦୦ ବଗଫୁଟ ଜମି କରାଯିବ ଏବଂ ଅବଶିଷ୍ଟ ଜମି ନିମନ୍ତେ ଏହାର ବେଞ୍ଚମାର୍କ ମୂଲ୍ୟ ଅନୁସାରେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ଦରରେ ବନ୍ଦୋବସ୍ତ ହେବ। ଏହି ଜମିକୁ ବନ୍ଧକ ରଖି ବ୍ୟାଙ୍କରୁ ଗୃହ ନିର୍ମାଣ ଋଣ ଆଣିହେବ, ମାତ୍ର ଏହା ବିକ୍ରି ବା ହସ୍ତାନ୍ତର ଯୋଗ୍ୟ ହେବନାହିଁ। ବାସଗୃହ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ଏହା ବ୍ୟବହାର ହୋଇ ପାରିବନାହିଁ । ଯେଉଁଠି ବସ୍ତିବାସିନ୍ଦା ରହିଛନ୍ତି ସେଠାରେ ଉପଲବ୍ଧ ଥିଲେ ଜମି ପ୍ରଦାନ କରାଯିବ ନଚେତ୍ ଅନ୍ୟ ସ୍ଥାନ ଚିହ୍ନଟ କରାଯିବ । ବସ୍ତିବାସିନ୍ଦାଙ୍କ ଘର ନିର୍ମାଣ ପର୍ଯ୍ୟନ୍ତ ଆବଶ୍ୟକସ୍ଥଳେ ସେମାନଙ୍କୁ ଥଇଥାନ କରାଯିବ। ବାସସ୍ଥାନର ଠିକଣା ଓ ଅନ୍ୟ ପ୍ରମାଣପତ୍ର ଭୂମି ଅଧିକାର ନିମନ୍ତେ ଗ୍ରହଣୀୟ ହେବ । ସମ୍ପୃକ୍ତ ଜିଲାର ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏଥିପାଇଁ ଏକ ପୁନଃନିବାସ ଓ ଥଇଥାନ କମିଟି ଗଠନ ହେବ ଏବଂ ଏହି କମିଟି ହିତାଧିକାରୀ ମନୋନୟନ କରିବେ। ଜଙ୍ଗଲ ଅଧିକାର ଆଇନରେ ପଟ୍ଟା ପ୍ରଦାନ ସମୟରେ ରଖାଯାଉଥିବା ସର୍ତ୍ତ ପ୍ରାୟତଃ ଏହି ଜମି ପ୍ରଦାନ ସର୍ତ୍ତ ସହ ସମାନ ରହିବ । ସେହିପରି ବସ୍ତିର ପୁନଃବିକାଶ, ଥଇଥାନ ଓ ପୌର ସେବା ନିମନ୍ତେ ୟୁପିଡ଼ବ୍ଲ୍ୟୁଏଫ୍ (ସହରାଞ୍ଚଳ ଗରିବ କଲ୍ୟାଣ ପାଣ୍ଠି) ଗଠନ ହେବ ବୋଲି ମୁଖ୍ୟ ସଚିବ କହିଛନ୍ତି । ଅନୁରୂପ ଭାବରେ ମହାନଗର ଓ ପୌରାଞ୍ଚଳର ଆର୍ଥିକ ଦୁର୍ବଳବର୍ଗର ବସ୍ତି ବାସିନ୍ଦା ସରକାର ନିର୍ଦ୍ଧାରିତ କରିଥିବା ବାସସ୍ଥାନର ଆକାର ଓ ଯୋଗାଣ ସମ୍ଭବ ମୂଲ୍ୟମତେ ବାସସ୍ଥାନର ହକ୍‌ଦାର ହେବେ। ସେମାନଙ୍କୁ ଯୋଗାଇ ଦିଆଯିବାକୁ ଥିବା ଗୃହ ୧୦ ବର୍ଷ ପରେ କେବଳ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ହସ୍ତାନ୍ତର କରାଯାଇ ପାରିବ। ଆବଣ୍ଟିତ ଗୃହକୁ ବନ୍ଧକ ଦେଇ ହିତାଧିକାରୀ ଆର୍ଥିକ ସଂସ୍ଥାରୁ ଋଣ ନେଇ ପାରିବେ ଏବଂ ସମ୍ପତ୍ତି ବାସଗୃହ ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇ ପାରିବନାହିଁ।

# ଏମ୍ଏସ୍ପି ଦରରେ ଚିନାବାଦାମ କିଣିବେ ସରକାର



**ଭୁବନେଶ୍ୱର :** କେନ୍ଦ୍ର ସରକାର ସର୍ବନିମ୍ନ ସହାୟକ ମୂଲ୍ୟରେ ଚିନାବାଦାମର କ୍ରୟ ଅବଧି ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହି ସମୟ ମଧ୍ୟରେ ସୂର୍ଯ୍ୟମୁଖୀ ମଞ୍ଜି ମଧ୍ୟ କ୍ରୟ କରାଯିବ। ଚାଷୀମାନେ ଚିନାବାଦାମ ସର୍ବନିମ୍ନ ସହାୟକ ମୂଲ୍ୟ କିଲୋ ପିଛା ୪୨ଟଙ୍କା ୨୦ ପଇସାରେ ଏବଂ ସୂର୍ଯ୍ୟମୁଖୀ ମଞ୍ଜି କିଲୋ ପିଛା ସହାୟକ ମୂଲ୍ୟ ୩୯ଟଙ୍କା ୫୦ପଇସାରେ ବିକ୍ରି କରିପାରିବେ। ସମବାୟ ବିଭାଗ ଅଧୀନରେ ଥିବା ମାର୍କଫେଡ ପ୍ରାଥମିକ କୃଷି ସମବାୟ ସମିତି ଜରିଆରେ ଅଧିକ ଚିନାବାଦାମ ଅମଳ ହୋଇଥିବା ପୁରୀ, କଟକ, ମୟୂରଭଞ୍ଜ ଓ ଯାଜପୁର ଜିଲ୍ଲାର ଚାଷୀଙ୍କ ଠାରୁ ଚିନାବାଦାମ ଏବଂ ଭଦ୍ରକ ଜିଲାର ଚାଷୀଙ୍କ ଠାରୁ ସୂର୍ଯ୍ୟମୁଖୀ ମଞ୍ଜି କିଣିବ। ଉପରୋକ୍ତ ଜିଲ୍ଲାର ଚାଷୀମାନେ ଅଗଷ୍ଟ ୩୧ ତାରିଖ ସୁଦ୍ଧା ଉତ୍ପାଦିତ ଚିନାବାଦାମ ଓ ସୂର୍ଯ୍ୟମୁଖୀ ମଞ୍ଜି ବିକ୍ରି କରିପାରିବେ ବୋଲି ସମବାୟ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର କହିଛନ୍ତି। କ୍ରୟ ନେଇ କୌଣସି ଅସୁବିଧା ଥିଲେ ମାର୍କଫେଡ ପରିଚାଳନା ନିର୍ଦ୍ଦେଶକଙ୍କୁ ୯୪୩୯୧୬୫୬୭୯୧ ନମ୍ବର ମୋବାଇଲରେ କିମ୍ବା ତାଙ୍କୁ ୯ ୪ ୩ ୭ ୦ ୫ ୭ ୪ ୪ ୯ ରେ ଯୋଗାଯୋଗ କରିବାକୁ ମନ୍ତ୍ରୀ ଶ୍ରୀ ପାତ୍ର ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକର ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଓଡ଼ିଶାରେ ବାଦାମର ଅଭାବୀ ବିକ୍ରି ସମ୍ପର୍କରେ ଉଲ୍ଲେଖ କରି ଘୋଷିତ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ ଓ କ୍ରୟ ଅବଧି ବୃଦ୍ଧି ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଚିଠି ଲେଖିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ବାଦାମ ଅମଳ ସମୟରେ ସହାୟକ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି ହୋଇଥିଲା। ଉପଯୁକ୍ତ ପାଣିପାଗ ଯୋଗୁଁ କଟକ, ମୟୂରଭଞ୍ଜ, ଯାଜପୁର ଓ ପୁରୀ ଜିଲାରେ ପ୍ରଚୁର ବାଦାମ ଅମଳ ହୋଇଥିଲା। ମାତ୍ର ଜୁନ୍ ପରେ ବଜାର ଦର ହ୍ରାସ ଘଟିବା ଯୋଗୁ ମୂଲ୍ୟ ଯଥେଷ୍ଟ ହ୍ରାସ ପାଇଥିଲା। ଅଭାବୀ ବିକ୍ରିର ଶିକାର ହୋଇ ବାଦାମ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ଏ ସମ୍ପର୍କରେ ଶ୍ରୀ ପ୍ରଧାନ କେନ୍ଦ୍ର କୃଷିମନ୍ତ୍ରୀ ରାଧାମୋହନ ସିଂହଙ୍କ ଦୃଷ୍ଟି ଆକର୍ଷଣ କରି ସହାୟକ ମୂଲ୍ୟରେ ବାଦାମ ବିକ୍ରି ଅବଧି ବୃଦ୍ଧି ନିମନ୍ତେ ଅନୁରୋଧ କରିଥିଲେ। କେନ୍ଦ୍ର ସରକାର ଗତ ଜୁନ୍ ମାସରୁ ଶେଷ ହୋଇଥିବା ସହାୟକ ମୂଲ୍ୟରେ ବାଦାମ କ୍ରୟ ଅବଧି ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। କେନ୍ଦ୍ର ସରକାର ଏହି ପ୍ରସ୍ତାବକୁ ସ୍ୱୀକୃତି ଦେଇଥିବାରୁ ଶ୍ରୀ ପ୍ରଧାନ କୃଷିମନ୍ତ୍ରୀ ଶ୍ରୀ ସିଂହଙ୍କୁ ଧନ୍ୟବାଦ ଜଣାଇଥିଲେ। କେନ୍ଦ୍ରରୁ ଏ ସଂକ୍ରାନ୍ତ ଚିଠି ଆସିବା ପରେ ସମବାୟ ବିଭାଗ ଉପରୋକ୍ତ ଚାରିଟି ଜିଲାରୁ ସର୍ବନିମ୍ନ ସହାୟକ ମୂଲ୍ୟରେ ଚିନାବାଦାମ ଓ ଗୋଟିଏ ଜିଲ୍ଲାରୁ ସୂର୍ଯ୍ୟମୁଖୀ ମଞ୍ଜି କ୍ରୟ ପାଇଁ ପଦକ୍ଷେପ ନେଇଛି।

# ଦୁର୍ନୀତିମୁକ୍ତ ଓଡିଶା ଗଠନ ପାଇଁ ବିଜେପି ଯୁବମୋର୍ଚ୍ଚାର ରାଜ୍ୟବ୍ୟାପୀ ଅଭିଯାନ



**ଭୁବନେଶ୍ୱର :** ଦୁର୍ନୀତିମୁକ୍ତ ଓଡିଶା ଗଠନ ପାଇଁ ଏକ ରାଜ୍ୟବ୍ୟାପୀ ଅଭିଯାନ ଭାରତୀୟ ଜନତା ଯୁବ ମୋର୍ଚ୍ଚା ତରଫରୁ ଚାଲିବ ବୋଲି ଘୋଷଣା କରାଯାଇଛି। ରୋଟାରୀ ଭବନ ଠାରେ ସଂକଳ୍ପରୁ ସିଦ୍ଧି ନୂଆ ଭାରତରେ ନୂଆ ଓଡିଶା ପାଇଁ ଦୃଢ ସଂକଳ୍ପ ନାମରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହା ଘୋଷଣା କରିଛନ୍ତି ଯୁବ ମୋର୍ଚ୍ଚାର ରାଜ୍ୟ ସଭାପତି ଟଙ୍କଧର ତ୍ରିପାଠୀ। ଏହି ସମ୍ମିଳନୀରେ ୭୧ ତମ ସ୍ୱାଧୀନତା ଦିବସ ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶରୁ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ଯୁବ ଶକ୍ତି ଲାଗି ପଡିବାକୁ ଆହ୍ୱାନ ଦେଇଥିବା ଶ୍ରୀ ତ୍ରିପାଠୀ ପ୍ରକାଶ କରିଛନ୍ତି । ଏଥିରେ ଓଡିଶାର ବିକାଶ ପଥରେ ସବୁଠୁ ବଡ ପ୍ରତିବନ୍ଧକ ଦୁର୍ନୀତି ବୋଲି ଯୁବମୋର୍ଚ୍ଚାର ଏହି କାର୍ଯ୍ୟକର୍ତ୍ତା ସମ୍ମିଳନୀରେ ମତ ପ୍ରକାଶ ପାଇଛି। ଚିଟଫଣ୍ଡ ଦୁର୍ନୀତି ଓ ପିସି ଦୁର୍ନୀତି ସହ ସଦ୍ୟତମସୁପ୍ରିମ କୋର୍ଟ ନିର୍ଣ୍ଣୟ ରାଜ୍ୟରେ ମହା ଖଣି ଦୁର୍ନୀତି ହୋଇଥିବା ତଥ୍ୟ ଓ ପ୍ରମାଣକୁ ସ୍ପଷ୍ଟ କରିଛି। ପୂର୍ବରୁ ନବୀନ ପଟ୍ଟନାୟକଙ୍କ ସରକାର ଅସାଧୁ ଖଣି ମାଲିକ ମାନଙ୍କ ଠାରୁ ୫୯ ହଜାର କୋଟି ଟଙ୍କା ଆଦାୟ କରିବାକୁ ନୋଟିସଦେଇଥିବା ବେଳେ ଚଂଚକତା କରି ମାତ୍ର ୧୭-୧୮ ହଜାର କୋଟି ଟଙ୍କା ଆଦାୟ କରିବା କଥା ବର୍ତ୍ତମାନକହୁଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅସାଧୁ ଖଣି ମାଲିକଙ୍କ ଠାରୁ ପ୍ରଚୁର ଚାନ୍ଦା ଆଦାୟ କରି ନବୀନ ପଟ୍ଟନାୟକଙ୍କ ସରକାର ଓଡିଶାର ରାଜକୋଷକୁଆସିବାକୁ ଥିବା ହଜାର ହଜାର କୋଟି ଟଙ୍କାକୁ ଛାଡି ଦେବାର ଷଡଯନ୍ତ୍ର କରିଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

# ଶିକ୍ଷକ ନ ଦିଆଯିବାରୁ ସ୍କୁଲ ଛାଡ଼ିଲେ ଛାତ୍ରଛାତ୍ରୀ



## ସ୍ଲୋଗାନରେ ସୀମିତ ସରକାରୀ ଘୋଷଣା !

**ଡାବୁଗାଁ :** ରାଜ୍ୟ ସରକାର ଶିକ୍ଷା ନିମନ୍ତେ 'ସଭିଏଁ ପଢ଼ନ୍ତୁ, ସଭିଏଁ ବଢ଼ନ୍ତୁ' ସ୍ଲୋଗାନ ଦେଉଥିବା ବେଳେ ଶିକ୍ଷକ ନିଯୁକ୍ତି ନ ଦିଆଯିବାରୁ ବିଦ୍ୟାଳୟ ଛାଡିଲେ ଛାତ୍ରଛାତ୍ରୀ। ଅଭିଭାବକମାନେ ଆସି ପିଲାମାନଙ୍କୁ ବିଦ୍ୟାଳୟରୁ ନେଇଯାଇଥିବା ଜଣାପଡିଛି। ଏଥିନିମନ୍ତେ ଛାତ୍ରଛାତ୍ରୀ ନିଜ ପଞ୍ଚାୟତ ସଦର ମହକୁମାରେ ପ୍ଲାକାର୍ଡ ଧରି ଶିକ୍ଷକ ନିଯୁକ୍ତି ଦାବିରେ ସ୍ଲୋଗାନ ଦେଇ ରାଲି କରି ବିଦ୍ୟାଳୟକୁ ଫେରିଥିଲେ। ଏହି ଘଟଣା ଘଟିଛି ଡାବୁଗାଁ ବ୍ଲକର ଘୋଡାଖୁଣ୍ଟା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଯାହାକି ୨୦୧୫ ମସିହା ଜୁନ୍ ମାସରେ ଉକ୍ତ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ନବମ ଶ୍ରେଣୀରେ ୨୮ ଛାତ୍ରଛାତ୍ରୀ ଅଧ୍ୟୟନ କରିଥିଲେ। ସେ ସମୟରେ ବିଜ୍ଞାନ ଶିକ୍ଷକ ଆଲୋକବନ୍ଧୁ ପ୍ରଧାନ ଓ ସଂସ୍କୃତ ଶିକ୍ଷକ ୨୦୧୫ରୁ ଡେପୁଟେସନରେ ରକ୍ସାନର ସେଠୀ ଆଟିଗାଁରୁ ମାତ୍ର ସପ୍ତାହକୁ ୩ଦିନ ଘୋଡାଖୁଣ୍ଟରେ ଗୁରୁବାର, ଶୁକ୍ରବାର ଓ ଶନିବାରରେ ବିଦ୍ୟା ଅଧ୍ୟୟନ କରାଇବା ନିମନ୍ତେ ଆସିଥାନ୍ତି। ସୋମବାର, ମଙ୍ଗଳବାର, ବୁଧବାର ଏହି ତିନିଦିନ ଆଟିଗାଁ ବିଦ୍ୟାଳୟରେ ଶିକ୍ଷାଦାନ କରାଇଥାନ୍ତି। ଜଣେ ଶିକ୍ଷକ ୩ଦିନ ଏଠାରେ ଆଉ ୩ଦିନ ସେଠାରେ ଶିକ୍ଷାଦାନ ଦେବା ସମସ୍ତ ଅଭିଭାବକ ତଥା ଜନସାଧାରଣଙ୍କୁ ଚକିତ କରିଦେଇଛି। ପ୍ରକାଶଥାଉ କି, ବିଜ୍ଞାନ ଶିକ୍ଷକ ଶ୍ରୀ ପ୍ରଧାନ ଚାକିରୀରୁ ନିଜ ଇଚ୍ଛାରେ ଛାଡି ନିଜ ଗ୍ରାମକୁ ପଳାଇଯାଇଛନ୍ତି। ସରକାରଙ୍କ ପାଖରେ ଶିକ୍ଷକ ବିଦ୍ୟାଳୟ ଅନୁପାତରେ ନଥିବା ବେଳେ ସମସ୍ତ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଇବା ଠିକ୍ ହୋଇନି ଜନସାଧାରଣ ଅଭିଭାବକଙ୍କ ଠାରୁ ଶୁଣିବାକୁ ମିଳେ। ୨୦୧୭ରେ ୨୬ ଜଣ ଦଶମ ପରୀକ୍ଷା ଦେଇ ୨୬ଜଣ ପାସ୍ କରିଥିବା ଜଣାପଡିଛି। ବର୍ତ୍ତମାନ ୯ମ ଶ୍ରେଣୀରେ ୪୩ଜଣ, ୧୦ମ ଶ୍ରେଣୀରେ ୩୨ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଶିକ୍ଷକ ନିଯୁକ୍ତି ନ ଦେବାରୁ ଛାତ୍ରଛାତ୍ରୀମାନେ ଗତ ୨୬ ତାରିଖରେ ବିଦ୍ୟାଳୟ ଛାଡି ଘରକୁ ବାହାରୁଥିବା ବେଳେ ଉକ୍ତ ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା ପହଞ୍ଚି ପ୍ରଶାସନ ସହ ଫୋନ ଯୋଗେ ଯୋଗାଯୋଗ କରି ୭ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି କରାଇବାର ପ୍ରତିଶ୍ରୁତି ଦେଇ ଛାତ୍ରଛାତ୍ରୀମାନଙ୍କୁ ଫେରାଇ ଆଣିଥିଲେ। ଦୀର୍ଘ ୧୭ଦିନ ହେଲା କେହି ଶିକ୍ଷକ ନିଯୁକ୍ତି ନ ହେବାରୁ କୋମଳମତି ଛାତ୍ରଛାତ୍ରୀ ବାଧ ହୋଇ ବିଦ୍ୟାଳୟ ଛାଡ଼ିଥିଲେ। ଏନେଇ ଶିକ୍ଷା ବିଭାଗକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନ ନେଇ ଥିବାରୁ ଛାତ୍ରଛାତ୍ରୀ ଅଭିଭାବକ ଏପରି ପଦକ୍ଷେପ ନେଇଥିବା ଅଭିଭାବକମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଛାଡିବା ଖବର ପ୍ରଚାରିତ ହେବାକ୍ଷଣି ଶିକ୍ଷା ବିଭାଗର ଚେତା ପଶିଛି। ସମ୍ପୃକ୍ତ ବିଦ୍ୟାଳୟକୁ ଡାବୁଗାଁ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ ଚନ୍ଦ୍ର ସାହା ଓ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ କୃଷ୍ଣଚନ୍ଦ୍ର ପଣ୍ଡା ପହଞ୍ଚି ବହୁ ସମୟ ରହି ବୁଝାଶୁଝା କରିଥିଲେ ଏବଂ ୩୦ ତାରିଖ ସୁଦ୍ଧା ୨ଟି ଶିକ୍ଷକ ଏଠାରେ ଦେବାକୁ ଜିଲ୍ଲା ପ୍ରଶାସନ ସହ ଯୋଗାଯୋଗ କରି ମତବ୍ୟକ୍ତ କରିଥିଲେ। ଶିକ୍ଷକ ନିଯୁକ୍ତି ନ ହୋଇଥିବାରୁ ଛାତ୍ରଛାତ୍ରୀ ବିଦ୍ୟାଳୟ ଗୃହରେ ଦିନ ତମାମ ବସି ରହିବା ସାର ହେଉଥିଲା। ପୂର୍ବରୁ ପ୍ରତିଶ୍ରୁତି ନେଇ ପ୍ରତିଶ୍ରୁତି ରକ୍ଷା ନ କରିପାରିଥିବାରୁ ଏବର ପ୍ରତିଶ୍ରୁତି ଉପରେ ଭରଷା ରହିନଥିଲା। ଏଣୁ ଅଭିଭାବକ ଓ ଛାତ୍ରଛାତ୍ରୀମାନେ କହିଥିଲେ ପ୍ରଥମେ ଦୁଇଟି ଶିକ୍ଷକ ଯୋଗାଇ ଦିଅନ୍ତୁ, ତା'ପରେ ଆମ୍ଭେମାନେ ଘରୁ ଅଧ୍ୟୟନ କରିବା ପାଇଁ ବିଦ୍ୟାଳୟକୁ ଆସିବୁ ବୋଲି କହିଛନ୍ତି।

## ପଟ୍ଟା ଥାଇ ଚିହ୍ନଟ ହେଉନି ଆଦିବାସୀଙ୍କ ଜମି

# ଦୁଇଟି ଗାଁରେ ବଢ଼ୁଛି ଗୋଷ୍ଠୀ ସଂଘର୍ଷ

**ରାୟଗଡା :** ଆଦିବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ଦେବାରେ ଓଡିଶା ସରକାର ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଜଙ୍ଗଲ ଆଇନ ୨୦୦୬ ଅନୁସାରେ ବାସହୀନ ଆଦିବାସୀଙ୍କୁ ଏହି ପଟ୍ଟା ଦେବାରେ ରାୟଗଡା ଜିଲ୍ଲା ଶୀର୍ଷରେ ରହିଛି । ଗତ ୨୦୧୦ ମସିହାରେ ଚନ୍ଦ୍ରପୁର ବ୍ଲକ ଅଧିନସ୍ଥ ବିଜାପୁର ପଞ୍ଚାୟତରେ ଲିଡିଙ୍ଗ ପଦର ଓ ଲାମ୍ବାରି ଗୁଡା ଗ୍ରାମବାସୀଙ୍କୁ ଏଫ.ଆର.ସି ନଂ.୧୧୨୯୧/୨୦୧୦, ୧୧୨୯୪/୨୦୧୦, ୧୧୨୮୦/୨୦୧୦, ୧୧୨୯୩/୨୦୧୦, ୧୧୨୬୦/୨୦୧୦,୧୧୨୭୧/୨୦୧୦,୧୧୨୮୪/୨୦୧୦,୧୧୨୭୫/୨୦୧୦,୧୧୨୮୯/୨୦୧୦,୧୧୨୮୨/୨୦୧୦,୧୧୨୮୮/୨୦୧୦,୧୧୨୭୦/୨୦୧୦,୧୧୨୭୨/୨୦୧୦,୧୧୨୬୯/୨୦୧୦,୧୧୨୯୫/୨୦୧୦,୧୧୨୬୧/୨୦୧୦,୧୧୨୬୭/୨୦୧୦,୧୧୨୮୧/୨୦୧୦,୧୧୨୭୮/୨୦୧୦,୧୧୨୮୬/୨୦୧୦,୧୧୨୬୪/୨୦୧୦,୧୧୨୫୯/୨୦୧୦,୧୧୨୭୩/୨୦୧୦,୧୧୨୬୮/୨୦୧୦,୧୧୨୬୫/୨୦୧୦,୧୧୨୭୬/୨୦୧୦,୧୧୨୬୨/୨୦୧୦,୧୧୨୬୬/୨୦୧୦,୧୧୨୬୬/୨୦୧୦,୧୧୨୫୬/୨୦୧୦,୧୨୮୫/୨୦୧୦,୧୧୨୭୯/୨୦୧୦,୧୧୨୬୩/୨୦୧୦,୧୧୨୫୭/୨୦୧୦,୧୧୨୯୨/୨୦୧୦,୧୧୨୮୩/୨୦୧୦,୧୧୨୫୮/୨୦୧୦,୧୧୨୮୭/୨୦୧୦,୧୧୨୭୪/୨୦୧୦ ଅନୁଯାୟୀ ଉକ୍ତ ୩୮ ଜଣଙ୍କୁ ଜଙ୍ଗଲ ଜମି ଶିରୋନାମା ଦିଆଯାଇଛି । ସେଥିରେ ଗ୍ରାମ ମାଲଙ୍ଗବାଜୁ ଓ ମୌଜା ମାଲଙ୍ଗବାଜୁ ବୋଲି ଉଲ୍ଲେଖ ଅଛି ଏବଂ ଏଥିରେ ଖାତା ନଂ ପ୍ଲଟ ନଂ ଓ କିସମ ସଂପୂର୍ଣ୍ଣ ଭାବେ ଦିଆଯାଇନାହିଁ ।

ଠିକ୍ ସେହିପରି ନୂଆଗାଁ ଗ୍ରାମବାସୀ ଏଫ.ଆର. ସି ନଂ. ୨୧୬୮୫/୨୦୧୫, ୨୧୬୭୩/୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୭/୨୦୧୫, ୨୧୬୭୬/୨୦୧୫, ୨୧୬୮୫/୨୦୧୫, ୨୧୭୦୩/୨୦୧୫, ୨୧୬୭୭/୨୦୧୫, ୨୧୬୮୨/୨୦୧୫, ୨୧୬୮୨/୨୦୧୫, ୨୧୬୮୮/୨୦୧୫, ୨୧୬୮୫/୨୦୧୫, ୨୧୬୭୩/୨୦୧୫, ୨୧୬୯୩/୨୦୧୫, ୨୧୭୦୩/୨୦୧୫, ୨୧୬୩୦/୨୦୧୫, ୨୧୬୯୦/୨୦୧୫, ୨୧୬୮୧/୨୦୧୫, ୨୦୧୬୭୪/୨୦୧୫ ଏମାନଙ୍କୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ଏଥିରେ ମୌଜା, ଗ୍ରାମର ନାମ, ଖାତା ନଂ ଓ ପ୍ଲଟ ନଂ ଉଲ୍ଲେଖ ଅଛି । ମିଳିଥିବା ସୂଚନା ମୁତାବକ ରାୟଗଡା ଜିଲ୍ଲା ଅଧିନସ୍ଥ ଚନ୍ଦ୍ରପୁର ବ୍ଲକର ବିଜାପୁର ମୌଜାର ଖାତା ନଂ ୬୦, ୬୧ ର ପ୍ଲଟ ନଂ ୪୯୬,୫୧.୫୨୦,୫୨.୫୪୩,୫୨.୫୨୧,୫୭.୫୨୨,୬୦୫ ଏବଂ ଖାତା ନଂ ୫୯/୩୦ ରୁ କାଜୁ ଗଛର କାଜୁ ଫଳ ସଂପୂର୍ଣ୍ଣ ଭାବେ ଲିଡିଙ୍ଗ ପଦର ଗ୍ରାମବାସୀ ଚୋରିକରି ନେଇଗଲେ ବୋଲି ଚନ୍ଦ୍ରପୁର ଥାନାରେ ନୂଆଗାଁ ଗ୍ରାମବାସୀ ଅଭିଯୋଗ କରିଥିଲେ, ଚନ୍ଦ୍ରପୁର ଥାନା ଅଧିକାରୀ ଉକ୍ତ କେସ୍‌କୁ ଚନ୍ଦ୍ରପୁର ତହସିଲଦାରଙ୍କୁ ଘଟଣାର ସମାଧାନ ପାଇଁ ପଠାଇଥିଲେ ଯଦ୍ୱାରା ଚନ୍ଦ୍ରପୁର ତହସିଲ କାର୍ଯ୍ୟାଳୟରେ ଉଭୟ ନୂଆଗାଁ ଓ ଲିଡିଙ୍ଗ ପଦର ଗ୍ରାମବାସୀଙ୍କୁ ୧୦୭ କେସ୍ ଧାରା ଅନୁଯାୟୀ ସମାଧାନ ପାଇଁ ୩ ଥର ନୋଟିସ୍ ଦେଇଥିଲେ। କିନ୍ତୁ ଉଭୟ ଗ୍ରାମବାସୀ ଚନ୍ଦ୍ରପୁର ତହସିଲକୁ ଘଟଣାର ସମାଧନ ପାଇଁ ୩ ଥର ଯାଇଥିଲେ। କିନ୍ତୁ ତହସିଲଦାରଙ୍କ ଅନୁପସ୍ଥିତି ଯୋଗୁଁ ନିରାଶ ହୋଇ ଫେରିଥିଲେ।

ଚନ୍ଦ୍ରପୁର ଥାନା କେସ୍ ନଂ ୮ ତାରିଖ ୦୯.୦୬.୨୦୧୭ ଅନୁଯାଇ ଲିଡିଙ୍ଗ ପଦର ଗ୍ରାମବାସୀ ମାନେ ଏକତ୍ରିତ ହୋଇ ନୂଆଗାଁ ଗ୍ରାମର ଖାତା ନଂ ୫୯/୩୦ ଜୁର ଜୋର ଜବରଦୋସ୍ତ ଚାଷ କରି ଗଣ୍ଡଗୋଳ କରିଥିବା ଯୋଗୁଁ ଏହି ଗ୍ରାମର ମାଥ୍ୟୁ କିନିହାଡାକା, ଦାଉଦ ଦାସପ୍ରାସ୍କା, ନିଡିଆ ଦାସପ୍ରାସ୍କାଙ୍କୁ ଭାରତୀୟ ପିଙ୍ଗଳ କୋଡ ଧାରା ୨୯୪,୩୨୩,୪୪୭,୫୦୬,୩୦୭,୩୪ ଅନୁଯାୟୀ ବିଷମ କଟକ ଜେଏମ୍ଏଫ୍‌ସି କୋର୍ଟକୁ ଚାଲାଣ କରିଥିଲେ । ପରେ ଏହି ବ୍ୟକ୍ତିମାନେ ମାନ୍ୟବର ଗୁଣପୁର ଏଡିଜେ କୋର୍ଟରୁ ସର୍ତ୍ତମୂଳକ ଜାମିନରେ ବାହାରି ଆସିଛନ୍ତି । ଏହି କେସ୍ ବିଷୟ ନେଇ ଲାମ୍ବାରୁ ଗୁଡା ଗ୍ରାମବସୀମାନେ ମାଳମାଝି କିନିହାଡାକା, ପିତର ଦାସପ୍ରାସ୍କା, ଲୁକ ଜାରୁମୁଣ୍ଡାକା, ସୁନିଳ କିନିହାଡାକା ଅଭିଯୋଗ କରିଛନ୍ତି ଯେ ଜଙ୍ଗଲ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଆମ୍ଭ ଗ୍ରାମ ୩୮ ଜଣକୁ ଜଙ୍ଗଲ ଜମି ପଟ୍ଟା ଦିଆଯାଇଛି ତେଣୁ ଆମ ଜମିରେ ଆମେ ଚାଷ କରୁଛୁ। କିନ୍ତୁ ସରକାରଙ୍କ ତରଫରୁ ଆମକୁ ପଟ୍ଟା ଦିଆଯାଇଛି ମାତ୍ର ଜମି ଚିହ୍ନଟ ନ କରିବା ଯୋଗୁଁ ଆମ୍ଭେ ନିରୀହ ଆଦିବାସୀ ବହୁତ ଅସୁବିଧାର ସମ୍ମୁଖୀନ ହୋଉଛୁ ଏବଂ ବିଭିନ୍ନ ପ୍ରକାର ମାଲିମକଦ୍ଦମାରେ ଫଶିଯାଉଛୁ। ଆମ୍ଭଙ୍କୁ ଦିଆଯାଇଥିବା ପଟ୍ଟାରେ ଖାତା ନଂ ଓ ପ୍ଲଟ ନଂ, ମୌଜା ଓ ଜମିର ମାନଚିତ୍ର ହେଉ ଜମିର ସମ୍ପୂର୍ଣ୍ଣ ଚିହ୍ନଟ ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ସୁଫଳ ମିଳୁନାହିଁ ବୋଲି ଆଭିଯୋଗ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ଆମକୁ ଦିଆଯାଇଥିବା ଜଙ୍ଗଲ ଜମିର ପଟ୍ଟାରେ ତୁରନ୍ତ ଖାତା ନଂ, ପ୍ଲଟ ନଂ ମୌଜା ଚିହ୍ନଟ କରିବା ପାଇଁ ଦାବି କରିଛନ୍ତି । ସେହିପରି ନୂଆଗାଁର ଶୁକ୍ରୁ



ହିକାବାଡିକା, ମାର୍କ ଜାରମୁଣ୍ଡିକା, ପିତର ଜାରୁମୁଣ୍ଡିକା, ମାଥ୍ୟୁ ହିକାବାଡିକା, ଲୁକ କିନିହାଡାକା ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ତରଫରୁ ଜଙ୍ଗଲ ଜମିର ପଟ୍ଟା ଆମକୁ ୨୦୧୫ ମସିହାରେ ଦିଆଯାଇଛି ଯାହାର ଖାତା ନଂ ୬୦ ଓ ୬୧ ପ୍ଲଟ ନଂ ୪୯୪,୫୧୯,୫୨୦,୫୨.୫୪୩,୫୨୩,୫୨୧,୫୭୯,୫୨୨ ଓ ୬୦୫ ରେ ପୂର୍ବ ପୁରୁଷ ଜଙ୍ଗଲ ସଫା କରି ଥିଲେ ଆମ୍ଭେମାନେ ଉକ୍ତ ଜମିର ରକ୍ଷଣା ବେକ୍ଷଣା କରି କାଜୁ ଗଛ ଲଗାଇ ଏହାର ଫଳରେ ପରିବାର ଭରଣ ପୋଷଣ କରିଆସୁଛୁ। ମାତ୍ର ଏହି ବର୍ଷ ଲାମ୍ବାରୁ ଗୁଡା ଓ ଲିଡିଙ୍ଗ ପଦର ଗ୍ରାମବାସୀ ଆମ୍ଭର କାଜୁ ଜମିରେ ଖାତା ନଂ ୫୯/୩୦ ଯୋର ଜବରଦୋସ୍ତ ଚାଷକରି ଆମ୍ଭଙ୍କୁ ପ୍ରାଣରେ ମାରିବା ପାଇଁ ଧମକ ଦେବା ଯୋଗୁଁ ଆମ୍ଭେ ଜିଲ୍ଲାର ଉଚ୍ଚ ପଦାଧିକାରୀଙ୍କୁ ୦୯.୦୬.୧୭, ୧୫.୧୯.୧୭, ୨୫.୦୯.୧୭,୦୪.୦୭.୧୭,୧୨.୦୭.୧୭,୧୭.୦୭,୧୭ ଜିଲ୍ଲାପାଳଙ୍କୁ ଜନଶୁଣାଣି ବିଷମକଟକରେ ଜଣାଇଥିଲୁ ଯେ ଆମ୍ଭର ଧନଜୀବନ ପ୍ରତି ବିପଦ ଅଛି ବୋଲି। କିନ୍ତୁ କୌଣସି ସୁଫଳ ମିଳୁନ ଥିବାରୁ ପୁନଶ୍ଚ ଆଜି ୦୮.୦୮.୨୦୧୭ ଜିଲ୍ଲାପାଳଙ୍କୁ ରାୟଗଡାର ଜନଶୁଣାଣି ମିଶି ଅମର ଆପତି ଅଭିଯୋଗ ଜଣାଇଥିଲୁ, ଘଟଣାର ତଦନ୍ତକରି ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ପାଇଁ ଆଶ୍ୱସନା ଦେଇଥିବା ପ୍ରକାଶ। ଜଙ୍ଗଲ ଜମି ଅଧିକାର ଆଇନ ୨୦୦୬ କାର୍ଯ୍ୟକାରୀ ହୋଇଥିବା ବେଳେ ୨୦୧୦ ମସିହାରେ ଲାମ୍ବାରଗୁଡା ଓ ଲିଡିଙ୍ଗ ପଦରର ୩୮ ଜଣ ଆଦିବାସୀଙ୍କୁ ୩ ଏକର ହିସାବରେ ୧୧୪ ଏକର ଜମିର ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯାଇଛି ସେଥିରେ ଖାତା ନଂ, ପ୍ଲଟ ନଂ ଓ ମୌଜାର ନାମ ସଂପୂର୍ଣ୍ଣ ଭାବେ ଦିଆଯାଇନାହିଁ । ଠିକ୍ ସେହିପରି ନୂଆଗାଁର ପ୍ରାୟ ୧୪ ଜଣଙ୍କୁ ପ୍ରାୟ ୨୫ ଏକର ଜମିର ଜଙ୍ଗଲ ପଟ୍ଟା ଦିଆଯାଇଛି ଯେଉଁଥିରେ ସଂପୂର୍ଣ୍ଣ ଭାବେ ଖାତା ନଂ, ପ୍ଲଟ ନଂ, କିସମ ଓ ମୌଜାର ବିବରଣୀ ଦିଆଯାଇଛି ମାତ୍ର ଜମି ଚିହ୍ନଟ ନକରିବା ଯୋଗୁଁ ଉଭୟ ଗ୍ରାମବାସୀଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଘଟୁଅଛି । ପ୍ରଶାସନିକ ଭୂଲ ଯୋଗୁଁ ନିରୀହ ଆଦିବାସୀଙ୍କ ମଧ୍ୟରେ ଗଣ୍ଡଗୋଳ ଚାଲୁ ରହିଛି । ଏହି ବିଷୟ ନେଇ ବିଭାଗୀୟ ମନ୍ତ୍ରୀଙ୍କୁ ପଚାରିବାରୁ କରିଛନ୍ତି ଯେ ଘଟଣା ସମ୍ପର୍କରେ ସଂମ୍ପୂର୍ଣ୍ଣ ବିବରଣୀ ମାଗିଛି ତାହାପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ନିୟମ ମୁତାବକ ଯାଞ୍ଚ ପରେ ଜଙ୍ଗଲ ଜମିର ପଟ୍ଟା ଅବଧି ଘୋଷଣା କରାଯିବ । ପୁନଶ୍ଚ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ସାରା ରାଜ୍ୟରେ ୪୫ ହଜାର ୮୯୭ ଲୋକଙ୍କୁ ବ୍ୟକ୍ତିଗତ ଜମିପଟ୍ଟା ଓ ୫ ହଜାର ୫୧୯ ଜଣଙ୍କୁ ସାମୂହିକ ଜମିପଟ୍ଟା ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଆସନ୍ତା ବର୍ଷ ମାର୍ଚ୍ଚ ଶେଷସୁଧା ସବୁ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କୁ ଏହାକୁ କାର୍ଯ୍ୟରେ ପରିଣତ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟରେ ୨୦ଟି ଗାଁକୁ ରାଜସ୍ୱ ଗ୍ରାମ ଭାବେ ଚିହ୍ନଟ କରାଯାଇଛି । ୮୦ ରୁ ୯୦ ପ୍ରତିଶତ ଆଦିବାସୀ ଜନଜାତି ଯେଉଁ ଗ୍ରାମରେ ରହୁଛନ୍ତି, ସେମାନଙ୍କୁ ଆଗାମୀ ଦିନରେ ୬୭ ହଜାର ୯୮ ଏକର ଜମି ବ୍ୟକ୍ତିଗତ ଭାବେ ବ୍ୟବହାର କରିବାକୁ ଦିଆଯିବାକୁ ଯୋଜନା ରହିଥିବା ବେଳେ ୨ ଲକ୍ଷ ୮୬ ହଜାର ୩୮୧ ଏକର ଜମିକୁ ଦିଆଯିବ ବୋଲି ବିଭାଗୀୟ ମନ୍ତ୍ରୀ ପ୍ରକାଶ କରିଛନ୍ତି । ଉକ୍ତ ଗ୍ରାମର ଗଣ୍ଡଗୋଳ ବିଷୟ ନେଇ ଜିଲ୍ଲାପାଳ ପ୍ରକାଶ କରିଛନ୍ତି ଯେ, ଆମ୍ଭେ ଉଭୟ ଗ୍ରାମର ଅଭିଯୋଗ ପାଇଛୁ ଏବଂ ଶୀଘ୍ର ଏହାର ତଦନ୍ତ କରାଯିବା ସଙ୍ଗେ ସଙ୍ଗେ ଉପଯୁକ୍ତ ପଦକ୍ଷେପ ନିଆଯିବ । ଜଙ୍ଗଲ ଜମି ପଟ୍ଟା ତିଆରି ସମୟରେ ଯେଉଁ ବ୍ୟକ୍ତି ସରକାରୀ ବା ଜଙ୍ଗଲ ସୁରକ୍ଷା କମିଟିର ବ୍ୟକ୍ତିଙ୍କ ଭୂଲ ଥିଲେ ତାଙ୍କୁ ଉପଯୁକ୍ତ ଦଣ୍ଡବିଧାନ କରାଯାଇ ଉକ୍ତ ଜମି ପଟ୍ଟା ରଦ୍ଦ କରାଯିବ ବୋଲି କହିଛନ୍ତି । ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଶୀଘ୍ର ପଦକ୍ଷେପ ନ ନେଲେ ଆଦିବାସୀଙ୍କ ମଧ୍ୟରେ ସମ୍ପ୍ରଦାୟକ ଗଣ୍ଡଗୋଳ ଘଟି ଧନ, ଜୀବନ କ୍ଷୟ କ୍ଷତି ଘଟିବ ଏଥିରେ ସନ୍ଦେହ ନାହିଁ। ସରଳ ନିରୀହ ଆଦିବାସୀଙ୍କ ମଧ୍ୟରେ ଶାନ୍ତିର ବାତାବରଣ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବା ଏକାନ୍ତ ଆବଶ୍ୟକ ରହିଛି । ଏଥିପ୍ରତି ଜିଲ୍ଲାପାଳ ମହୋଦୟା ନିଜେ ଦୃଷ୍ଟିପାତ ଦେଇ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତକରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣକରିବାପାଇଁ ବୁଦ୍ଧିଜୀବୀ ନିବେଦନ କରିଛନ୍ତି ।

# ଚକୋଲେଟ୍ ପାହାଡ଼



ଉପସ୍ଥାପନା
ଜାହ୍ନବୀସୁତ

ପ୍ରକୃତିରେ ରହସ୍ୟର ପରସ୍ତ । ପ୍ରକୃତିର ଏହି ରହସ୍ୟମୟ ରୂପରେ ଅଭିଭୂତ ହେଉଛନ୍ତି ମଣିଷ । ପ୍ରାକୃତିକ ରହସ୍ୟର ଖିଅ ଖୋଜୁ ଖୋଜୁ ଯୁଗ ପରେ ଯୁଗ ବିତି ଯାଉଛି । ହେଲେ ରହସ୍ୟକୁ ନେଇ ଯେଉଁ ବିସ୍ମୟକୁ ସେହି ବିସ୍ମୟ । ପ୍ରକୃତିର ରଚୟିତା କିଏ ? କିଏ ସଂରଚନା କରିଛି ଏ ବିସ୍ମୟକର ପ୍ରକୃତିକୁ ? ତାକୁ ନେଇ ରହିଛି ଅନେକ ମତ । ତେବେ ଏ ମାନସିକ ସଂଗ୍ରାମ ଭିତରେ ସାଧାରଣ ମଣିଷର ମନ କିନ୍ତୁ ଆଶ୍ଚର୍ଯ୍ୟକର ପ୍ରକୃତିକୁ ନେଇ ରହସ୍ୟରେ ବୁଡି ରହିଛି । ସେମିତି ଏକ ପ୍ରାକୃତିକ ରହସ୍ୟ ରହିଛି ଫିଲିପାଇନ୍ସର ବୋହୋଲରେ । ଆପଣ ଏଠାକୁ ଗଲେ ଦେଖିବାକୁ ପାଇବେ ଏକ ପର୍ବତମାଳା । ତେବେ ଏହି ପାର୍ବତ୍ୟମାଳାରେ ଥିବା ପାହାଡ ଗୁଡିକର ଉଚ୍ଚତାକୁ ଦେଖିଲେ ଆପଣ ଆଶ୍ଚର୍ଯ୍ୟ ହେବା ସୁନିଶ୍ଚିତ । କାରଣ ଆମେ ସାଧାରଣରେ ଦେଖିଥିବା ପାହାଡ ଗୁଡିକର ଉଚ୍ଚତା ଅଧିକ ହୋଇଥାଏ ହେଲେ ଏହି ପାର୍ବତ୍ୟାଞ୍ଚଳର ସବୁଠାରୁ ଉଚ୍ଚ ପର୍ବତ ହେଉଛି ୧୨୦ ମିଟର ଆଉ ଗୋଟିଏ ନୁହେଁ ଅନେକ ଛୋଟଛୋଟ ପର୍ବତ ଏଠାରେ ଦେଖିବାକୁ ମିଳିଥାଏ । ତେବେ ସବୁଠାରୁ ରହସ୍ୟମୟ ଘଟଣା । ତେବେ ଏହି ପର୍ବତାବଳୀକୁ ସ୍ଥାନୀୟ ଅଧିବାସୀମାନେ ଚକଲେଟ୍ ହିଲ୍ ବୋଲି କହିଥାନ୍ତି । କାରଣ ଏହି ଚକୋଲେଟ୍ ପାହାଡ ଗୁଡିକ ଘାସ ଦ୍ୱାରା ଆଚ୍ଛାଦିତ ହୋଇ ରହିଛି ଆଉ ସେତେବେଳେ ଘାସ ଗୁଡିକ ଶୁଖିଯାଏ ସେତେବେଳେ ତାହା ଦୂରରୁ ଛୋଟଛୋଟ ଚକୋଲେଟ୍ ଭଳିଆ ଦେଖାଯାଇଥାଏ । ତେଣୁ ସ୍ଥାନୀୟ ଅଧିବାସୀମାନେ ଏହାକୁ ଚକୋଲେଟ୍ ହିଲ୍ ବୋଲି କହିଥାନ୍ତି । ତେବେ ଯେଉଁଠାରେ ରହସ୍ୟ ସେହିଠାରେ ରହିବ ଲୋକକଥା, କାହାଣୀ ଓ କିମ୍ବଦନ୍ତୀ । ଆଉ ଚକୋଲେଟ୍ ହିଲ୍‌କୁ ନେଇ ମଧ୍ୟ ରହିଛି ସେମିତି ଲୋକଥା । ଲୋକଥା ଅନୁସାରେ ଏହି ଛୋଟ ପାହାଡ ଗୁଡିକର ଉତ୍ପତ୍ତି ସହିତ ଯୋଡି ହୋଇ ରହିଛି ଏକ ସୁନ୍ଦର ପ୍ରେମ କାହାଣୀ । ଆରୋଗୁ ଆଉ ଆଲୋୟା ପ୍ରେମୀ ଯୁଗଳଙ୍କୁ ନେଇ ଏହି କାହାଣୀ ରହିଛି । ବିଶ୍ୱାସ ଅନୁସାରେ ଆରୋଗୁ ଖୁବ୍ ବଳଶାଳୀ ଥିଲା । ଆଉ ସେ ଖୁବ ଶାନ୍ତ ସ୍ୱାଭାବର ଆଲୋୟାଙ୍କ ପ୍ରେମରେ ପଡିଗଲା । ଆଉ ଦୁହେଁ ଦୁହିଁଙ୍କୁ ଖୁବ୍ ଭଲ ପାଉଥିଲେ ହେଲେ ଯେତେବେଳେ ଆଲୋୟାଙ୍କର ମୃତ୍ୟୁ ଘଟିଥିଲା ସେତେବେଳ ଆରୋଗୁ ଖୁବ୍ ଭାଙ୍ଗି ପଡିଥିଲା । ଆଉ ନିଜ କୋହ ସମ୍ଭାଳି ନପାରି ଖୁବ୍ କାନ୍ଦି ଥିଲେ ଆଉ ସେ ଏତେ ମାତ୍ରାରେ କାନ୍ଦିଥିଲେ ଯେ, ତାଙ୍କ ଲୁହ ଶୁଖି ଗଲାପରେ ଏହି ଚକୋଲେଟ୍ ହିଲ୍‌ରେ ପରିଣଥ ହୋଇଥିଲା । ତେଣୁ ପ୍ରେମ କାହାଣୀ ସହିତ ଏହି ଚକୋଲେଟ୍ ହିଲ୍ ଯୋଡି ହୋଇଥିବାରୁ ଏହାକୁ ସ୍ଥାନୀୟ ବାସିନ୍ଦାମାନଙ୍କ ଭାବାବେଗ ସହ ଜଡିତ ହୋଇ ରହିଛି । କିନ୍ତୁ ଏଭଳି ଲୋକକଥା ଓ କିମ୍ବଦନ୍ତୀକୁ ବିଜ୍ଞାନ ଗ୍ରହଣ କରିପାରୁନାହିଁ । ବିଜ୍ଞାନ ମତରେ ଏଭଳି ପର୍ବତମାଳା ସୃଷ୍ଟି ହେବା ପରେ କୌଣସି ରହସ୍ୟମୟ କାଣ ନାହିଁ । ଏହା ଏକ ପ୍ରାକୃତିକ ଧାରା । ବଡ ପାହାଡ ଭଳି ଏହି ଛୋଟ ପର୍ବତାବଳୀର ସୃଷ୍ଟି ହୋଇଥିବ । ତେଣୁ ଏହାକୁ ନେଇକି କୌଣସି ରହସ୍ୟ ନାହିଁ । ଏକାଧିକ କ୍ଷୁଦ୍ର ପାହାଡର ସମାହାର ଚକୋଲେଟ୍ ହିଲ । ଫିଲିପାଇନ୍ସର ଏହି ପ୍ରାକୃତିକ ଆଶ୍ଚର୍ଯ୍ୟକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ବୋହୋଲର ଏହି ଚକୋଲେଟ୍ ହିଲ୍ ବିଜ୍ଞାନୀମାନଙ୍କ ପାଇଁ କୌଣସି ଉତ୍କଣ୍ଠା ସୃଷ୍ଟି କରୁନାହିଁ ସତ କିନ୍ତୁ ସାଧାରଣ ମଣିଷର ମନରେ ଏହି ଚକୋଲେଟ୍ ହିଲର ଆକାର ଓ ଅବସ୍ଥିତି ନିହାତି ମନରେ ବିସ୍ମୟ ଭାବ ସୃଷ୍ଟି କରିଥାଏ । ଆହୁରୁ ଏହି ଉତ୍କଣ୍ଠା ସୃଷ୍ଟି କରିବା ପାଇଁ ସହାୟତା ଦେଇଥାଏ । ସ୍ଥାନୀୟ ଅଧିବାସୀମାନଙ୍କର ବିଭିନ୍ନ ବିଶ୍ୱାସ, ଲୋକଥା, କାହାଣୀ ଓ କିମ୍ବଦନ୍ତୀ ଏହା ଏକ ପ୍ରାକୃତିକ ସାଧାରଣ ଘଟଣା ବୋଲି ବିଜ୍ଞାନୀ ମଣିଷ ବିଶ୍ୱାସ କରୁଥିବା ବେଳେ କିଛି ସାଧାରଣ ମଣିଷଙ୍କ ପାଇଁ ଏହା ହେଉଛି ପ୍ରେମିକ ଆରୋଗୁର ଶୁଖିଲା ଲୁହ । ସେହିଭଳି ଆହୁରି ଅନେକ ରୋମାଞ୍ଚକର ଲୋକଥା ମଧ୍ୟ ଶୁଣିବାକୁ ମିଳିଥାଏ । ସେହିପରି ଏକ କାହାଣୀ ଅନୁସାରେ ଦୁଇଜଣ ଦିଗଜ ବୀରଙ୍କ ମଧ୍ୟରେ ଯୁଦ୍ଧ ହୋଇଥିଲା । ଆଉ ସେମାନେ ପରସ୍ପରକୁ ଢେଲା ପଥର, ବିଭିନ୍ନ ଅସ୍ତ୍ରଶସ୍ତ୍ର ନିକ୍ଷେପ କରିଥିଲେ । ଆଉ ଏହି ଯୁଦ୍ଧ ଅନେକ ଦିନ ଧରି ଚାଲିଥିଲା । ଆଉ ଶେଷରେ ସେମାନେ ଲଢ଼ିଲଢ଼ି ହାଳିଆ ହୋଇଯାଇଥିଲେ । ଆଉ ସେମାନେ ନିଜ ଭିତରେ ଥିବା ଶତ୍ରୁତାକୁ ଭୁଲି ଯାଇଥିଲେ । ଆଉ ସେମାନଙ୍କ ମଧ୍ୟରେ ପୁଣି ବନ୍ଧୁତା ସୃଷ୍ଟି ହୋଇଥିଲା । ଆଉ ସେମାନେ ଯୁଦ୍ଧରେ ବ୍ୟବହାର କରିଥିବା ପଥର ଇତ୍ୟାଦି ଏହି ସ୍ଥାନରେ ଛାଡି ଚାଲିଯାଇଥିଲେ । ସେହିସବୁ ପଥର ଏଠାରେ ଏଭଳି କ୍ଷୁଦ୍ର ପାହାଡ ସୃଷ୍ଟି କରିଥିଲା । ଚକୋଲେଟ୍ ପାହାଡକୁ ନେଇ ଥିବା ଏଇ ଲୋକକଥାକୁ ମଧ୍ୟ ଅନେକ ସ୍ଥାନୀୟ ବାସିନ୍ଦା ଗ୍ରହଣ





କରିଥାନ୍ତି । ଆଉ ଏକ ଯୁଦ୍ଧ ସହିତ ଯୋଡି ଦେଇଥାନ୍ତି ଚକୋଲେଟ୍ ପାହାଡକୁ । ସେହିଭଳି ଆଉଏକ ଲୋକକଥା ମଧ୍ୟ ଚକୋଲେଟ ପାହାଡକୁ ନେଇ ଶୁଣିବାକୁ ମିଳିଥାଏ । କାହାଣୀ ଅନୁସାରେ ଏକ ବିଶାଳ ଜଳ ମଇଁଶୀ ନିକଟରେ ଥିବା ସମସ୍ତ ଶସ୍ୟକୁ ଖାଇ ଦେଇଥିଲେ । ଆଉ ଏଠାକାର ସ୍ଥାନୀୟ ବାସିନ୍ଦାମାନେ ଏହି ଜଳ ମଇଁଶୀ ଠାରୁ ନିଜ ଶସ୍ୟକୁ ଖାଇ ଦେଇଥିଲା । ଆଉ ଏଠାକାର ସ୍ଥାନୀୟ ବାସିନ୍ଦାମାନେ ଏହି ଜଳ ମଇଁଶୀ ଠାରୁ ନିଜ ଶସ୍ୟକୁ ରକ୍ଷା କରିବା ପାଇଁ ଏକ ଅଭିନବ ପ୍ରୟାସ କରିଥିଲେ । ସେମାନେ ନିଜ ଘରେ ଥିବା ପୁରୁଣା ତଥା ନଷ୍ଟ ଖାଦ୍ୟକୁ ସେହି ବିଶାଳ ମଇଁଶୀ ପାଇଁ ସଜାଇ ରଖିଥିଲେ । ଆଉ ସେହି ମଇଁଶୀ ଯେତେବେଳେ ସେହି ନଷ୍ଟ ହୋଇଯାଇଥିବା ଖାଦ୍ୟରୁ କିଛି ଖାଇଥିଲା ସେତେବେଳେ ସେ ତାକୁ ହଜମ କରି ପାରିନଥିଲା । ଆଉ ସେ ଖାଦ୍ୟ ହଜମ କରିବା ଭିତରେ ଅନ୍ୟ ଖାଦ୍ୟ ଗୁଡିକ ଶୁଖିଯାଇ ଏଭଳି ଛୋଟଛୋଟ ପର୍ବତ ସୃଷ୍ଟି ହୋଇଥିଲା । ତେବେ ଚକୋଲେଟ ପାହାଡକୁ ନେଇ ଏତେ ଲୋକଥା କିମ୍ବଦନ୍ତୀ କାହାଣୀ ରହିବା ହିଁ ଏହି ପାହାଡକୁ ନେଇଥିବା ରହସ୍ୟ ପଛରେ ମୂଳ ଉପାଦାନ ବୋଲି ବିଶ୍ୱାସ କରାଯା, । ତେବେ ପ୍ରକୃତିର ଏହି ରହସ୍ୟମୟ ରୂପ ସବୁବେଳେ ମଣିଷକୁ ବିସ୍ମୟ ଜଗତକୁ ନେଇଛି । ତେବେ ବେଳେବେଳେ ବିଜ୍ଞାନର ଆଲୋକ ମଧ୍ୟ ଏଭଳି ରହସ୍ୟ ଉପରୁ ପର୍ଦା ଉଠାଇବାରେ ସଫଳ ହୋଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଜନନୀ ଯନ୍ତ୍ରଣାର ...

ରାଜ୍ୟରେ ଗର୍ଭବତୀ ମହିଳା ଓ ଶିଶୁଙ୍କ ନିମନ୍ତେ ବିଭିନ୍ନ ଯୋଜନା କରାଯାଉଥିବା ସତ୍ତ୍ୱେ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବା କ୍ଷେତ୍ରରେ ବିଭାଗ ଯେଭଳି ଫେଲ୍ ମାରିଛି । ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦେବାକୁ ସରକାର କରିଥିବା ସଂକଳ୍ପ ଯେଭଳି ତଳକୁ ତଳକୁ ଚାଲିଯାଉଛି ତାହା ଚିନ୍ତାର କାରଣ । ଯୋଜନା ଘୋଷଣା ଓ ଏହାର କାର୍ଯ୍ୟକାରିତା ମଧ୍ୟରେ ରହୁଥିବା ପାର୍ଥକ୍ୟକୁ ସରକାର ହୃଦୟଙ୍ଗମ ନକଲାଯାଏ ଏହାର ସମାଧାନ ଆଶା କ୍ଷୀଣ । ଦୁର୍ଗମ ଅଞ୍ଚଳମାନଙ୍କରେ ରାସ୍ତାଘାଟ ନଥିବା ହେତୁ ସମସ୍ୟା ଜଟିଳ ହେଉଥିବା କଥା ଲୋକେ କହୁଛନ୍ତି । ହେଲେ ଏସବୁକୁ ସୁଧାରିବା ଦାୟିତ୍ୱ କାହାର ? ଦୈନିକ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଉଥିଲେ ବି ଏହାର ସମାଧାନ ନହୋଇ ପାରିବାର କାରଣ କ'ଣ ତାହା ସହଜରେ ବୁଝାପଡୁନି । ଗାଁ ଗାଁରେ ଆଶାକର୍ମୀମାନେ କାର୍ଯ୍ୟ କରୁଥିବା ବେଳେ ସେମାନେ ଗର୍ଭବତୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ରହି ସରକାରୀ ଚିକିତ୍ସାଳୟକୁ ପଠାଇବାର ଯୋଜନା ଯେଭଳି ଫେଲ୍ ମାରୁଛି । କିଛି କିଛି ସ୍ଥାନରେ ରାସ୍ତା ଓ ପୋଲ ନଥିବାରୁ ନଦୀ ନାଳ ପାର କରି ଗର୍ଭବତୀଙ୍କୁ ଭାର ଓ ଷ୍ଟ୍ରେଚରରେ ଡାକ୍ତରଖାନାକୁ ନେବା ଆଣିବା ଭଳି ଅମାନବୀୟ ଘଟଣା ଶାସନରେ ଢିଲାପଣକୁ ପଦାରେ ପକାଉଛି । ଏଣେ ଗର୍ଭବତୀଙ୍କ ବେଦନା କମିବା ପରିବର୍ତ୍ତେ ବଢ଼ି ଚାଲିଥିବା ଜଣାପଡିଛି । ଗତ ଗୁରୁବାର ବ୍ରହ୍ମପୁର ସହରରେ ମଧ୍ୟ ଏଭଳି ଏକ ଘଟଣା ଘଟିଯାଇଛି । ଏହା କୌଣସି ଦୁର୍ଗମ ଅଞ୍ଚଳ ହୋଇ ନଥିଲେ ବି ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଅସହଯୋଗ ଯୋଗୁ ବାଧହୋଇ ଜଣେ ମହିଳା ଡାକ୍ତରଖାନା ପରିସରରେ ଶିଶୁଟିକୁ ଜନ୍ମ ଦେଇଛନ୍ତି । ସୂଚନା ଅନୁସାରେ ବ୍ରହ୍ମପୁର ପଣ୍ଡା କଲୋନୀର ପ୍ରମୋଦିନୀ କୁଠାରସିଂଙ୍କ ଗର୍ଭ ଯନ୍ତ୍ରଣା ବଢ଼ିବାରୁ ତାଙ୍କ ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ହସ୍ପିଟାଲକୁ ଆଣିଥିଲେ । ହେଲେ ସେହି ସମୟରେ ସେଠାରେ କାର୍ଯ୍ୟରତ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ମହିଳାଙ୍କୁ ଲେବର ରୁମ୍ ଭିତରକୁ ଯିବାକୁ ଦେଲେନାହିଁ । ମହିଳାଙ୍କ ସହ କୌଣସି ଆଶାକର୍ମୀ ଆସିନଥିବାରୁ ଡାକ୍ତର ଏଥିପାଇଁ ଅନୁମତି ଦେଇନଥିବା ଜଣାପଡିଛି । ଏଭଳି ପରିସ୍ଥିତିରେ ଗର୍ଭଯନ୍ତ୍ରଣାରେ ଅତିଷ୍ଠ ହୋଇ ମହିଳାଜଣଙ୍କ ହସ୍ପିଟାଲ ବାରଣ୍ଡାରେ ପ୍ରସବ କରିଥିଲେ । ଏହି ଘଟଣା ପରେ ସେଠାରେ ତୀବ୍ର ପ୍ରତିକ୍ରିୟା ଦେଖା ଦେବାରୁ ଘଟଣା ସ୍ଥଳରେ ପୋଲିସ ପହଞ୍ଚିଥିଲା । ପରିସ୍ଥିତି ଶାନ୍ତ ପଡିବା ପରେ ପ୍ରସୂତିଙ୍କୁ ୱାର୍ଡ ଭିତରକୁ ନିଆଯାଇଥିଲେ ବି ଏହି ଘଟଣାର ତଦନ୍ତ ପାଇଁ ସାଧାରଣରେ ଦାବି ଉଠିବା ଅତ୍ୟନ୍ତ ସ୍ୱର୍ଶକାତର ଘଟଣା । ଏହା କେବଳ ମାଲକାନଗିରି ବା ବ୍ରହ୍ମପୁର ଘଟଣା ନୁହେଁ । ରାଜ୍ୟର କେଉଁଠି ନା କେଉଁଠି ଏଭଳି ସମସ୍ୟା ଦେଖାଦେଇଛି । ତେଣୁ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ନ ଘଟିଲେ ଭବିଷ୍ୟତରେ ଏଭଳି ଘଟଣା ବିସ୍ଫୋରକ ରୂପ ନେବାର ଆଶଙ୍କା ଦେଖାଦେଇଛି ।

### ଏକତାବଦ୍ଧ ହୋଇ ...

ଯେଉଁଠି ମହିଳାମାନେ ସୁରକ୍ଷିତ ରହିବେ । ଦାରିଦ୍ର୍ୟ, ଦୁର୍ନୀତି, ଆତଙ୍କବାଦ, ଜାତିଆଣବାଦ ଓ ସାମ୍ପ୍ରଦାୟିକତାବାଦ ମୁକ୍ତ ଭାରତ ଗଠନ କରିବାକୁ ହେବ ବୋଲି ସେ କହିଛନ୍ତି । ସେ ଆହୁରି ମଧ୍ୟ କହିଛନ୍ତି, ୨୦୧୭ରୁ ୨୦୨୨ ପର୍ଯ୍ୟନ୍ତ ସରକାର ଏହି ଲକ୍ଷ୍ୟ ହାସଲ କରିବା ପାଇଁ କାର୍ଯ୍ୟ କରିବେ । ସ୍ୱାଧୀନତା ସଂଗ୍ରାମୀଙ୍କ ଏହି ସ୍ୱପ୍ନ ସାକାର କରିବାକୁ ପଡ଼ିବ । ଦେଶରେ ଲାଗୁ ହୋଇଥିବା ଏକକ ଟିକସ ବ୍ୟବସ୍ଥା ଜିଏସ୍‌ଟି ସମ୍ପର୍କରେ ମୋଦି କହିଲେ, ଏହା କେବଳ ସରକାରଙ୍କର ସଫଳତା ନୁହେଁ କି କୌଣସି ଗୋଟିଏ ରାଜନୈତିକ ଦଳର ସଫଳତା ନୁହେଁ । ଏହି ସଫଳତାରେ ସମଗ୍ର ଦେଶ ଅଂଶୀଦାର । ଆଇନ ଉଲ୍ଲଂଘନ ନ କରି ଆମେ ଅନେକ କିଛି କରିପାରିବା । ଦେଶର ଆଇନଶୃଙ୍ଖଳା ପରିସ୍ଥିତିକୁ ଲକ୍ଷ୍ୟ କରି ସେ ଏହା କହିଥିଲେ । ସେ କହିଲେ, ଦୁର୍ନୀତି ଆଜି ଆମର ବିକାଶର ମାର୍ଗକୁ ପ୍ରତିରୋଧ କରୁଛି । ଏ ସମ୍ପର୍କରେ ସକାରାତ୍ମକ ଆଭିମୁଖ୍ୟର ଆବଶ୍ୟକତା ପଡୁଛି । ଦେଶରେ ଦାରିଦ୍ର୍ୟ ଓ ଶିକ୍ଷା କ୍ଷେତ୍ରରେ ସମସ୍ୟା ଏବଂ ପୁଷ୍ଟିହୀନତା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରି ମୋଦି କହିଲେ, ଏ ଦିଗରେ ଆମଙ୍କୁ ଅନେକ କିଛି କରିବାକୁ ପଡ଼ିବ । ସମାଜର ସାମଗ୍ରିକ ବିକାଶରେ ମହିଳାମାନଙ୍କର ମଧ୍ୟ ବିଶେଷ ଭୂମିକା ରହିଛି । ତେଣୁ ସେମାନଙ୍କୁ ମଧ୍ୟ ଏଥିପାଇଁ ଉତ୍ସାହିତ କରିବାକୁ ପଡ଼ିବ । ଭାରତଛାଡ଼ ଆନ୍ଦୋଳନ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଲେ, ଆମର ସ୍ୱାଧୀନତା କେବଳ ନିଜ ଦେଶର ସ୍ୱାଧୀନତାକୁ ବୁଝାଏ ନାହିଁ । ବିଶ୍ୱର ଅନ୍ୟ ଭାଗରେ ଯେଉଁଠି ଉପନିବେଶବାଦ ରହିଛି, ସେଠାରେ ମଧ୍ୟ ସେଥିରୁ ମୁକ୍ତ ହେବାକୁ ପ୍ରୟାସ କରିବ ଭାରତ । ଯୁବପିଢ଼ି ଭାରତଛାଡ଼ ଆନ୍ଦୋଳନର ଐତିହାସିକ ଭିତ୍ତିଭୂମି ସମ୍ପର୍କରେ ଅବଗତ ହେବାର ଆବଶ୍ୟକତା ରହିଛି । ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ ଏକଦା ଦେଶରେ ଜାଗରଣ ସୃଷ୍ଟି କରିଥିଲା । ଏହି ସ୍ୱତନ୍ତ୍ର ଅବସରରେ ଆମେ ଭାରତଛାଡ଼ ଆନ୍ଦୋଳନ ସମ୍ପର୍କରେ ସ୍ମରଣ କରିବାର ଅବକାଶ ଆସିଛି । ଏହାକୁ ସ୍ମରଣକଲେ ଆମର ଶକ୍ତି ବୃଦ୍ଧି ପାଇବ । ଉଲ୍ଲେଖଯୋଗ୍ୟ ଯେ, ଏହି ପବିତ୍ର ଅବସରରେ ଲୋକସଭାରେ ୨୦୨୨ ସୁଦ୍ଧା ନବ ଭାରତ ଗଠନ ପ୍ରସ୍ତାବ ଗୃହୀତ ହୋଇଛି ।

### ଅଧାରୁ ପାଠ ଛାଡ଼ିଲେ ...

ଏହି ସବୁ ଜିଲ୍ଲାଗୁଡିକ ମଧ୍ୟରୁ କଳାହାଣ୍ଡି ଓ କୋରାପୁଟର ପରିସ୍ଥିତି ବିଷମ ବୋଲି ଜଣା ପଡିଛି । ଏ ସଂକ୍ରାନ୍ତରେ ରାଜ୍ୟ ମହିଳା ଓ ଶିଶୁ କଲ୍ୟାଣ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ଚେତାଇ ଦିଆଯାଇଛି । ସମନ୍ୱିତ ଶିଶୁ ବିକାଶ ଯୋଜନା ଓ ସମାଜ ମଙ୍ଗଳ ନିର୍ଦ୍ଦେଶକ ପ୍ରଶାନ୍ତକୁମାର ରେଡ୍ଡି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅତିରିକ୍ତ ସଚିବଙ୍କୁ ଏକ ଚିଠି ଦେଇ ୨୦୧୭-୧୮ ବର୍ଷରେ ପାଠପଢାରେ କିଶୋରୀଙ୍କ କମ୍ ଉପସ୍ଥାନ ଚିନ୍ତାଜନକ ବୋଲି ଦର୍ଶାଇବା ସହ ତୁରନ୍ତ କେନ୍ଦ୍ରୀୟ ଯୋଜନାରେ ଚାଲିଥିବା ବିଦ୍ୟାଳୟରେ ତୁରନ୍ତ ବାଳିକାଙ୍କ ଉପସ୍ଥାନ ବୃଦ୍ଧି ସକାଶେ ପଦକ୍ଷେପ ନେବାକୁ ପରାମର୍ଶ ଦେବା ସହ ଉପରୋକ୍ତ ଜିଲ୍ଲାଗୁଡ଼ିକରେ ଅଧାରୁ ପାଠ ଛାଡିଥିବା ୧୧ରୁ ୧୮ବର୍ଷ ବାଳିକାଙ୍କ ସଂଖ୍ୟା ୨ଲକ୍ଷ ୬୫ହଜାର,୮୩୩ ବୋଲି ଉଲ୍ଲେଖ କରିଛନ୍ତି । ଏଭଳି ତଥ୍ୟ ହସ୍ତଗତ ହେବା ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ଉଚ୍ଚଶିକ୍ଷା ନିର୍ଦ୍ଦେଶକ, ଓଏମ୍‌ଏସ୍‌ଏମ୍‌ର ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ଓପେପାର ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଚେତାବନୀ ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତା'ଛଡା ଉକ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟକୁ ବିଭାଗରେ ଦାଖଲ କରିବାକୁ ଆଦେଶନାମାରେ ସ୍ପଷ୍ଟ କରିଛନ୍ତି । ରିପୋର୍ଟ ମୁତାବକ ୨୦୧୭-୧୮ରେ ୧୧ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ୬୫ହଜାର ୪୫୧ ବାଳିକା ପାଠ ଛାଡିଥିବା ବେଳେ ସର୍ବାଧିକ କଳାହାଣ୍ଡିରେ ୬୫ହଜାର ୪୫୧ ଓ କୋରାପୁଟରେ ୫୬ ହଜାର ୫୬୭ବାଳିକା ବିଦ୍ୟାଳୟ ଛାଡିଛନ୍ତି । ସେହିପରି ଭଦ୍ରକରେ ୩୫ହଜାର ୨୨୮ବାଳିକା, ସୁନ୍ଦରଗଡ଼ରେ ୨୧ହଜାର ୨୩୮ବାଳିକା, ମୟୂରଭଞ୍ଜରେ ୨୪ହଜାର ୨୯୮ବାଳିକା, କଟକରେ ୧୭ହଜାର ୪୬୮ବାଳିକା,ବରଗଡ଼ରେ ୧୭ହଜାର ୩୯୮ବାଳିକା,ପୁରୀରେ ୧୫ହଜାର ୪୯୮ବାଳିକା ଓ ଗଜପତିରେ ୧୨ହଜାର ୬୮୭ବାଳିକା ଅଧାରୁ ପାଠ ଛାଡିଛନ୍ତି । ପ୍ରକାଶ ଯେ କେନ୍ଦ୍ର ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ମନ୍ତ୍ରାଳୟ ପକ୍ଷରୁ ୨୦୧୧-୧୨ରେ ରାଜ୍ୟର ଉପରୋକ୍ତ ୯ଟି ଜିଲାରେ 'ସ୍କିମ୍ ଫର୍ ଆଡଲସେଣ୍ଟ ଗାର୍ଲ' (ଏସ୍‌ଏଜି) କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସେଥିପାଇଁ ସେହି ସବୁ ଜିଲ୍ଲାରେ ୧୩୨ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ୨୭ ହଜାର ୩୫୫ ଅଙ୍ଗନବାଡ଼ି କେନ୍ଦ୍ରରେ ୧୧ବର୍ଷରୁ ୧୮ ବର୍ଷ ପର୍ଯ୍ୟନ୍ତ ବିଦ୍ୟାଳୟ ଯାଉଥିବା ଓ ନ ଯାଉଥିବା କିଶୋରୀଙ୍କୁ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା ।

### 'ଦୁର୍ନୀତି ରୋକିବା ...

ଭିଜିଲାନ୍ସ ଅଧିକାରୀମାନେ ନ୍ୟାୟ ପ୍ରଦାନ କ୍ଷେତ୍ରରେ ଲୋକଙ୍କର ନିକଟତର ହେବା ଉଚିତ୍ ବୋଲି ଅତିଥିମାନେ କହିଥିଲେ । ଉତ୍ସବରେ ମୁଖ୍ୟମନ୍ତ୍ରୀ 'ରିସୋନାନ୍ସ' ନାମକ ସ୍ମରଣିକା, ଭିଜିଲାନ୍ସର ୬୦ବର୍ଷର ବିକାଶଜନିତ କ୍ରମିକ ପରିବର୍ତ୍ତନ ଉପରେ କ୍ଷୁଦ୍ର ପ୍ରମାଣିକ ଚଳଚ୍ଚିତ୍ର ଓ ଏକ ୱେବସାଇଟ୍‌ର ଉନ୍ମୋଚନ କରିଥିଲେ । ଦୁର୍ନୀତିକୁ ରୋକିବା ପାଇଁ ଭିଜିଲାନ୍ସ ଅଧିକାରୀମାନଙ୍କ ମନୋବଳ ବୃଦ୍ଧି ନିମନ୍ତେ ନୂତନ ପଦକ ଉନ୍ମୋଚନ କରାଯାଇଛି । ଉତ୍ତମ କାର୍ଯ୍ୟ ପାଇଁ ମୁଖ୍ୟମନ୍ତ୍ରୀ ୫ ପୂର୍ବତନ ଭିଜିଲାନ୍ସ ନିର୍ଦ୍ଦେଶକ ଓ ୧୦ ପରିବାରକୁ ସମ୍ବର୍ଦ୍ଧିତ କରିଥିଲେ ।

### କିଏ କହୁଛି...

ହେଲେ ଭାଜପା ଏଥିରେ ଏକମତ ନଥିବା ଦର୍ଶାଇ ବିଜେଡି କହୁଛି, ଭାଜପା ବିଚଳିତ । ବିଜେଡି ମୁଖପାତ୍ର ସମୀର ରଞ୍ଜନ ଦାଶ କହିଛନ୍ତି, ବେଆଇନ ଖଣି ମାଲିକମାନଙ୍କ ଠାରୁ ରାଜ୍ୟ ସରକାର ଜରିମାନା ଆଦାୟ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁ । ସରକାର ମଧ୍ୟ ଉକ୍ତ ଟଙ୍କା ଖଣି ଅଞ୍ଚଳର ଆଦିବାସୀଙ୍କ ପାଇଁ ଖର୍ଚ୍ଚ କରିବେ । ହେଲେ ବିଜେପି ଭାବୁଛି ଏହାଦ୍ୱାରା ବିଜେଡି ପ୍ରତି ଆଦିବାସୀଙ୍କ ବିଶ୍ୱାସ ବଢ଼ିଯିବ । ଯେଉଁଥିପାଇଁ ବିଜେପି ବ୍ୟସ୍ତ ହୋଇପଡିଛି । ଏ ପ୍ରସଙ୍ଗରେ କଂଗ୍ରେସ ମୁଖପାତ୍ର ଗଣେଶ୍ୱର ବେହେରା କହିଛନ୍ତି, ରାଜ୍ୟ ସରକାର ୨୦୧୦ରେ ଆକଳନ କରି ଖଣି ଲିଜ୍‌ଧାରୀଙ୍କୁ ନୋଟିସ୍ କରିଥିଲେ । ଯେହେତୁ ସିଇସି ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ନିଯୁକ୍ତ, ସିଇସି କହିଛି ଖଣି ଲିଜ୍‌ଧାରୀଙ୍କ ଠାରୁ ୩୦% ଅର୍ଥ ଆଦାୟ କର । ଯାହାର ମୂଲ୍ୟ ରାଜ୍ୟ ସରକାର ସ୍ଥିର କରିଥିବା ମୂଲ୍ୟ ସହ ସମାନ । ତେଣୁ ସିଇସିଙ୍କ ନିଷ୍ପତ୍ତି ଅନୁସାରେ ରାଜ୍ୟ ସରକାର ଯାଉଛନ୍ତି । ସେଥିରେ କିଛି ଅସୁବିଧା ନାହିଁ । ଡିସେମ୍ବର ୩୧ ସୁଦ୍ଧା ଖଣି ମାଲିକଙ୍କଠାରୁ ଏହି ଅର୍ଥ ଆଦାୟ କରାଯିବାକୁ ନିର୍ଦ୍ଧାରିତ ହୋଇଛି । ହେଲେ ବିଜେଡି, ବିଜେପି ଓ କଂଗ୍ରେସ କିଏ କହୁଛି ସତ ?

### ବକେୟା ଆଦାୟ ...

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥା ସହ ଉପଭୋକ୍ତାଙ୍କ ଉପରେ ପ୍ରାୟ ୬୩୫୪ କୋଟି ଟଙ୍କା ବାକି ପଡ଼ିଛି । ପୁଣି ସରକାର ଗ୍ରିଡ୍‌କୋ ଆଣିଥିବା ଋଣରେ ଜିମାଦାର (ଗ୍ୟାରେଣ୍ଟର) ହୋଇଛନ୍ତି ଏବଂ ଏ ବାବଦରେ ସୁଧ ବିବଢ଼ିବଢ଼ି ଚାଲିଛି । ଏଥିପାଇଁ ବିଭିନ୍ନ ବିଜୁଳି ବିତରକ ସଂସ୍ଥା ଖାଉଟିଙ୍କଠାରୁ ଅଧିକ ଶୁଳ୍କ ଆଦାୟ ପାଇ ଓଇଆର୍‌ସିଙ୍କୁ ପ୍ରସ୍ତାବ ଦେଇଛନ୍ତି । ସରକାର ଏହି ପ୍ରସଙ୍ଗକୁ ଅତ୍ୟନ୍ତ ଗୁରୁତର ସହ ଗ୍ରହଣ କରିଛନ୍ତି । ବକେୟା ବିଦ୍ୟୁତ୍ ଦେୟ ଆଦାୟ ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ । ଯେଉଁଠି ଦେୟକୁ ନେଇ ବିବାଦ ରହିଛି ଓ ମାମଲା ଅଦାଲତରେ ବିଚାରାଧୀନ ରହିଛି ସେଠାରେ ଅଦାଲତ ବାହାରେ ଏହାକୁ ସମାଧାନ କରାଯିବ । ପୁନଶ୍ଚ ଯେଉଁ ସରକାରୀ ବିଭାଗ ଓ ସରକାରଙ୍କ ଅଧୀନସ୍ଥ ସଂସ୍ଥା, ପୌର ପରିଷଦଗୁଡ଼ିକ ଉପରେ ବିଜୁଳି ଦେୟ ବାକି ରହିଛି ତାହାକୁ ଆଦାୟ ପାଇଁ ମଧ୍ୟ ତୁରନ୍ତ ପ୍ରକ୍ରିୟା ଆରମ୍ଭ କରାଯିବାକୁ ବିଭାଗ ନିଷ୍ପତ୍ତି ନେଇଛି । ଧାର୍ଯ୍ୟ ସମୟ ମଧ୍ୟରେ ବିଜୁଳି ଦେୟ ପ୍ରଦାନ ନ କଲେ ସମ୍ପୃକ୍ତ ପୌର ସଂସ୍ଥାର ବିଦ୍ୟୁତ୍ ସଂଯୋଗ ଛିନ୍ନ କରାଯିବ ବୋଲି ବିଭାଗ ବିଚାର କରୁଛି । ବିଭାଗୀୟ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଘରୋଇ ଉପଭୋକ୍ତାଙ୍କ ଉପରେ ସର୍ବାଧିକ ୪୦୦୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଦେୟ ବକେୟା ରହିଛି । ଏହାକୁ ଏକକାଳୀନ ପରିଶୋଧ ପାଇଁ ଏକ ନିଷ୍ପତ୍ତି କରାଯିବ । ଧାର୍ଯ୍ୟ ସମୟ ମଧ୍ୟରେ ନିର୍ଦ୍ଧାରିତ ଦେୟ ପଇଠ କରିବାକୁ ସୁଯୋଗ ଦିଆଯିବ । ଅନ୍ୟପକ୍ଷରେ ବିଭିନ୍ନ ବିଭାଗ ଉପରେ ବକେୟା ଥିବା ଦେୟ ପ୍ରଦାନ ପାଇଁ ଅତିରିକ୍ତ ବଜେଟ୍‌ରେ ବ୍ୟୟବରାଦ କରାଯିବାକୁ ଅର୍ଥ ବିଭାଗକୁ ଅନୁରୋଧ କରାଯିବ ବୋଲି କହିଛନ୍ତି । ଶ୍ରୀ ମଲ୍ଲିକ ।

### କ୍ଷତିଗ୍ରସ୍ତ ଭାରତ ...

ପରିଚୟ ସୃଷ୍ଟି କରିବା ସହିତ ଏଥିରୁ ପ୍ରଚୁର ଅର୍ଥ ମଧ୍ୟ ରୋଜଗାର କରିବ । ଯଦିଓ ଭାରତ ଓ ମ୍ୟାଁମାର ଭଳି ଦେଶ ବିଦେଶକୁ ଅଧିକ ପରିମାଣର ଇଲିସି ମାଛ ରପ୍ତାନୀ କରୁଛନ୍ତି, ତଥାପି ଏ କ୍ଷେତ୍ରରେ ବାଂଲାଦେଶ ଏବେ ମନମୁଖି ବେପାର କରିବ । କାରଣ ଅନ୍ୟ ଦେଶର ଇଲିସି ଅପେକ୍ଷା ଏଣିକି ବାଂଲାଦେଶ ଇଲିସିର ଚାହିଦା ବଢ଼ିଯିବ ଓ ବିଦେଶୀଙ୍କ ପସନ୍ଦରେ ରହିବ ବାଂଲାଦେଶୀ ଇଲିସି । ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଇଲିସି ଉତ୍ପାଦନ ଓ ରପ୍ତାନୀ ଠିକ୍ ଥିଲେ ବି କୌଶଳକ୍ରମେ ବାଂଲାଦେଶ ଏହି ଜିଆଇ ମାନ୍ୟତା ମାରିନେଇଛି । ପାରାଦୀପରୁ ଆମର ଯଥେଷ୍ଟ ପରିମାଣର ଇଲିସି ଉତ୍ପାଦନ ହେଉଥିବା ସତ୍ତ୍ୱେ ଓଡ଼ିଶା କେବେ ଇଲିସି ଜିଆଇ ମାନ୍ୟତା ଦାବି କରିନଥିଲା । ହେଲେ ଗତବର୍ଷ ବାଂଲାଦେଶର ମତ୍ସ୍ୟ ବିଭାଗ ଏଥିପାଇଁ ଆବେଦନ କରି ଏହି ପ୍ୟାଟେଣ୍ଟ ହାସଲ କରିଥିବା କହିଛନ୍ତି ତାଙ୍କ ପ୍ୟାଟେଣ୍ଟ ଡିଜାଇନ ଓ ଟ୍ରେଡମାର୍କ ବିଭାଗର ରେଜିଷ୍ଟ୍ରାର ସାନୱର ହୋସେନ୍ । ଗତ ଜୁନ୍ ୯ ତାରିଖରେ ଏଥିପାଇଁ ଇଣ୍ଟରନ୍ୟାସନାଲ ଜର୍ଣ୍ଣାଲ ଅଫ୍ ପ୍ୟାଟେଣ୍ଟର ଏକ ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡିଛି । ଯଦିଓ ବାଂଲାଦେଶ ମତ୍ସ୍ୟ ବିଭାଗକୁ ପଞ୍ଜୀକରଣ ପ୍ରମାଣପତ୍ର ହସ୍ତାନ୍ତର ହୋଇନାହିଁ, ତଥାପି ଅନ୍ୟକୌଣସି ରାଷ୍ଟ୍ର ଏହାକୁ ବିରୋଧ ନକଲେ ଇଲିସିକୁ ବାଂଲାଦେଶୀ ଉତ୍ପାଦନ ଭାବେ ବିବେଚନା କରାଯିବ । ଭାରତର ୪,୫୦,୦୦୦ ଧୀବର ଇଲିସି ମାଛ ଧରୁଥିଲା ବେଳେ ବାଂଲାଦେଶରେ ମାତ୍ର ୧୨% ଇଲିସି ଉତ୍ପାଦନ କରୁଛି । କିନ୍ତୁ ବାଂଲାଦେଶ ବିଦେଶକୁ ୭୦% ଇଲିସି ରପ୍ତାନୀ କରୁଥିଲା ବେଳେ ଭାରତ ମାତ୍ର ୧୫% ଓ ମ୍ୟାଁମାର ୧୦% ଯୋଗାଉଛି । ତେଣୁ ବାଂଲାଦେଶକୁ ଇଲିସି ପାଇଁ ଜିଆଇ ମାନ୍ୟତା ଭଭାରତକୁ କ୍ଷତିଗ୍ରସ୍ତ କରିଛି ।

## ରାଜପଥ ଦୁର୍ଘଟଣା ରୋକିବା ଚିନ୍ତା

# ଯାଞ୍ଚ କରିବ ସଡ଼କ ସୁରକ୍ଷା କମିଟି

**ଭୁବନେଶ୍ୱର :** ରାଜ୍ୟ ତଥା ଦେଶରେ ଥିବା ରାଜପଥମାନଙ୍କରେ ଦିନକୁ ଦିନ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି । ଜାତୀୟ ରାଜପଥରେ ଦୁର୍ଘଟଣା ହ୍ରାସ କରିବା ଲାଗି ଯାନର ବେଗ ନିୟନ୍ତ୍ରଣ ସହ ବୁଲାଣି, ଛକ, ଜନଗହଳିପୂର୍ଣ୍ଣ ସ୍ଥାନ ଆଦି ସମ୍ପର୍କରେ ସୂଚନା ଫଳକ ମାଧ୍ୟମରେ ଗାଡି ଚାଳକଙ୍କୁ ସୂଚିତ କରାଯିବାର ବ୍ୟବସ୍ଥା କରାଯିବା ଫଳରେ ଜାତୀୟ ରାଜପଥରେ ଅନେକାଂଶରେ ଦୁର୍ଘଟଣା ହ୍ରାସ ପାଇଛି । ଓଡିଶା ଦେଇ ଯାଇଥିବା ବିଭିନ୍ନ ଜାତୀୟ ରାଜପଥମାନଙ୍କରେ ଏପରି ସୂଚନା ଫଳକ ଲଗାଯାଇଛି । ମାତ୍ର ରାଜ୍ୟ ରାଜପଥରେ ଏପରି ବ୍ୟବସ୍ଥା କରାଯାଇ ନ ଥିବାରୁ ଦୁର୍ଘଟଣାରେ ବହୁ ଧନଜୀବନ ହାନୀ ଘଟୁଛି । ଜାତୀୟ ରାଜପଥ ପରିବର୍ତ୍ତେ ରାଜ୍ୟ ରାଜପଥରେ ଦୁର୍ଘଟଣା ସଂଖ୍ୟା ଅଧିକରୁ ଅଧିକ ହେବାରେ ଲାଗିଛି । ଏହାର ମୁଖ୍ୟ କାରଣ ହେଉଛି ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ସତର୍କ ସୂଚନା ଫଳକ ନ ରହିବା । ତେଣୁ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ସତର୍କ ସୂଚନା ଫଳକ ଲଗାଇବା ପାଇଁ ପୂର୍ତ୍ତ ଡିଭିଜନର ସମସ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ରାସ୍ତା ଡିଜାଇନ ଓ ପ୍ଲାନିଂ ମୁଖ୍ୟ ଯନ୍ତ୍ରୀଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି । ଏ ସଂକ୍ରାନ୍ତ ସମସ୍ତ ତଥ୍ୟ ଏକମାସ ମଧ୍ୟରେ ଦାଖଲ କରିବାକୁ ମଧ୍ୟ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି । ନିକଟରେ ସଡକ ସୁରକ୍ଷା ସମ୍ପର୍କରେ କାର୍ଯ୍ୟରତ ଅନୁଷ୍ଠାନ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଦର୍ଶାଯାଇଥିଲା ଯେ ରାଜ୍ୟ ରାଜପଥର ଅନେକ ସ୍ଥାନରେ ସତର୍କ ସୂଚନା ଫଳକ ନାହିଁ । ଯାନର ସର୍ବାଧିକ ଗତି (ସ୍ପିଡ୍ ଲିମିଟ), ଦୁର୍ଘଟଣାପ୍ରବଣ ଅଞ୍ଚଳ, ବିଦ୍ୟାଳୟ, ହସ୍‌ପିଟାଲ, ବୁଲାଣି ରାସ୍ତା, ରାସ୍ତାରେ ଚାଲିଥିବା କାର୍ଯ୍ୟ ଓ ସମ୍ବେଦନଶୀଳ ସ୍ଥାନ ସମ୍ପର୍କିତ କୌଣସି ସୂଚନା ଫଳକ ନାହିଁ । ବୈଠକର ନିଷ୍ପତ୍ତି ଅନୁସାରେ ରାଜ୍ୟ ରାଜପଥର ବିଭିନ୍ନ ସ୍ଥାନରେ ସ୍ପିଡ ଲିମିଟ୍ ଲଗାଯିବା ସହ ଏହା କେତେଦୂର କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ଜିଲ୍ଲା ସଡକ ସୁରକ୍ଷା କମିଟି ପ୍ରତି ମାସରେ ଯାଞ୍ଚ କରିବ । ଏଥିସହ ଛକ ସ୍ଥାନ, ବୁଲାଣି, ଦୁର୍ଘଟଣାପ୍ରବଣ ଅଞ୍ଚଳ ସମେତ ବିଦ୍ୟାଳୟ, ହସ୍‌ପିଟାଲ ଆଦି ସମ୍ପର୍କିତ ସୂଚନା ଫଳକ ଲଗାଯାଇଛି କି ନାହିଁ ସେ ସମ୍ପର୍କରେ ମଧ୍ୟ ଜିଲା ସଡକ ସୁରକ୍ଷା କମିଟି ଯାଞ୍ଚ କରିବ । ବିଭିନ୍ନ ପ୍ରକାର ଦୁର୍ଘଟଣା ରୋକିବା ଲାଗି ଭାରତ ରୋଡ କଂଗ୍ରେସ ନିୟମାବଳୀ (ଆଇଆରସି)ପାଳନ କରିବାକୁ ନିର୍ଦ୍ଦେଶରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି । ଯେଉଁ ସ୍ଥାନରେ ସୂଚନା ଫଳକ ଲାଗିଲେ ଠିକ୍ ଭାବେ ଦୃଶ୍ୟମାନ ହେବନାହିଁ ସେହି ଅଞ୍ଚଳର ପ୍ରତି ୧୦ କିଲୋମିଟର ଦୂରତାରେ ଗୋଟିଏ ଲେଖାଏ ବେଗ ନିୟନ୍ତ୍ରକ ବୋର୍ଡ ଲଗାଇବାକୁ ନିର୍ଦ୍ଦେଶ ରହିଛି । ଉପରୋକ୍ତ ନିର୍ଦ୍ଦେଶକୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟକାରୀ କରି ଏକ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

ADMISSION NOTICE- 2016
College of Nursery Teachers' Education
208, Kharavel Nagar, Prananath Marg,Unit-3, Bhubaneswar
Ph: 0674 - 2396919 M: 9439013128
With promises of assured bright carrer announce admission into one year
Nursery Teachers' Training
Senior Teachers' Training
Specialisation in Early Childhood Care & Education.
Eligibility: +2 for NTT & +3 for STT
Regular & Correspondence
Free Course Materials & Spoken English
Easy Installment Facility Available
Form & Prospectus: Rs. 100/- by Cash Rs. 150/- DD in favour of College of Nursery Teachers' Education, Payable at Bhubaneswar.

